# ଯୋଗ ଓ ଜୀବନ

## (ପ୍ରଶ୍ନୋତ୍ତର – ଦ୍ୱିତୀୟ ଭାଗ)

# ସୂଚନା

'ନବଜ୍ୟୋତି'ରେ ପ୍ରକାଶିତ ଯୋଗ-ସାଧନା ସମ୍ପର୍କୀୟ କେତେକ ପ୍ରଶ୍ନୋତ୍ତରକୁ ନେଇ 'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟମାଳା'ରେ ''ଯୋଗ ଓ ଜୀବନ (ପ୍ରଶ୍ନୋତ୍ତର – ପ୍ରଥମ ଭାଗ)'' ପ୍ରକାଶ ପାଇବା ପରେ ଏହି ପୁସ୍ତିକା ତାହାର ଦ୍ୱିତୀୟ ଭାଗରୂପେ ପ୍ରକାଶିତ ହୋଇଛି । ଏଥିରେ 'କର୍ମ ଓ ସମର୍ପଣ' ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ଗୁଡ଼ିକ ସଂକଳନ କରି ସେସବୁର ସଂଶୋଧନ, ପରିବର୍ଦ୍ଧନ ଏବଂ କେତେକ ନୂତନ ସଂଯୋଗ ସହ ବିଷୟବସ୍ତୁକୁ ସାଧାରଣ ପାଠକ ଏବଂ ବିଶେଷଭାବେ ପୂର୍ଣ୍ଣଯୋଗର ପ୍ରାରମ୍ଭିକ ସାଧକମାନଙ୍କ ପାଇଁ ସରଳ ଓ ଚିତ୍ତାକର୍ଷକ କରାଯାଇଛି । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ 'କର୍ମ ଓ ସମର୍ପଣ'ର ଗୁରୁତ୍ୱ ଓ ଆବଶ୍ୟକତା, ନିଷ୍କାମ କର୍ମ, ଗାର୍ହସ୍ଥ୍ୟ ଜୀବନରେ ଦୁଷ୍କର୍ମରୁ ମୁକ୍ତ ହୋଇ ଭାଗବତ କର୍ମରେ ପ୍ରବେଶ କରିବାର ଉପାୟ, ମା'ଙ୍କ ଆଶୀର୍ବାଦ, ଅତିମାନସ ଶକ୍ତିର ଅବତରଣ ଓ ପରିଶେଷରେ ଯୋଗ-ଜୀବନ ଓ ସଂସାର-ଜୀବନର ସ୍ୱରୂପ ସମ୍ପର୍କରେ ଆଲୋଚନା ସର୍ବସାଧାରଣଙ୍କର କେତେକ ଦୈନନ୍ଦିନ ଜୀବନ-ସମସ୍ୟାର ସମାଧାନରେ ବିଶେଷ ସହାୟକ ହେବ ବୋଲି ଆଶାକରୁ ।

– ପ୍ରକାଶକ

# ଯୋଗ ଓ ଜୀବନ

(ପ୍ରଶ୍ନୋତ୍ତର – ଦ୍ୱିତୀୟ ଭାଗ)

## କର୍ମ ଓ ସମର୍ପଣ

## (୧)

## ସମର୍ପଣର ଆବଶ୍ୟକତା

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ତଥା ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର । ଏହି ଲକ୍ଷ୍ୟପ୍ରାପ୍ତିର ଉପାୟ କ'ଣ ?

ଉତ୍ତର : ଏହି ଲକ୍ଷ୍ୟ-ପ୍ରାପ୍ତିର ଉପାୟ ହେଲା ଅଭୀପ୍ସା, ସମର୍ପଣ ତଥା ପ୍ରତିକୂଳ ବସ୍ତୁ ଓ ପ୍ରତିକୂଳ ଗତିବୃତ୍ତିର ତ୍ୟାଗ । ଅଭୀପ୍ସାର ଅର୍ଥ ତୀବ୍ରଭାବେ ଭଗବତ୍ ପ୍ରାପ୍ତି, ଶାନ୍ତି, ଏକାଗ୍ରତା, ଆନନ୍ଦ, ସମର୍ପଣକୁ ମନ-ପ୍ରାଣରେ ପ୍ରତିଷ୍ଠା କରିବାକୁ ଚାହିଁବା । ପ୍ରାଣରେ ସ୍ୱାର୍ଥ ଥାଏ, ସେଥିରୁ କାମନା-ବାସନାତୃପ୍ତି ସକାଶେ ଇଚ୍ଛାକୁ କୁହାଯାଏ ଚାହିଁବା । କିନ୍ତୁ ଆତ୍ମାରେ ସ୍ୱାର୍ଥ ନ ଥାଏ । ସେହି ସକାଶେ ତା' ଚାହିଁବାର ନାମ ହୁଏ ଅଭୀପ୍ସା ।

ସମର୍ପଣର ଅର୍ଥ ନିଜେ ଏବଂ ନିଜର ଯାହାକିଛି ସମସ୍ତ – ପ୍ରତ୍ୟେକ କର୍ମ, ମନ-ପ୍ରାଣର ପ୍ରତ୍ୟେକ ଗତିବୃତ୍ତି, ଗୃହ-ପରିବାର, ସମ୍ପତ୍ତି ମା'ଙ୍କ ଚରଣରେ ସମର୍ପଣ । ଅର୍ଥାତ୍ ସମସ୍ତ କିଛି ମା'ଙ୍କର ଜାଣି, ମା'ଙ୍କ ସେବା ଭାବରେ ମା'ଙ୍କ ସକାଶେ କର୍ମ କରିବା ।

ପ୍ରଶ୍ନ : ପ୍ରତ୍ୟେକ ଯୋଗରେ ତ ଭଗବାନଙ୍କୁ ସମର୍ପଣ କରାଯାଏ, ଏ ଯୋଗରେ ମା'ଶ୍ରୀଅରବିନ୍ଦଙ୍କୁ କାହିଁକି ସମର୍ପଣ କରାହେବ ?

ଉତ୍ତର : ଭଗବାନ୍, ମା' ଏବଂ ଶ୍ରୀଅରବିନ୍ଦ ଏକ ତତ୍ତ୍ୱ ତଥା ଅଭେଦ, ଏକ । ମା'ଙ୍କୁ ସମର୍ପଣ କରିବାର ଅର୍ଥ ଭଗବାନଙ୍କୁ ସମର୍ପଣ ।

'ଶ୍ୱେତ ଗୋଲାପ' (White Roses) ର ଗୋଟିଏ ପ୍ରଶ୍ନୋତ୍ତର ଏଠାରେ ଉଦ୍ଧାର କରିବା –

Q – Mother, to love you, to love the Lord or to love Sri Aurobindo ? Whom can I love ?

A – Love, love, love as much as you can – the Lord, Sri Aurobindo and me – None of this love is wasted.

[ପ୍ରଶ୍ନ : ମା', ମୁଁ କାହାକୁ ଭକ୍ତି କରିବି ? ଆପଣଙ୍କୁ ଭକ୍ତି କରିବି କି ପରାତ୍ପର ପରମେଶ୍ୱରଙ୍କୁ ଭକ୍ତି କରିବି କିଂବା ଶ୍ରୀଅରବିନ୍ଦଙ୍କୁ ଭକ୍ତି କରିବି ?

ଉତ୍ତର : ଭକ୍ତି, ଭକ୍ତି, ତୁ ଯେତେ ଭକ୍ତି କରିପାରୁ କର – ପରାତ୍ପର ପରମେଶ୍ୱରଙ୍କୁ, ଶ୍ରୀଅରବିନ୍ଦଙ୍କୁ ଏବଂ ମୋତେ – ଏହି ଭକ୍ତି ବ୍ୟର୍ଥ ହେବ ନାହିଁ ।]

Love ର ଶବ୍ଦଗତ ଅର୍ଥ ପ୍ରେମ । କିନ୍ତୁ ପ୍ରାଚୀନ ଅଧ୍ୟାତ୍ମ ଗ୍ରନ୍ଥ ଏବଂ ବର୍ତ୍ତମାନ ବ୍ୟାବହାରିକ ଦୃଷ୍ଟିରୁ Love ର ଅର୍ଥ ଭକ୍ତି; ଏହା ବିଶେଷ ଯୁକ୍ତିସଙ୍ଗତ ।

ଏଥିରୁ ସ୍ପଷ୍ଟ ହେଉଛି ଯେ ମା'ଶ୍ରୀଅରବିନ୍ଦ ଓ ଭଗବାନ୍ ଏକ ତତ୍ତ୍ୱ ।

*

ପ୍ରଶ୍ନ : କେଉଁଠି ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ "The Mother" ପୁସ୍ତକରେ ଯେଉଁ "Divine Mother" (ଦିବ୍ୟ-ଜନନୀ)ଙ୍କ କଥା ଉଲ୍ଲେଖ କରା ହୋଇଛି, ସେହିଁ ହେଉଛନ୍ତି ଆଶ୍ରମର ମା' ?

ଉତ୍ତର : ମା'ଙ୍କ ସମ୍ବନ୍ଧେ ଯେଉଁ ପ୍ରଶ୍ନ କରାହୋଇଥିଲା ତାହାର ଉତ୍ତର ଶ୍ରୀଅରବିନ୍ଦ ପତ୍ର ଦ୍ୱାରା ଦେଇଥିଲେ । ସେହି ପତ୍ରଗୁଡ଼ିକ "Sri Aurobindo On Himself and On the Mother" ପୁସ୍ତକରେ ପ୍ରକାଶିତ ହୋଇଛି ।

Q – Do you refer to the Mother (Our Mother) in your book "The Mother" ?

A – Yes. (pp. 431-438)

[ପ୍ରଶ୍ନ : ଆପଣଙ୍କ 'ମା' ବହିରେ କ'ଣ ଆମ୍ଭର ଏହି ମା'ଙ୍କୁ ଭାଗବତୀ ଜନନୀ ବୋଲି ସମ୍ବୋଧନ କରି ଅଛନ୍ତି ?

ଉତ୍ତର : ହଁ ।]

*

ପ୍ରଶ୍ନ : ଏହା ବ୍ୟତୀତ ଶ୍ରୀଅରବିନ୍ଦ ମା'ଙ୍କ ସମ୍ବନ୍ଧେ ଆଉ କିଛି କହିଛନ୍ତି କି ?

ଉତ୍ତର : ବହୁତ କିଛି କହିଛନ୍ତି । ସେଥିରୁ କେତୋଟି କଥା ନିମ୍ନରେ ପ୍ରଦତ୍ତ ହେଲା ।

ଯେତେବେଳେ ଶ୍ରୀଅରବିନ୍ଦ ଆଶ୍ରମର ସମସ୍ତ ଭାର ମା'ଙ୍କୁ ଦେଇ ଏକାନ୍ତବାସ ଗ୍ରହଣ କଲେ, ସେତେବେଳେ କେତେଜଣ ସାଧକ ଶ୍ରୀଅରବିନ୍ଦଙ୍କର ଏହି ବ୍ୟବସ୍ଥାକୁ ଗ୍ରହଣ କରିବାକୁ ସମର୍ଥ ହେଲେ ନାହିଁ । ସେମାନଙ୍କ ପତ୍ରର ଉତ୍ତରରେ ଶ୍ରୀଅରବିନ୍ଦ ଲେଖିଥିଲେ, ''ମା'ଙ୍କଠାରୁ ଯେଉଁମାନେ ସାହାଯ୍ୟ ପାଇପାରନ୍ତି ନାହିଁ, ମୋ'ଠାରୁ ମଧ୍ୟ ସେମାନେ ସାହାଯ୍ୟ ପାଇପାରିବେ ନାହିଁ ।''

ଶ୍ରୀଅରବିନ୍ଦ ଅନେକ ସ୍ଥାନରେ କହିଛନ୍ତି – ''ବହୁତ ସାଧକ ମୋତେ ଓ ମା'ଙ୍କୁ ଜାଣନ୍ତି ନାହିଁ, ସେମାନଙ୍କୁ ଆମ୍ଭେମାନେ ସାହାଯ୍ୟ କରୁଅଛୁ, ଆମ୍ଭମାନଙ୍କ ସାହାଯ୍ୟ ପାଇ ସେମାନେ ସାଧନାରେ ଅଗ୍ରସର ହେଉଅଛନ୍ତି ।''

ଅନ୍ୟତ୍ର ପୁଣି ସେ କହିଛନ୍ତି – ''ଯଦି ତୁ ଚୈତ୍ୟ-ନବଜନ୍ମକୁ ଅସ୍ୱୀକାର କରୁ, ଯଦି ତୁ ମା'ଙ୍କର ନବଜାତ ଶିଶୁ ହେବାକୁ ନ ଚାହୁଁ, ତୋର ବୁଦ୍ଧିଗତ ଜ୍ଞାନ କିଂବା ମନର ଧାରଣାବଳୀ ଅଥବା ପ୍ରାଣର ବାସନାରାଜି ପ୍ରତି ଆସକ୍ତ ରହୁ, ତାହାହେଲେ ସାଧନାରେ ବିଫଳତା ଆସିବ ।''

ଅନ୍ୟ ପକ୍ଷରେ ଯେପର୍ଯ୍ୟନ୍ତ ମନର ସୀମା ମଧ୍ୟରେ ମନୁଷ୍ୟ ବାସ କରେ ସେ ପର୍ଯ୍ୟନ୍ତ ମା'ଙ୍କୁ ଗୁରୁ ରୂପେ ଗ୍ରହଣ କରେ, ଶ୍ରଦ୍ଧା କରେ ଏବଂ ସାଧନା ଆରମ୍ଭ କରେ । କ୍ରମଶଃ ମନର ସୀମାକୁ ଅତିକ୍ରମ କଲେ ମା'ଙ୍କର ଯଥାର୍ଥ ସ୍ୱରୂପର ଝଲକ ପାଏ ଏବଂ ବିଶ୍ୱାସ କରେ । ଯେତେବେଳେ ଅତିମାନସ ସ୍ତରରେ ପହଞ୍ଚେ ସେତେବେଳେ ମା'ଙ୍କ ସ୍ୱରୂପକୁ ଯଥାର୍ଥଭାବେ ଉପଲବ୍ଧ୍ କରେ । ତା' ପୂର୍ବରୁ ମା'ଙ୍କୁ ଭାଗବତୀ ଜନନୀ ରୂପେ ଗ୍ରହଣ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ । ଯେଉଁମାନେ ମା'ଙ୍କୁ ଭାଗବତୀ ଜନନୀ ବୋଲି ମାନନ୍ତି ସେମାନଙ୍କ କଥା ଭିନ୍ନ ।

ଶ୍ରୀମା'ଙ୍କୁ Divine Mother (ଦିବ୍ୟ ଜନନୀ) ରୂପେ ସାଧକମାନେ ଗ୍ରହଣ କରିଅଛନ୍ତି । କାରଣ ଶ୍ରୀଅରବିନ୍ଦ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ପରାତ୍ପରା ଭାଗବତୀ ଜନନୀ, ମା'ଙ୍କ ରୂପେ ସ୍ୱେଚ୍ଛାରେ ଅଜ୍ଞାନର ବସନ ପରିଧାନ କରି ଏହି ଧରାତଳେ ଅବତୀର୍ଣ୍ଣା ହୋଇଅଛନ୍ତି ମନୁଷ୍ୟକୁ ଉଠାଇ ନେଇଯିବେ ବୋଲି ସେହି ଅତିମାନସ ଦିବ୍ୟ ଭୂମିକୁ ।

*

ପ୍ରଶ୍ନ : ଯଦି ମା', ଶ୍ରୀଅରବିନ୍ଦ ଏବଂ ଭଗବାନ୍ ଏକ ତତ୍ତ୍ୱ ତେବେ ଭଗବାନଙ୍କୁ ସମର୍ପଣ କଲେ ଶ୍ରୀଅରବିନ୍ଦ ଯୋଗସିଦ୍ଧି ହୋଇପାରିବ । ପୁଣି ମା'ଙ୍କୁ ସମର୍ପଣ କରିବାରେ ବିଶେଷତ୍ୱ କ'ଣ ?

ଉତ୍ତର : ମା'ଙ୍କୁ ସମର୍ପଣ କରିବାରେ ବିଶେଷତ୍ୱ ହେଲା – ଭଗବାନ୍ ସ୍ଥୂଳ ଦୃଷ୍ଟିରେ ଅଦୃଶ୍ୟ, ମାତ୍ର ମା' ଆମ୍ଭ

ସମ୍ମୁଖରେ ଶରୀର ଧାରଣ କରି ଆମରି ପରି କର୍ମ କରୁଅଛନ୍ତି; ଆମ୍ଭମାନଙ୍କର ଭଲମନ୍ଦ ଶୁଣୁଅଛନ୍ତି ଏବଂ ଆବଶ୍ୟକ ସ୍ଥଳେ ସାନ୍ତ୍ୱନା ଦେଉଅଛନ୍ତି ଓ ନିର୍ଦ୍ଦେଶ ଦେଉଅଛନ୍ତି । ଏହି ରୂପାନ୍ତର ଯୋଗ ସିଦ୍ଧି କରିବା ସକାଶେ ଏହି ପୃଥିବୀକୁ ଆସିଅଛନ୍ତି । ନିଜେ ସାଧନା କରି ଆମ୍ଭ ସମ୍ମୁଖରେ ଆଦର୍ଶ ରଖିଅଛନ୍ତି, ଆମ୍ଭଙ୍କୁ ଲକ୍ଷ୍ୟ ଦିଗରେ ଅଙ୍ଗୁଳି ନିର୍ଦ୍ଦେଶ କରି ପରିଚାଳନା କରୁଅଛନ୍ତି । ଏହି କାରଣରୁ ମା'ଙ୍କୁ ସମର୍ପଣ କରିବା ସୁବିଧାଜନକ । ଭଗବାନଙ୍କୁ ଆମ୍ଭେମାନେ ଏହି ସ୍ଥୂଳ ଦୃଷ୍ଟିରେ ଦେଖିପାରୁ ନାହୁଁ, ତାଙ୍କ କଥା ଶୁଣିପାରୁ ନାହୁଁ, ତାଙ୍କ ନିର୍ଦ୍ଦେଶ ବୁଝିପାରୁ ନାହୁଁ, ସେ ସ୍ୱୟଂ କର୍ମ କରି ଆମ୍ଭ ସମ୍ମୁଖରେ ଆଦର୍ଶ ରଖିପାରୁ ନାହାନ୍ତି । ଏହି କାରଣରୁ ତାଙ୍କୁ ସମର୍ପଣ କରିବା ସେତେ ସହଜ ନୁହେଁ ।

ତୁମେ କହୁଛ, ''ମା', ଶ୍ରୀଅରବିନ୍ଦ ଓ ଭଗବାନ୍ ଏକ ।'' ଏହା କେବଳ ତୁମର ଶବ୍ଦ ନା ଏଥିରେ କିଛି ଯଥାର୍ଥତା ଅଛି ? ଯଦି ଯଥାର୍ଥରେ ଏକ ମନେ କରନ୍ତେ, ତେବେ ଏହି ପ୍ରଶ୍ନ କରିବାର ଆବଶ୍ୟକତା ନ ଥା'ନ୍ତା । ଭଗବାନ୍ ସବୁ ସମୟରେ ସମସ୍ତ ସ୍ଥାନରେ ବିଦ୍ୟମାନ ଥାଆନ୍ତି । କିନ୍ତୁ ଆମ୍ଭେମାନେ ଦେଖିପାରୁ ନାହିଁ । ସେହି ସକାଶେ ଭଗବାନ୍ ସର୍ବତ୍ର ବିଦ୍ୟମାନ ବୋଲି କେବଳ ଶବ୍ଦରେ କହିବା ଛଡ଼ା ଅନୁଭବ କରୁ ନାହିଁ । ପୃଥିବୀରେ ନୂତନ ସତ୍ୟ ତଥା ନୂତନ ଚେତନା ପ୍ରତିଷ୍ଠା କରିବାକୁ ହେଲେ ସର୍ବତ୍ର ବିଦ୍ୟମାନ ଥିବା ଭଗବାନଙ୍କ ଦ୍ୱାରା କାର୍ଯ୍ୟ ସିଦ୍ଧ ହୁଏ ନାହିଁ; ସେହି ସର୍ବମୟ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେଇ ଆମ୍ଭମାନଙ୍କ ସହିତ ନିବାସ କରନ୍ତି । ଆମ୍ଭମାନଙ୍କ ସହିତ ମାତା, ପିତା, ଗୁରୁରୂପେ ସମ୍ବନ୍ଧ ସ୍ଥାପନ କରନ୍ତି । ସେ ରହନ୍ତି ସର୍ବଦା ତାଙ୍କର ଉଚ୍ଚତର ଭଗବତ୍ ଚେତନାରେ, ବ୍ୟବହାର କରନ୍ତି ଆମ୍ଭମାନଙ୍କ ସହିତ ଆମ୍ଭମାନଙ୍କ ସ୍ତରରେ ଉତରି ଆସି । ଏହାରି ଦ୍ୱାରା ସେ ଆମ୍ଭମାନଙ୍କୁ ଉଚ୍ଚତର ଚେତନାକୁ ଉଠାଇନିଅନ୍ତି । ଏଥିରେ ଆମ୍ଭମାନଙ୍କୁ ସାଧନାରେ ବିଶେଷ ସାହାଯ୍ୟ ମିଳେ । ଅତଏବ ମା'ଙ୍କୁ ସମର୍ପଣ କରିବା ଆବଶ୍ୟକ ।

ଭଗବାନ୍ ସର୍ବସମର୍ଥ । କିନ୍ତୁ ନୂତନ ଆଦର୍ଶ ବା ନୂତନ ଚେତନାକୁ ପୃଥିବୀରେ ସ୍ଥାପନ କରିବା ସମୟରେ ସେ ତାଙ୍କର ସେହି ସର୍ବଶକ୍ତିମତ୍ତାକୁ ପ୍ରୟୋଗ କରନ୍ତି ନାହିଁ । ମନୁଷ୍ୟ ଶରୀର ଧାରଣ କରି ଏହି ପୃଥିବୀକୁ ଆସନ୍ତି ଏବଂ ଶିକ୍ଷା ଦିଅନ୍ତି । ସେହି ସମୟ ଅତୀତ ହୋଇଗଲେ, ବ୍ୟକ୍ତିର ଚେତନା ବିକଶିତ ହୋଇଯାଏ । ସେହି ଅବତାରଙ୍କ ଶିକ୍ଷା ଥିବା ସତ୍ତ୍ୱେ ତଦ୍ୱାରା ବ୍ୟକ୍ତିର ଲାଭ ହୁଏ ନାହିଁ । ପୁନଶ୍ଚ ଭଗବାନ୍ ଅବତାର ନିଅନ୍ତି ।

ତ୍ରେତୟାରେ ଭଗବାନ୍ ଶ୍ରୀରାମରୂପେ ଅବତାର ନେଇ ଆଦର୍ଶ ଗାର୍ହସ୍ଥ୍ୟ ଧର୍ମ ଶିକ୍ଷା ଦେଇଥିଲେ । ମନୁଷ୍ୟ-ଚେତନାର ବିକାଶ ହେବା ପରେ ଶ୍ରୀରାମଙ୍କ ଶିକ୍ଷା ଥିବା ସତ୍ତ୍ୱେ ନୂତନ ଚେତନା ପ୍ରତିଷ୍ଠା କରିବା ସକାଶେ ଶ୍ରୀକୃଷ୍ଣ ଅବତାର ନେଲେ । ପୃଥିବୀରେ ଭଗବାନଙ୍କର ଅବତାର ନ ଥିବା ଅବସ୍ଥାରେ ଅଶରୀରୀ ଭଗବାନଙ୍କୁ ସମର୍ପଣ କରି ତାଙ୍କ ଆଶ୍ରୟରେ ନିଜେ ପ୍ରଯତ୍ନ କରି ତାଙ୍କ ଶିକ୍ଷା ଦ୍ୱାରା ବ୍ୟକ୍ତି ତାଙ୍କୁ ପ୍ରାପ୍ତି କରିପାରେ । କିନ୍ତୁ ଏହି ପ୍ରଣାଳୀରେ ପୃଥିବୀରେ କୌଣସି ନୂତନ ଚେତନା ବା ନୂତନ ଆଦର୍ଶ ପ୍ରତିଷ୍ଠା ହୋଇପାରେ ନାହିଁ । ସେଥିସକାଶେ ଭଗବାନଙ୍କୁ ଏହି ଧରାଧାମକୁ ଆସିବାକୁ ହୁଏ । ସେ ସ୍ୱୟଂ ମନୁଷ୍ୟଜାତିର ସମସ୍ତ ଅପୂର୍ଣ୍ଣତା, ଦୋଷତ୍ରୁଟିକୁ ଗ୍ରହଣ କରନ୍ତି, ଆମ୍ଭମାନଙ୍କର ଦୁଃଖକଷ୍ଟକୁ ବହନ କରନ୍ତି । ନୂତନ ଚେତନା ସ୍ଥାପନ କରିବା ସକାଶେ ପ୍ରତିକୂଳ ଶକ୍ତି ସହିତ ଘୋର ଯୁଦ୍ଧ କରନ୍ତି । ଆମ୍ଭମାନଙ୍କ ସକାଶେ ନୂତନ ମାର୍ଗ ନିର୍ମାଣ କରନ୍ତି । ନିଜେ ସାଧନା କରି ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖନ୍ତି; ତାଙ୍କ ଚରଣରେ ନିଜକୁ ସମର୍ପଣ କଲେ ଆମ୍ଭମାନଙ୍କ ଅଙ୍ଗୁଳି ଧରି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି ।

ଶ୍ରୀରାମ, ଶ୍ରୀକୃଷ୍ଣ ମନୁଷ୍ୟ ଶରୀରରେ ଅବତାର ନେଇ ମନୁଷ୍ୟ ମଧ୍ୟସ୍ଥ ମନଃସ୍ତର ଚେତନାରେ ବିକାଶ କରାଇଥିଲେ । ପୃଥିବୀରେ ଗୋଟିଏ ଏକେବାରେ ନୂତନ ଚେତନା ସ୍ଥାପନ କରି ନ ଥିଲେ । ମା'ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ହେଉଛି ଏକେବାରେ ନୂତନ; ପଶୁ ପରେ ମନୁଷ୍ୟଜାତି ପୃଥିବୀରେ ପ୍ରତିଷ୍ଠା ସଦୃଶ ମନୁଷ୍ୟ ପରେ ଅତିମାନବଜାତି ପ୍ରତିଷ୍ଠା, ମନୁଷ୍ୟର ଗୁଣଧର୍ମରୁ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂତନ । ମାନବର ଅପୂର୍ଣ୍ଣତା, ଅଜ୍ଞାନତା, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅଶାନ୍ତି, ନିରାନନ୍ଦ, ଶୋକତାପ, ମୋହମାୟା, ରୋଗ, ଜରା, ମୃତ୍ୟୁକୁ ଅତିମାନବ ଅତିକ୍ରମ କରିବ; ଏହା ଉପରେ ପୂର୍ଣ୍ଣତଃ ଅଧିକାର ପ୍ରାପ୍ତ ହେବ; ଏବଂ ନିବାସ କରିବ ପୂର୍ଣ୍ଣ ଜ୍ଞାନ, ଅଖଣ୍ଡ ଶାନ୍ତି, ରୋଗ-ଜରା-ମୃତ୍ୟୁମୁକ୍ତ ପୂର୍ଣ୍ଣ ଆନନ୍ଦରେ ।

ସେ ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବ । ସେହି ଏକହିଁ ଅବସ୍ଥାରେ ଭାଗବତୀ ଶକ୍ତି ଦ୍ୱାରା ଭଗବାନଙ୍କ ଯନ୍ତ୍ରରୂପେ ପରିଚାଳିତ ହେବ । ଏହା ଫଳରେ ସମସ୍ତ ସଂସାରରେ ଗୋଟାଏ ପରିବର୍ତ୍ତନ ଆସିବ, ଏହି ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି କାର୍ଯ୍ୟ ମହାନ୍ ଦୁରୂହ । ଏହି କାର୍ଯ୍ୟ ସାଧକ ପକ୍ଷେ ଏକେବାରେ ଅସମ୍ଭବ । ସାଧକକୁ କେବଳ କରିବାକୁ ହୁଏ ମା'ଙ୍କ ଚରଣରେ ନିଜକୁ ସମର୍ପଣ । ରୂପାନ୍ତର କାର୍ଯ୍ୟ କରନ୍ତି ମା' । ଏହି କାରଣରୁ ମା'ଙ୍କ ଚରଣରେ ସାଧକର ସମସ୍ତ ସତ୍ତାର ସମର୍ପଣ ଅନିବାର୍ଯ୍ୟ ।

*

ପ୍ରଶ୍ନ : ତୁମେ ଯାହା କହୁଛ ତାହା ଏକେବାରେ ଯୁକ୍ତିଯୁକ୍ତ । ଏହାକୁ ପ୍ରମାଣ କରୁଅଛି ପରମପୁରୁଷ ଶ୍ରୀଅରବିନ୍ଦଙ୍କର ମୁଖନିଃସୃତ ବାକ୍ୟ । ଏହା ଯଥାର୍ଥ ହେବା ସତ୍ତ୍ୱେ ମନୁଷ୍ୟର ସ୍ୱଭାବ ବିଚିତ୍ର । ସେ ପ୍ରତ୍ୟକ୍ଷ ସତ୍ୟକୁ ଗ୍ରହଣ ନ କରି ସେଥିରେ ସନ୍ଦେହ କରେ । ଯଦି କେହି ମା'ଙ୍କୁ ଭାଗବତୀ ଜନନୀରୂପେ ଗ୍ରହଣ କରିବାକୁ ଅସମର୍ଥ ହୁଏ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା କରିବାକୁ ଚାହେଁ, ତେବେ କ'ଣ ସେ ସାଧନା କରିପାରିବ ନାହିଁ ? ଏପରି ବ୍ୟକ୍ତିଙ୍କ ସକାଶେ କ'ଣ କୌଣସି ଉପାୟ ନାହିଁ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତି ସକାଶେ ଉପାୟ ଅଛି । ପ୍ରତ୍ୟେକ ବ୍ୟକ୍ତି ସାଧନା କରିପାରିବେ । ମା'ଙ୍କ ମଧ୍ୟରେ ଆଦ୍ୟାଶକ୍ତି ଧାରଣା କରିବା ସହଜ । ଯଦି କାଷ୍ଠରେ ଚିତା ଲେଖି ସେଥିରେ ଭଗବାନଙ୍କୁ ଧାରଣା କରାଯାଏ, ପଥରଗୁଡ଼ିଏ ରଖି ସେଥିରେ ଗ୍ରାମ-ଦେବତୀଙ୍କୁ ପୂଜା କରି ବ୍ୟକ୍ତି ଫଳ ପାଏ, ତେବେ ମା'ଙ୍କ ମଧ୍ୟରେ ଆଦ୍ୟାଶକ୍ତି ଧାରଣା କରିବାରେ ବ୍ୟକ୍ତିକୁ ଅସୁବିଧା କ'ଣ ? ଆଦ୍ୟାଶକ୍ତି ହେଲେ ନିରାଟ ସତ୍ୟ ବସ୍ତୁ । ତାଙ୍କୁ ଯଦି ମନ୍ଦିରର ପଥର ମୂର୍ତ୍ତିରେ, କାଗଜ ଫଟୋରେ ଧାରଣା କରି ବ୍ୟକ୍ତି ଫଳ ପାଏ, ତେବେ ମା'ଙ୍କ ମଧ୍ୟରେ ଆଦ୍ୟାଶକ୍ତି ଧାରଣା କରିବାରେ କ୍ଷତି କ'ଣ ? ମନୁଷ୍ୟ ଯେଉଁ ବସ୍ତୁରେ ଭଗବତ୍ ଧାରଣା ଦୃଢ଼ଭାବେ କରେ, ସେଥିରେ ଫଳ ପାଏ । ନାଭାଜିଙ୍କ ''ଭକ୍ତମାଳା''ର ଗୋଟିଏ ଚରିତ ଏଠାରେ ଉଲ୍ଲେଖ କରିବା : —

ସାଧୁସନ୍ଥମାନେ ପ୍ରାୟ ସର୍ବତ୍ର ବିଚରଣ କରି ଗାର୍ହସ୍ଥ୍ୟ ଭକ୍ତମାନଙ୍କୁ ସଦୁପଦେଶ ଦିଅନ୍ତି । ସେମାନେ ଯେଉଁ ସତ୍ୟ ଉପଲବ୍ଧି କରିଥାଆନ୍ତି ଅନ୍ୟକୁ ତାହା ପ୍ରାପ୍ତ ହେବା ମାର୍ଗର ନିର୍ଦ୍ଦେଶ ଦିଅନ୍ତି । ଦିନେ ଜଣେ ସାଧୁ ଗୋଟିଏ ଭକ୍ତର ଗୃହକୁ ଆଗମନ କଲେ । ସ୍ନାନ, ସନ୍ଧ୍ୟାପରେ ଠାକୁର ଝୋଲି ଖୋଲି ସେଥିରୁ ଗୋଟିଏ ଛୋଟ କିନ୍ତୁ ସୁନ୍ଦର ରୌପ୍ୟ ସିଂହାସନ ବାହାର କଲେ । ନିଜ ସମ୍ମୁଖରେ ସୁନ୍ଦର ବସ୍ତ୍ର ବିଛାଇ ତା'ପରେ ଠାକୁର ଶାଳଗ୍ରାମଙ୍କ ସିଂହାସନ ରଖିଲେ । ଶାଳଗ୍ରାମଙ୍କୁ ସ୍ନାନ କରାଇଲେ, ପୁଷ୍ପତୁଳସୀ, ଚନ୍ଦନ ଅର୍ପଣ କଲେ, ଭୋଗ ଦେଇ ଆଳତି କରି ସ୍ତୁତି କଲେ । ଏହିସବୁ କୃତ୍ୟ ଏକାଗ୍ରତା ସହ ଦେଖୁଥିଲା ସେହି ଗୃହର ଗୋଟିଏ ଛୋଟ ବାଳିକା । ପିତାମାତାଙ୍କର ସଂସ୍କାର ପ୍ରାପ୍ତ ହୁଏ ସନ୍ତାନମାନଙ୍କୁ । ପିତାମାତା ଭକ୍ତ ଥିବାରୁ ବାଲ୍ୟାବସ୍ଥାରୁ କନ୍ୟା ହୃଦୟରେ ଅଜ୍ଞାତରୂପେ ଭଗବତ୍ ଭକ୍ତି-ଭାଗୀରଥୀର ଏକ କ୍ଷୀଣ ସ୍ରୋତ ପ୍ରବାହିତ ହେଉଥିଲା । ମହାତ୍ମାଙ୍କ ଭକ୍ତିରୂପ ମାନସନନ୍ଦିନୀ ସରଯୁ-ସ୍ରୋତର ମିଳନରେ ତାହା ତୀବ୍ର ବେଗ ଧାରଣ କଲା । ବାଳିକା ଠାକୁରଙ୍କୁ ପୂଜା କରିବା ସକାଶେ ବିନୀତଭାବେ ମହାତ୍ମାଙ୍କଠାରୁ ଶାଳଗ୍ରାମ ମୂର୍ତ୍ତି ଭିକ୍ଷା କଲା । ମହାତ୍ମା ଯେତେ ବୁଝାଇଲେ ମଧ୍ୟ ସେଥିରେ ତାକୁ ସନ୍ତୋଷ ହେଲା ନାହିଁ । ଶେଷରେ ରାସ୍ତାରେ ପଡ଼ିଥିବା ଦୁଇଟି ପଥର ଗୋଟାଳି ଆଣି ବାଳିକାଟିକୁ ଦେଇ କହିଲେ, ''ଏହାଙ୍କୁ ପୂଜା କର ।'' ସରଳ-ହୃଦୟା ବାଳିକା ଦୃଷ୍ଟିରେ ସେହି ପଥର ଗୋଟାଳି ଥିଲା ଭଗବାନଙ୍କ ବିଗ୍ରହ । ତାଙ୍କୁ ପ୍ରତିଦିନ ସାନନ୍ଦ-ଉତ୍ସାହରେ ପୂଜା କରୁଥିଲା । ତା'ର ସମସ୍ତ ଆସକ୍ତି, ମମତା, ପ୍ରେମ ଏକତ୍ର ହୋଇଥିଲା ସେହି ବିଗ୍ରହରେ । ତାଙ୍କରି ସ୍ମରଣ, ତାଙ୍କରି ସ୍ତୁତି, ତାଙ୍କରି ଲୀଳା, ତାଙ୍କରି ଚରିତ୍ର ମନନରେ ସମସ୍ତ ସମୟ ବ୍ୟତୀତ କରୁଥିଲା ।

କିଛି ଦିନ ଏହିପରି ବିତିଗଲା । ବିବାହ ଉପଯୁକ୍ତ ହେବାରୁ ତା' ଅନିଚ୍ଛା ସତ୍ତ୍ୱେ ପିତାମାତା ତାକୁ ବିବାହ କରାଇଦେଲେ । ସେ ଦେଶର ପ୍ରଥାନୁସାରେ ବର ଏବଂ କନ୍ୟା ଗୋଟିଏ ସବାରିରେ ବରଗୃହକୁ ଯାଆନ୍ତି । ଯିବା ସମୟରେ କନ୍ୟା ନିଜ ସବାରିରେ ନିଜ ଠାକୁରଙ୍କ ପେଟାରୀ ରଖି ନେଲା । ନବ ବିବାହିତା ପତ୍ନୀ ସହିତ ଆମୋଦ-

ପ୍ରମୋଦରେ କଥାବାର୍ତ୍ତା କରିବାକୁ ପତି ଚାହୁଁଥାଏ । କିନ୍ତୁ ପତ୍ନୀର ମନ ଏବଂ ଚେତନା ଭଗବାନଙ୍କ ଚରଣାରବିନ୍ଦ-ମକରନ୍ଦରେ ନିମଜ୍ଜିତ ହୋଇଯାଇଥାଏ । ତାକୁ ସେହି ଆମୋଦ-ପ୍ରମୋଦ କଥାବାର୍ତ୍ତା ଶୁଷ୍କ, ନୀରସ, ନିରର୍ଥକ ଏବଂ ବିରକ୍ତିକର ପ୍ରତୀତ ହେଉଥାଏ । ପତ୍ନୀର ଏହି ଉଦାସୀନ ତଥା ପ୍ରତିକୂଳ ଅବସ୍ଥା ଦେଖି ପତି ଭୀଷଣ ରାଗିଗଲା । ପତ୍ନୀର ଉଦାସୀନ ଓ ବିରକ୍ତ ହେବାର କାରଣ କେବଳ ଠାକୁରଜି ବୋଲି ବୁଝି ପାରିଲା । ଗୋଟିଏ ନଦୀ ପାର ହେବା ସମୟରେ ନଦୀର ପ୍ରଖର ସ୍ରୋତରେ ପତ୍ନୀର ଠାକୁର ପେଟାରୀଟିକୁ ପତି ଫିଙ୍ଗି ଦେଲା । ଏଥିରେ ପତ୍ନୀର ହୃଦୟ ବିଦୀର୍ଣ୍ଣ ହୋଇଗଲା, ତା'ର ଶୋକର ସୀମା ରହିଲା ନାହିଁ । ତା' ଆଖିରୁ ଅନବରତ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । ଏହି ଅବସ୍ଥାରେ ସବାରି ପତିଗୃହରେ ପହଞ୍ଚିଲା । ବରକନ୍ୟାଙ୍କ ସବାରି ଦେଖି ଗୃହ ଏବଂ ଗ୍ରାମର ଲୋକମାନେ ଆନନ୍ଦିତ ହେଲେ, ମାତ୍ର ବୋହୂର ଅବସ୍ଥା ଦେଖି ସମସ୍ତଙ୍କ ମୁଖ ଶୁଖିଗଲା । ସେମାନେ ଭାବିଲେ, ''ବୋହୂ ପିତାଗୃହ ଛାଡ଼ି ଆସିଥିବାରୁ ବିଶେଷ ଦୁଃଖିତ ଅଛି ।'' ସେଥିନେଇ କୁଳାଚାର ପ୍ରଥାନୁସାରେ ଯେଉଁ ବିଧିବିଧାନ ହେବା କଥା ବୋହୂ ହାତ ଧରି ଅନ୍ୟମାନେ କରାଇନେଲେ । କିନ୍ତୁ ନବବଧୂର ଅବସ୍ଥା ଏକେବାରେ ଶୋଚନୀୟ । ଦିନରାତି ଆଖିରୁ ଅଶ୍ରୁବର୍ଷା । ଖାଇବା ନାହିଁ, ପିଇବା ନାହିଁ, କଥା ନାହିଁ, ବାର୍ତ୍ତା ନାହିଁ, ସ୍ନାନ ନାହିଁ, ନିଦ୍ରା ନାହିଁ । ଯିଏ ଉଠାଇ ଯେଉଁଠି ବସେଇ ଦେଲା ସେଇଠି । ବୋହୂର ଏହି ଅବସ୍ଥାରେ ଘରର ସମସ୍ତ ବ୍ୟକ୍ତି ଚିନ୍ତିତ ହେଲେ ଏବଂ ବିରକ୍ତ ହେଲେ । ପତି, ଶାଶୂ, ଶ୍ୱଶୁର ଏବଂ ଘରର ଅନ୍ୟାନ୍ୟ ବ୍ୟକ୍ତି ଥିଲେ କ୍ରୂର ଏବଂ ନାସ୍ତିକ । ସେମାନେ ବହୁ ପ୍ରକାର ତାଡ଼ନା ଦେଲେ, ଭୟ ଦେଖାଇଲେ, କିନ୍ତୁ ସବୁ ନିଷ୍ଫଳ । ଦିନକୁ ଦିନ ବୋହୂର ଅବସ୍ଥା ଅଧିକ ଖରାପ ହେବାକୁ ଲାଗିଲା । ସେମାନେ ଅନୁମାନ କଲେ ଆଉ ବଞ୍ଚିବାର ଆଶା ନାହିଁ । ଏ ଅବସ୍ଥା ଦେଖି ପତି ବିଶେଷ ଚିନ୍ତିତ ଏବଂ ବ୍ୟାକୁଳ ହୋଇ ପତ୍ନୀକୁ ପଚାରିଲା, ''ଏହି ଅବସ୍ଥାରୁ ତୋର ମୁକ୍ତ ହେବାର ଉପାୟ କ'ଣ ?'' ସେ ଉତ୍ତର ଦେଲା, ''ମୋ ସକାଶେ ଦୁଇଟି ମାର୍ଗ, ଗୋଟିଏ ହେଲା ମୋର ଯେଉଁ ଠାକୁରଙ୍କୁ ନଦୀସ୍ରୋତରେ ପକାଇ ଦେଇଛ ତାଙ୍କୁ ପାଇଲେ ମୋର ଏହି ଅବସ୍ଥା ଦୂର ହେବ ଅଥବା ମୃତ୍ୟୁ । ଏହାଛଡ଼ା ତୃତୀୟ ମାର୍ଗ ନାହିଁ ।'' ପତି ବିସ୍ମିତ ଏବଂ ବ୍ୟାକୁଳ ହୋଇ କହିଲା, ''ଠାକୁରଙ୍କୁ ପାଇବା ଅସମ୍ଭବ, ଠାକୁରଙ୍କ ପେଟାରୀ ନଦୀ ସ୍ରୋତରେ ଭାସିଯାଇଛି ଆଉ ମିଳିବ ନାହିଁ ।'' ପତ୍ନୀ ଉତ୍ତର ଦେଲା, ''ମୋ ପ୍ରଭୁ ସବୁ କରିପାରନ୍ତି, ସକଳଙ୍କ ହୃଦୟ ବେଦନା ଜାଣନ୍ତି, ସେ ସର୍ବସମର୍ଥ । ତୁମେ ଯେଉଁ ନଦୀରେ ମୋ ଠାକୁରଙ୍କୁ ପକାଇ ଦେଇଥିଲ ସେଠାକୁ ମୋତେ ନେଇ ଚାଲ, ମୋ ପ୍ରଭୁ ଅବଶ୍ୟ ମୋ ପାଖକୁ ଆସିବେ ।'' ଏହା ବଡ଼ ଆଶ୍ଚର୍ଯ୍ୟ ଏବଂ କୌତୂହଳର ବିଷୟ – ''ନଦୀ-ସ୍ରୋତରେ ଭାସି ଯାଇଥିବା ପେଟାରୀ ପ୍ରାପ୍ତ ହେବ ।'' ଏହା ଏକେବାରେ ଅସମ୍ଭବ । ତଥାପି ବ୍ୟକ୍ତି ବିପଦରେ ପଡ଼ିଲେ, ବ୍ୟଥିତ ହେଲେ, ତା'ର ଅଭିଳଷିତ ବସ୍ତୁ ପ୍ରାପ୍ତିର ସମ୍ଭାବନା ଅସମ୍ଭାବନାକୁ ବିଚାର କରିପାରେ ନାହିଁ । ପତ୍ନୀକୁ ସେହି ନଦୀ ଘାଟକୁ ନେଇଯିବା ଠିକ୍ କରି ପିତାମାତାଙ୍କୁ ସମସ୍ତ ଘଟଣା କହିଲା । ପିତାମାତାଙ୍କର ବିଶ୍ୱାସ ନ ଥିଲା; ମାତ୍ର ଏତେ ଟଙ୍କା ଖର୍ଚ୍ଚ କରି ବୋହୂଟିଏ ପାଇଥିଲେ, ତାକୁ ମୃତ୍ୟୁ ମୁଖରୁ ଉଦ୍ଧାର କରିବା କ୍ଷୀଣ ଆଶାରେ ସେମାନେ ମଧ୍ୟ ଯିବାକୁ ପ୍ରସ୍ତୁତ ହେଲେ । ଏହି ଘଟଣା କଥା କଥାରେ ଚାରିଆଡ଼େ ବ୍ୟାପି ଗଲା । କୌତୂହଳରେ ବହୁସଂଖ୍ୟକ ନରନାରୀ ଦେଖିବା ସକାଶେ ସେମାନଙ୍କ ସଙ୍ଗେ ଯାତ୍ରା କଲେ । ନଦୀଘାଟରେ ହେଲା ଲୋକାରଣ୍ୟ । ସେଠାରେ ପହୁଞ୍ଚିବା ମାତ୍ରେ ବୋହୂ ନଦୀରେ ପ୍ରବେଶ କଲା ଏବଂ ସଙ୍ଗେ ସଙ୍ଗେ ତାରି ଠାକୁର-ପେଟାରୀ ପ୍ରବାହିତ ସ୍ରୋତର ବିପରୀତ ମାର୍ଗରୁ ଆସି ବୋହୂର ହୃଦୟରେ ଲାଗିଗଲା । ବୋହୂର ହୃଦୟ ଆନନ୍ଦରେ ଉଛୁଳି ପଡ଼ିଲା । ଦେଖଣାହାରୀଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସମସ୍ତ ବ୍ୟକ୍ତି ଆନନ୍ଦ-ଉତ୍ସାହରେ ଘରକୁ ଫେରିଲେ । ସେହି ଦିନଠାରୁ ପତି, ଶାଶୂ, ଶଶୁର ତଥା ସମସ୍ତ ପରିବାର ଭଗବାନଙ୍କୁ ପୂଜା କଲେ । ସେ ଘର ହେଲା ଭଗବାନଙ୍କ ମନ୍ଦିର । ସେମାନେ ବୋହୂକୁ ନିଜ ନିଜ ଜୀବନର ପଥ-ପ୍ରଦର୍ଶିକା ରୂପେ ଆଦର-ସମ୍ମାନ ଓ ସ୍ନେହ କଲେ । ଏହି ଘଟଣାରେ ବହୁତ ନାସ୍ତିକ ଲୋକ ଈଶ୍ୱର-ଭକ୍ତ ହୋଇଗଲେ ।

ଭଗବାନ୍ ସର୍ବତ୍ର ବିଦ୍ୟମାନ । ତାଙ୍କୁ ଯେଉଁଠାରେ ବିଶ୍ୱାସ କରାଯାଏ ସେଠାରେ ସେ ପ୍ରଘଟ ହୁଅନ୍ତି । ବ୍ୟକ୍ତିର ନିଷ୍ଠା ଏବଂ ବିଶ୍ୱାସ ଉପରେ ସବୁ ନିର୍ଭର କରେ ।

ମା' ଆଦ୍ୟାଶକ୍ତି । ଆଦ୍ୟାଶକ୍ତିଙ୍କ ଛଡ଼ା ସଂସାରରେ ନୂତନ ମାନବଜାତି ସ୍ଥାପନା ଅନ୍ୟ କୌଣସି ଶକ୍ତି ଦ୍ୱାରା ସମ୍ଭବ ନୁହେଁ । ତଥାପି ଯେଉଁମାନେ ମା'ଙ୍କୁ ଆଦ୍ୟାଶକ୍ତି ବୋଲି ବିଶ୍ୱାସ କରିବାକୁ ସକ୍ଷମ ସେମାନେ ମା'ଙ୍କ ମଧ୍ୟରେ ଆଦ୍ୟାଶକ୍ତିଙ୍କୁ ସହଜରେ କଳ୍ପନା କରିପାରନ୍ତି ।

ମନୁଷ୍ୟ ବଞ୍ଚି ରହିବାହିଁ କର୍ମ । ନିଃଶ୍ୱାସ-ପ୍ରଶ୍ୱାସ ପ୍ରବାହିତ ହେବା ପର୍ଯ୍ୟନ୍ତ ବି କର୍ମର ଅନ୍ତର୍ଗତ । ମନୁଷ୍ୟ କର୍ମ ବିନା ଏକକ୍ଷଣ ରହିପାରେ ନାହିଁ । କର୍ମ ବନ୍ଧନର କାରଣ । ଏହାହିଁ ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରାଏ । କିନ୍ତୁ ଏହି କର୍ମ ଭଗବାନଙ୍କ ଚରଣରେ ସମର୍ପିତ ହେଲେ ମନୁଷ୍ୟ ଜନ୍ମ-ମରଣର ଦୁଃଖଦ୍ୱନ୍ଦ୍ୱରୁ ନିବୃତ୍ତ ହୋଇ ପ୍ରତ୍ୟେକ ସତ୍ତାରେ ଭଗବାନଙ୍କୁ ଉପଲବ୍ଧି କରିପାରେ । ଅତଏବ ମନୁଷ୍ୟ ପକ୍ଷେ କର୍ମ-ସମର୍ପଣହିଁ ଏକମାତ୍ର ପନ୍ଥା । ରୂପାନ୍ତର-ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ସମସ୍ତ ସତ୍ତା ରୂପାନ୍ତର ହେଉଥିବାରୁ, କର୍ମ-ସମର୍ପଣ ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ।

## (୨)

## ଗାର୍ହସ୍ଥ୍ୟାଶ୍ରମରେ ସମର୍ପଣର ପ୍ରଣାଳୀ

ପ୍ରଶ୍ନ : ଏହି ଯୋଗରେ ମା'ଙ୍କୁ ସମର୍ପଣ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ଏହା ଠିକ୍ । କିନ୍ତୁ ଯେଉଁମାନେ ଘର-ପରିବାର ଛାଡ଼ି ଆଶ୍ରମରେ ରହୁଛନ୍ତି ସେମାନଙ୍କ କଥା ଭିନ୍ନ । ଆମ୍ଭେମାନେ ଘରେ ରହୁଅଛୁ । ମନ ଏକକ୍ଷଣ ସ୍ଥିର ନାହିଁ । ସକାଳୁ ଉଠିଲେ ଲୁଣ-ତେଲଠାରୁ ଆରମ୍ଭ କରି ଧାନ-ଚାଉଳର ଚିନ୍ତା, ପିଲାର ରୋଗ, ଝିଅର ବିଭାଘର, ଶାଶୂ ବୋହୂରେ କଳି, ପଡ଼ୋଶୀ ସହିତ ମାଲିମୋକଦ୍ଦମା । ଆଜି ଗୋଟାଏ ବସ୍ତୁର ଅଭାବ ତ କାଲି ଅନ୍ୟଟା । ଅନ୍ୟାୟରେ ହେଉ ବା ନ୍ୟାୟରେ ହେଉ ଉପର ଅଫିସରଙ୍କୁ ଖୁସି ରଖିବାକୁ ହେବ । ସ୍ତ୍ରୀ ଦୀର୍ଘରୋଗଗ୍ରସ୍ତା, ବିଛଣାରୁ ଉଠିବାର ଶକ୍ତି ନାହିଁ । ଛୋଟ ଛୋଟ ପିଲାଗୁଡ଼ିଙ୍କୁ ସମ୍ଭାଳିବ କିଏ ? ମା' ଚାହେଁ ନାତିନାତୁଣୀଙ୍କର ଆହ୍ଲାଦକାରୀ ଅସ୍ପଷ୍ଟ କଥା । ତାକୁ ସନ୍ତୁଷ୍ଟ କଲେ ମହାବିପଦ । ବୃଦ୍ଧାମାତାର ଦୁଃଖ ଯୋଗୁଁ ହୃଦୟ ଅଶାନ୍ତ । ଏହିପରି ବହୁପ୍ରକାର ଦୁଃଖ-ଦୁର୍ଦ୍ଦଶା ଏବଂ ଅଭାବ-ଅନାଟନର ମଧ୍ୟରେ ଅଧ୍ୟାତ୍ମ ସାଧନା କିପରି ହେବ ? ସେଥିପାଇଁ ଶାନ୍ତ, ନୀରବ ଏକାଗ୍ରତାର ଆବଶ୍ୟକ । ଏହି ପ୍ରତିକୂଳ ଅବସ୍ଥାରେ ଆମ୍ଭେମାନେ କିପରି ମା'ଙ୍କୁ ସ୍ମରଣ କରିବୁ ? ସ୍ମରଣ ନ କଲେ ସକଳ କର୍ମ ମା'ଙ୍କୁ ସମର୍ପଣ କରିବା ସମ୍ଭବ ନୁହେଁ । ଏହାର ଯଦି କୌଣସି ସରଳ ମାର୍ଗ ଥାଏ କହନ୍ତୁ ।

ଉତ୍ତର : ସରଳ ମାର୍ଗ ହେଲା ଦୃଢ଼ ନିଷ୍ଠା । ମନୁଷ୍ୟ ଯେକୌଣସି କାର୍ଯ୍ୟକୁ ଦୃଢ଼ ନିଷ୍ଠା ସହ କରିବାକୁ ଚାହିଁଲେ ତାହା ସେ କରିପାରେ ଏବଂ ସେଥିରେ ଭଗବାନ୍ ସାହାଯ୍ୟ କରନ୍ତି । କିନ୍ତୁ କର୍ମ ହେବା ଉଚିତ ସତ୍ୟ ତଥା ଯଥାର୍ଥ ନିଷ୍ଠା ସହ ନିଷ୍କପଟ ଭାବରେ ।

ଯେଉଁ ସଂସାର-ଜଞ୍ଜାଳକୁ ସାଧନାର ମହାନ୍ ପ୍ରତିକୂଳ ଅବସ୍ଥା ବୋଲି କହୁଛନ୍ତି ତାହା ପ୍ରକୃତରେ ପ୍ରତିକୂଳ ନୁହେଁ । ତାହା ଭଗବତ୍ ପ୍ରାପ୍ତିର ଗୋଟିଏ ମାର୍ଗ ବା ଉପାୟ । ତାହାରି ମଧ୍ୟଦେଇ ବ୍ୟକ୍ତିକୁ ଯାତ୍ରା କରିବାକୁ ହୁଏ । ପ୍ରତିକୂଳ ହୁଏ କେବଳ ନିଜର ଆସକ୍ତି ଏବଂ ମୋହ । ଶୁଆ ଧରିବା ବ୍ୟକ୍ତି ଗୋଟିଏ ବେତକୁ ମଣ୍ଡଳାକାର କରି, ଦୁଇଟି ବଡ଼ ବଡ଼ ଖୁଣ୍ଟି ପୋତି ମଝିରେ ଖଣ୍ଡେ କାଠ ଲଗେଇ ଦିଅନ୍ତି ଏବଂ ମଝିରେ ଥିବା କାଠ ଉପରେ ଗୋଟିଏ ପତଳା କାଠର ଆଶ୍ରୟରେ ମଣ୍ଡଳାକାର ବେତକୁ ରଖି ତା' ପାଖରେ ଗୋଟିଏ ଫଳ ରଖି ଦିଅନ୍ତି । ଫଳଲୋଭରେ ଶୁଆ ମଣ୍ଡଳାକାର ବେତ ଉପରେ ବସେ । ଶୁଆ ବସିବା ସଙ୍ଗେ ସଙ୍ଗେ ମଣ୍ଡଳାକାର ବେତକୁ ଧରିଥିବା କାଠଟି ପଡ଼ିଯାଏ ଏବଂ ହଠାତ୍ ମଣ୍ଡଳାକାର ବେତଟି ବୁଲିଯାଏ । ଶୁଆ ଧରିଥାଏ ବେତକୁ, କିନ୍ତୁ ତା'ର ପିଠି ହୋଇଯାଏ ଭୂମି ଆଡ଼କୁ । ସେ ବେତ ଛାଡ଼ି ସହଜରେ ଉଡ଼ି ପଳାଇପାରନ୍ତା । ମାତ୍ର ମୋହ ଏବଂ ଅଜ୍ଞାନତାବଶତଃ ସେ ନିଜ ଉଡ଼ିବା ଶକ୍ତିକୁ

ଭୁଲିଯାଏ, ଏବଂ ଭାବେ, ''ବେତ ଛାଡ଼ି ଦେଲେ ପଡ଼ିଯିବି ।'' ସେହି ସକାଶେ ସେ ବେତକୁ ଛାଡ଼ିପାରେ ନାହିଁ, ଲୋକମାନେ ଆସି ତାକୁ ଧରି ନିଅନ୍ତି । ଠିକ୍ ମନୁଷ୍ୟ ଏହିପରି ଅଜ୍ଞାନ ଏବଂ ମୋହ ଯୋଗୁଁ ପାରିବାରିକ ଦୁଃଖକଷ୍ଟ ଭୋଗୁ ଥାଏ, ସେଥିରୁ ଉଦ୍ଧାର ହୋଇପାରେ ନାହିଁ । ପ୍ରଥମରେ ପରିବାରର ସ୍ୱରୂପ ଜାଣିବାକୁ ହେବ, ତା'ପରେ ବ୍ୟକ୍ତି ଚାହିଁଲେ ଠିକ୍ ଠିକ୍ କର୍ତ୍ତବ୍ୟ କରିପାରିବ ।

*

ପ୍ରଶ୍ନ :  ପରିବାରର ଯଥାର୍ଥ ଉଦ୍ଦେଶ୍ୟ କ'ଣ ?

ଉତ୍ତର : ପରସ୍ପର ସାହାଯ୍ୟରେ ବ୍ୟକ୍ତିର ଆତ୍ମ-ବିକାଶ ସକାଶେ ପରିବାର ଏକ କେନ୍ଦ୍ର । ମୋହ-ଆସକ୍ତିର ଜାଲ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ କର୍ମକୁ ଭଗବତ୍ ସେବା ଭାବରେ କରି ଭଗବାନଙ୍କୁ ଅର୍ପଣ କଲେ ସେଥିରେ ବ୍ୟକ୍ତିର ଆତ୍ମବିକାଶ ହୁଏ ତଥା ଜୀବନର ଲକ୍ଷ୍ୟ ପ୍ରାପ୍ତ ହୁଏ । ସୃଷ୍ଟି ସେହି ଏକ ଭଗବାନଙ୍କର, ସୃଷ୍ଟି କର୍ତ୍ତା ମଧ୍ୟ ସେ । ଅଜ୍ଞାନ ଦ୍ୱାରା ସୃଷ୍ଟି ପରିଚାଳିତ ହୁଏ । ସେହି ସକାଶେ ଅଜ୍ଞାନକୁ ଭଗବାନ୍ ଜଗତରେ ଛାଡ଼ି ଦେଇଛନ୍ତି । ବ୍ୟକ୍ତି ଅଜ୍ଞାନ ଓ ମୋହର ଦାସ ହୋଇ ରହିବା ଭଗବାନଙ୍କର ଉଦ୍ଦେଶ୍ୟ ନୁହେଁ । ଏହି ଅଜ୍ଞାନ ମଧ୍ୟ ଦେଇ ଜ୍ଞାନରେ ପଦାର୍ପଣ କରିବା ତାଙ୍କର ସୃଷ୍ଟିର ଉଦ୍ଦେଶ୍ୟ । ଜ୍ଞାନ ମଧ୍ୟରେ ପ୍ରବେଶ କରିବା କାର୍ଯ୍ୟରେ ଜୀବକୁ ସାହାଯ୍ୟ କରିବା ସକାଶେ ଭଗବାନ୍ ବାରଂବାର ଏହି ପୃଥିବୀରେ ମାନବ ଶରୀରରେ ଅବତାର ନିଅନ୍ତି ।

ପ୍ରତ୍ୟେକ ଜୀବ ଏହି ସଂସାରକୁ ଆସନ୍ତି ନିଜ ନିଜ ବିକାଶ ସକାଶେ । ବିକାଶ ହୁଏ ଏହି ମୃତ୍ୟୁପୁରୀରେ । ସ୍ୱର୍ଗ ଏବଂ ଅନ୍ୟାନ୍ୟ ଦିବ୍ୟ ଲୋକରେ ବିକାଶ ହୁଏ ନାହିଁ । ବ୍ୟକ୍ତି ସେବା କରିବା ସଦୃଶ ଏହି ଲୋକରେ କର୍ମ କରେ ଏବଂ ପେନ୍‌ସନ୍ ପାଇବା ସଦୃଶ ଦିବ୍ୟ ଲୋକକୁ ପ୍ରାପ୍ତ ହୁଏ । ଏହି ପୃଥିବୀକୁ ଆସିଲେ ପିତାମାତା ବା ପରିବାରର ଆବଶ୍ୟକ ହୁଏ । କାରଣ ଶରୀର ହେଲା ନିର୍ଭରଶୀଳ । ବାଲ୍ୟ ଅବସ୍ଥାରେ ପିତାମାତାଙ୍କର ଲାଳନ-ପାଳନ ବିନା ଶିଶୁ ନିଜ ଶରୀର ରକ୍ଷା କରିବାରେ ଅସମର୍ଥ । ବୃଦ୍ଧ ପିତାମାତାଙ୍କ ପାଳନପୋଷଣର ଭାର ପଡ଼େ ସନ୍ତାନ ଉପରେ । ବ୍ୟକ୍ତିର ଶରୀର ରକ୍ଷା ସକାଶେ ଭଗବାନ୍ ପରିବାରର ବ୍ୟବସ୍ଥା କରିଅଛନ୍ତି । ଏହାରି ନାମ ସଂସାର । ମନୁଷ୍ୟର  ଯଦି ଏତିକି ବୋଧ ନିଜ ଚେତନାରେ ଥାଆନ୍ତା, ତେବେ ତାକୁ କୌଣସି ଦୁଃଖକଷ୍ଟ ହୁଅନ୍ତା ନାହିଁ । ଭଗବାନ୍ ଏହିଠାରେ ରଖିଦେଲେ ତାଙ୍କ ମାୟାକୁ । ବ୍ୟକ୍ତି ଏହି ସଂସାରକୁ କାହିଁକି ଆସିଛି, ତା'ର ଲକ୍ଷ୍ୟ କ'ଣ ଏବଂ ପରିବାରରେ ତା'ର ସମ୍ବନ୍ଧ କ'ଣ – ଏହା ସେ ଭୁଲିଗଲା । ମୋହାନ୍ଧ ହୋଇ ଆସକ୍ତିବଶତଃ ଭାବିଲା ସ୍ତ୍ରୀ, ପୁତ୍ର, କନ୍ୟା, ଘର, ସମ୍ପତ୍ତି, ପଦ-ମର୍ଯ୍ୟାଦା, ମାନ-ସମ୍ମାନ 'ମୋର' । 'ମୋର' ମନେ କରିବାଟା ହେଲା ମୋହ ଏବଂ ଅଜ୍ଞାନ । କେବଳ ଏହି ସକାଶେ ମନୁଷ୍ୟ ଦୁଃଖକଷ୍ଟ ଭୋଗେ, ଅନ୍ୟାୟ-ଅସତ୍ୟ କର୍ମ କରେ ଏବଂ ତା'ର ପରିଣାମ ଭୋଗ କରେ । ପୁତ୍ର ରୋଗରେ ପଡ଼ିଲେ ବ୍ୟକ୍ତି ମର୍ମାହତ ହୋଇପଡ଼େ, କନ୍ୟାର ନିନ୍ଦାରେ ହୃଦୟ ବିଦୀର୍ଣ୍ଣ ହୋଇଯାଏ, ପତ୍ନୀର ତିରସ୍କାରରେ ହୃଦୟ ଜଳିଯାଏ; ଶତ୍ରୁର ଶ୍ରୀବୃଦ୍ଧିରେ କାତର ହୋଇପଡ଼େ, ମନରେ ଉଦ୍‌ବେଗ ଓ ବ୍ୟଥା ଆସେ, ମନ ସ୍ଥିର ହୋଇପାରେ ନାହିଁ କିଂବା ଯଥାର୍ଥ ଚିନ୍ତା କରିବାର ଅବକାଶ ପାଏ ନାହିଁ । ଶେଷରେ ଜୀବନକୁ ନଷ୍ଟ କରେ ।

*

ପ୍ରଶ୍ନ : ଏଥିରୁ ଏକେବାରେ ସ୍ପଷ୍ଟ ହେଉଛି ଯେ ପାରିବାରିକ ମୋହ କାରଣରୁ ବ୍ୟକ୍ତି ଭଗବତ୍ ପ୍ରାପ୍ତି ନିମିତ୍ତ ସାଧନା କରିବାରେ ଅସମର୍ଥ ହୁଏ; ଏଥିରୁ ମୁକ୍ତ ହେବାର ଉପାୟ କ'ଣ ?

ଉତ୍ତର : ଏଥିରୁ ମୁକ୍ତ ହେବାର ଉପାୟ ହେଲା ପ୍ରଥମରେ ନିଜ ଜୀବନର ଲକ୍ଷ୍ୟ ଜାଣିବା । ଏବିଷୟ ପୂର୍ବେ ଆଲୋଚିତ ହୋଇଛି । ତା'ପରେ ପରିବାରର ସ୍ୱରୂପ ଜାଣିବା । ତାହା ମଧ୍ୟ ଆଲୋଚିତ ହେଲା । ବର୍ତ୍ତମାନ ଜାଣିବାକୁ ହେବ ପରିବାରର ବ୍ୟକ୍ତିଙ୍କ ସହିତ କିପରିଭାବରେ ବ୍ୟବହାର କଲେ ବ୍ୟକ୍ତି ଏହି ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିବ ।

ଏହା ଏକେବାରେ ସ୍ପଷ୍ଟ ଯେ ସମସ୍ତ ବ୍ୟକ୍ତି ଆସିଛନ୍ତି ନିଜ ନିଜ ବିକାଶ ସକାଶେ । ପିତାମାତା, ସ୍ତ୍ରୀ-ପୁତ୍ରାଦି ପାରିବାରିକ ସମ୍ବନ୍ଧ ଏକେବାରେ ଭ୍ରମ । ଏହି ସମ୍ବନ୍ଧ ପୂର୍ବେ ନ ଥିଲା, ପରେ ରହିବ ନାହିଁ, ବର୍ତ୍ତମାନ ଭ୍ରମବଶତଃ ସ୍ୱପ୍ନକୁ

ବ୍ୟକ୍ତି ସତ୍ୟ ମାନିବା ସଦୃଶ ଏହି ସମ୍ବନ୍ଧକୁ ସତ୍ୟ ମାନି ଦୁଃଖ ଭୋଗୁଅଛି । ଏହାର ପ୍ରତ୍ୟକ୍ଷ ପ୍ରମାଣ ହେଉଅଛି ଏହି,— ଯେଉଁ ବ୍ୟକ୍ତି ପୁତ୍ର, କନ୍ୟା, ସ୍ତ୍ରୀଙ୍କୁ ନିଜର ମନେକରେ, ସେମାନଙ୍କ ସକାଶେ ଦୁଃଖକଷ୍ଟ ଭୋଗ କରେ, ମୃତ୍ୟୁ ପରେ ଅନ୍ୟ ଘରେ ଜନ୍ମ ହେଲେ ତାକୁ ସେମାନେ ଚିହ୍ନନ୍ତି ନାହିଁ, ଏପରିକି ତା'ର ମୃତ୍ୟୁ ପରେ ପରଜନ୍ମରେ ତା' ସହିତ ଶତ୍ରୁତା ମଧ୍ୟ ଆଚରଣ କରିପାରନ୍ତି । ସେ ଅନ୍ୟାୟ ଓ ଅସତ୍ୟ ଆଚରଣରେ ଆତ୍ମବଳି ଦେଇ ଗରିବଙ୍କ ତଣ୍ଟି ଚିପି ଯେଉଁ ଧନ ସଞ୍ଚୟ କରିଥାଏ, ସେହି ଧନର ମାଲିକ ହୋଇଥାଆନ୍ତି ସ୍ତ୍ରୀ, ପୁତ୍ର ଅଥବା ଅନ୍ୟ କୌଣସି ବ୍ୟକ୍ତି । ସେହି ଉପାର୍ଜିତ ଧନରୁ ଗୋଟିଏ ମାତ୍ର ପଇସା ପାଇବାକୁ ହକ୍‌ଦାର ସେ ନୁହେଁ । ମନୁଷ୍ୟର ଆସକ୍ତି ଥାଏ ଏହି ପରିବାର, ଧନ-ସମ୍ପତ୍ତି ଏବଂ ମାନ-ପ୍ରତିଷ୍ଠାରେ । ଏହିସବୁ ଅସତ୍ୟ ଏବଂ ଆରୋପିତ । ଯଥାର୍ଥରେ ଏସମସ୍ତ ଭଗବାନଙ୍କର । ଏହା ପୂର୍ବେ ଭଗବାନଙ୍କର ଥିଲା, ପରେ ରହିବ, ବର୍ତ୍ତମାନ ମଧ୍ୟ ରହିଛି । ଭଗବାନ୍ ଚାହାନ୍ତି ପ୍ରତ୍ୟେକ ପ୍ରାଣୀର ବିକାଶ । ସେହି ସକାଶେ ସେ ସଂସାର ଏବଂ ପରିବାରର ବ୍ୟବସ୍ଥା କରିଛନ୍ତି । ପରିବାର ନିମିତ୍ତ ବ୍ୟକ୍ତିର ଯେଉଁ କର୍ତ୍ତବ୍ୟ ବା ସେବା ତାହା ଯଥାର୍ଥରେ ଭଗବାନଙ୍କର । ଭଗବାନ୍ ତାକୁ ତା'ର ଆତ୍ମବିକାଶ ସକାଶେ ନିଯୁକ୍ତ କରିଛନ୍ତି । ସେ ଏହି ପରିବାରକୁ ଭଗବାନଙ୍କର ଏବଂ ଏହି ସେବାକୁ ଭଗବାନଙ୍କର ମାନି ତାଙ୍କୁ ସମର୍ପଣ କଲେ ତା'ର ଆତ୍ମ-ବିକାଶ ହୁଏ ଏବଂ ଜନ୍ମ-ମରଣ ଦ୍ୱନ୍ଦ୍ୱରେ ସେ ନ ପଡ଼ି ସୁଖଶାନ୍ତିମୟ ଜୀବନ ଯାପନ କରେ । ଏହି ଭଗବାନଙ୍କର ବସ୍ତୁକୁ ମୋହ ଓ ଅଜ୍ଞାନର ବଶ ହୋଇ ବ୍ୟକ୍ତି ନିଜର ମାନିନେବାରୁ ଚୋର ଅନ୍ୟର ଧନକୁ ଅପହରଣ କରି ଦଣ୍ଡ ଭୋଗ କରିବା ଭଳି ନାନା ପ୍ରକାର ଦୁଃଖକଷ୍ଟ ଭୋଗେ ଏବଂ ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରେ ।

ପ୍ରତ୍ୟେକ ବ୍ୟକ୍ତି ଏହି ସଂସାରକୁ ଆସିବା ପୂର୍ବରୁ ଜୀବନରେ ନିଜର ଆତ୍ମ-ବିକାଶ ସକାଶେ ସୁଖ, ଦୁଃଖ, ଭଲ, ମନ୍ଦ, ରୋଗ, ମୃତ୍ୟୁ ନିର୍ଦ୍ଧାରଣ କରେ । ତା'ର ବିକାଶ ଶେଷ ହେଲେ ଶରୀର ତ୍ୟାଗ କରି ଚାଲିଯାଏ । ପିତାମାତାମାନେ ମୋହବଶ ହୋଇ ପୁତ୍ରର ଏହି ଜୀବନ-ରହସ୍ୟକୁ ଭେଦ କରି ନ ପାରି ତା'ର ରୋଗ ତଥା ଭଲ ମନ୍ଦରେ ମର୍ମାହତ ହୋଇ ପଡ଼ନ୍ତି, ତା'ର ମୃତ୍ୟୁରେ ସେମାନଙ୍କ ଜୀବନ ବ୍ୟର୍ଥ ଏବଂ ଯାତନାମୟ ବୋଲି ସେମାନେ ମନେ କରନ୍ତି । ସେହି ବିକାଶଶୀଳ ଗୋଟିଏ ଆତ୍ମାକୁ ନିଜର ପୁତ୍ର ବୋଲି ମନେ କରିଥିବାରୁ ପିତାମାତାଙ୍କୁ ଅପାର ଦୁଃଖ ହୁଏ । ଏହି ଦୁଃଖର କାରଣ ପୁତ୍ର ନୁହେଁ, କାରଣ କେବଳ ନିଜ ମୋହ । ଅନ୍ୟର ପୁତ୍ରର ଦୁଃଖ, ଶୋକ ବା ମୃତ୍ୟୁରେ ଅନ୍ୟ ପିତାମାତାଙ୍କୁ ଦୁଃଖ ହୁଏ ନାହିଁ; କାରଣ ସେଥିରେ ସେମାନଙ୍କର ମୋହ ନ ଥାଏ । ଯଥାର୍ଥରେ ନିଜର ସନ୍ତାନ ଏବଂ ଅନ୍ୟର ସନ୍ତାନ ସହିତ ପିତାମାତାଙ୍କର କୌଣସି ସ୍ଥାୟୀ ସମ୍ବନ୍ଧ ନ ଥାଏ । ସୁତରାଂ ଆତ୍ମା କାହାର ପିତା ବା କାହାର ପୁତ୍ର ? ସେ ତ ଭଗବତ୍ ଦିବ୍ୟ ଅଂଶ ଏବଂ ଶାଶ୍ୱତ । ସେ ଶରୀର ଧାରଣ କରେ ବିକାଶ ସକାଶେ । ତା'ର ନିର୍ଦ୍ଧାରିତ ବିକାଶ ହୋଇଗଲେ ସେ ଶରୀର ଛାଡ଼ି ଚାଲିଯାଏ । ଯେପର୍ଯ୍ୟନ୍ତ ସେ ବିକାଶର ଶେଷ ଲକ୍ଷ୍ୟରେ ନ ପହଞ୍ଚେ ସେପର୍ଯ୍ୟନ୍ତ ସେ ଶରୀର ଧାରଣ କରୁଥାଏ । ଏହାହିଁ ଜୀବନ ଏବଂ ସଂସାରର ରହସ୍ୟ । ମୋହମାୟାଗ୍ରସ୍ତ ବ୍ୟକ୍ତି ଏହି ରହସ୍ୟ ନ ଜାଣି ସ୍ତ୍ରୀ-ପୁତ୍ରାଦିରେ ଆସକ୍ତ ହୋଇ ନିଜ ଆତ୍ମୋନ୍ନତିରେ ବ୍ୟାଘାତ ଘଟାଏ ।

ଘର-ପରିବାର, ସ୍ତ୍ରୀ-ପୁତ୍ର, ଭାଇବନ୍ଧୁଙ୍କୁ ତଥା ସମସ୍ତ ସମ୍ପତ୍ତି ଏବଂ ନିଜକୁ ଭଗବାନଙ୍କର ମାନି ନିଅ । ଭଗବତ୍ ପ୍ରାପ୍ତି ସକାଶେ ଏହି ସେବାରେ ଭଗବାନ୍ ନିଯୁକ୍ତ କରିଛନ୍ତି ଜାଣି, ପରିବାର ଅର୍ଥେ ସମସ୍ତ କର୍ମ ଭଗବାନଙ୍କ ସେବାରୂପେ ସମ୍ପନ୍ନ କରି ତାଙ୍କରି ଚରଣରେ ତାହା ସମର୍ପଣ କର । କର୍ମ କର ନ୍ୟାୟ, ସତ୍ୟ ଏବଂ ଯଥାର୍ଥ ଭାବରେ । କାରଣ ଭଗବାନ୍ ସର୍ବସ୍ଥାନରେ ବିଦ୍ୟମାନ । ସେ ତୁମର ସମସ୍ତ କର୍ମ ଦେଖୁଛନ୍ତି, ତୁମର ସମସ୍ତ ଭାବ ଜାଣୁଛନ୍ତି । ତାଙ୍କୁ ତୁମେ ଠକି ପାରିବ ନାହିଁ । ଭଗବାନଙ୍କ ସେବା ଭାବରେ ନିଜ ଶରୀର ରକ୍ଷାର୍ଥେ ସ୍ନାନ-ଭୋଜନ-ବିଶ୍ରାମ କର । କାରଣ ପ୍ରକୃତରେ ଶରୀର ଭଗବାନଙ୍କର । ଭଗବାନଙ୍କଠାରୁ ଆସିଛି । ଶିଶୁକୁ ଲାଳନପାଳନ କର, ବେମାର ହେଲେ ଔଷଧ ଦିଅ, ପାଠ ପଢ଼ାଅ, ସଦୁପଦେଶ ଦିଅ, ଅନ୍ୟାୟ କାର୍ଯ୍ୟରୁ ନିବୃତ୍ତ କରାଅ, ସମୟ ଅନୁସାରେ ଭୟ, ତ୍ରାସ ଦେଖାଅ ଏବଂ ସ୍ନେହ କର । କିନ୍ତୁ ସବୁ କର ଭଗବାନଙ୍କ ସେବାରୂପେ, ନିଜ ଆସକ୍ତି ସକାଶେ ନୁହେଁ । ତୁମେ କର୍ମରେ କୌଣସି ତ୍ରୁଟି କରିବ ନାହିଁ, କରିବ ଯଥାର୍ଥଭାବେ, ଆତ୍ମ-ବିକାଶର ପ୍ରଣାଳୀରେ; ଯଥା — ସନ୍ତାନର ରୋଗ, ପରୀକ୍ଷାରେ

ଫେଲ୍, ଜୀବନ ଦୁଃଖସୁଖ, ମୃତ୍ୟୁ ଇତ୍ୟାଦିରେ ଚିନ୍ତିତ ହେବ ନାହିଁ । କାରଣ ସେଥିରେ ତୁମର କୌଣସି ଅଧିକାର ନାହିଁ, ସମ୍ବନ୍ଧ ନାହିଁ, ସେ ପ୍ରଣାଳୀକୁ ପରିବର୍ତ୍ତନ କରିବାର ସାମର୍ଥ୍ୟ ତୁମର ନାହିଁ; ଯଦି କରିପାର ତେବେ ସେଥିରେ ତା' ଜୀବନର କୌଣସି ଲାଭ ମଧ ହେବ ନାହିଁ । ତା'ର ଆତ୍ମ-ବିକାଶ କରିବ ସେ ନିଜେ, ଆତ୍ମ-ନିର୍ଦ୍ଧାରିତ ମାର୍ଗରେ । ତୁମକୁ କେବଳ କରିବାକୁ ହେବ ଭଗବତ୍ ସେବା ଭାବରେ କର୍ମ । ଏହାହିଁ ହେଲା ତୁମର କର୍ତ୍ତବ୍ୟ । ପରିବାରର ଯଥାର୍ଥ ସ୍ୱରୂପ ଏହି ।

*

ପ୍ରଶ୍ନ : ତୁମେ କହିଲ ଯେ ବ୍ୟକ୍ତିର ଆତ୍ମା ଯାହା ନିର୍ଦ୍ଧାରଣ କରି ଆସିଥାଏ, ବ୍ୟକ୍ତି ତାହା କରେ । କ'ଣ ତାହାର ପରିବର୍ତ୍ତନ ହୁଏ ନାହିଁ ?

ଉତ୍ତର : ଅବଶ୍ୟ ପରିବର୍ତ୍ତନ ହୁଏ । ବ୍ୟକ୍ତି ଭାଗବତ କର୍ମ କରିବା ଦ୍ୱାରା ମୃତ୍ୟୁରୁ ମୁକ୍ତ ହୁଏ, ଏବଂ ପୂର୍ବେ ନିର୍ଦ୍ଧାରିତ ସମସ୍ତ କର୍ମକୁ ପରିବର୍ତ୍ତନ କରିପାରେ । ବ୍ୟକ୍ତି ଉତ୍ତମ କର୍ମ କରି ଉନ୍ନତ ହୁଏ, ମନ୍ଦ କର୍ମ କରି ପତିତ ହୁଏ । ଏହା ନିର୍ଭର କରେ ବ୍ୟକ୍ତି ଉପରେ । କିନ୍ତୁ ସନ୍ତାନର ଦୁଃଖ-ସୁଖ ସହିତ ତୁମ କର୍ତ୍ତବ୍ୟର କୌଣସି ସମ୍ବନ୍ଧ ନାହିଁ । ତୁମର କର୍ତ୍ତବ୍ୟ ହେବ ପୁତ୍ରକୁ ଭଲଭାବେ ପଢ଼େଇଲେଖେଇ ଉପଯୁକ୍ତ କରାଇବା, ଭଲ ବାତାବରଣରେ ରଖିବା, ତା'ର ଆତ୍ମ-ଶୁଦ୍ଧି ଓ ଆତ୍ମୋନ୍ନତି ପାଇଁ ଉପଦେଶ ଦେବା ତଥା ଉତ୍ତମ ମାର୍ଗରେ ପ୍ରବୃତ୍ତ କରାଇବା । ଏହାର ପରିଣାମ ସହିତ ତୁମର ସମ୍ବନ୍ଧ ନାହିଁ କିଂବା ତା'ର ଦୁଃଖକଷ୍ଟରେ ତୁମର ଦୁଃଖଶୋକ କରିବା ଉଚିତ ନୁହେଁ ।

*

ପ୍ରଶ୍ନ : ଏହା ନିଶ୍ଚିତରୂପେ ଠିକ୍ । ପ୍ରତ୍ୟେକେ ଏହି ସଂସାରକୁ ଆସିଛନ୍ତି ନିଜ ନିଜ ଆତ୍ମାର ବିକାଶ ସକାଶେ । କିନ୍ତୁ ଏହା ଜାଣିବା ସତ୍ତ୍ୱେ ବ୍ୟକ୍ତିର ମୋହ ଦୂର ହୁଏ ନାହିଁ । ଏହି ମୋହ ଦୂର ହେବାର ଉପାୟ କ'ଣ ?

ଉତ୍ତର : ଜଣେ ଅନ୍ୟର ପୁଅକୁ ପୁଅ କରି ଆଣି ଘରେ ରଖିଲେ ତା' ପ୍ରତି ଠିକ୍ ନିଜ ପୁଅଭଳି ମମତା ଓ ଆସକ୍ତି ହୁଏ । ସେ ମଧ ଅନ୍ୟ ବ୍ୟକ୍ତିକୁ ପିତାମାତା ରୂପେ ମାନି ନିଏ । ଠିକ୍ ଏହିପରି ଦୃଢ଼ ସଂକଳ୍ପ ସହ ଧାରଣା କର, ''ପରିବାର ଭଗବାନଙ୍କର । ବ୍ୟକ୍ତିର କର୍ତ୍ତବ୍ୟ କେବଳ ପରସ୍ପରକୁ ଭଗବତ୍ ସେବା ଭାବରେ ସାହାଯ୍ୟ କରିବା ।'' ଏହା ସଙ୍ଗେ ସଙ୍ଗେ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା କଲେ କ୍ରମଶଃ ମୋହମାୟା ଦୂର ହୁଏ ଏବଂ ବ୍ୟକ୍ତି ପୂର୍ଣ୍ଣରୂପେ ପରିବାରର ଆସକ୍ତିରୁ ମୁକ୍ତ ହୁଏ ।

*

ପ୍ରଶ୍ନ : ତୁମ କଥା ଏକେବାରେ ଠିକ୍ । ପ୍ରତ୍ୟେକ ବ୍ୟକ୍ତି ସଂସାରକୁ ଆସିଛନ୍ତି ନିଜ ନିଜ ଆତ୍ମୋନ୍ନତି ପାଇଁ । ନିଜର ଆତ୍ମୋନ୍ନତି ସକାଶେ ଯାହା ଦୁଃଖକଷ୍ଟ ଭୋଗିବାକୁ ହେଉଅଛି ତାହା ସେମାନେ ନିର୍ଦ୍ଧାରିତ କରି ଆସି ଅଛନ୍ତି । ସେମାନଙ୍କ ଶରୀରରେ ଆତ୍ମୋନ୍ନତିର କାର୍ଯ୍ୟ ଶେଷ ହେଲେ ସେମାନେ ଚାଲିଯାଆନ୍ତି । ହଜାର ପ୍ରକାର ଉପାୟ କଲେ ସୁଦ୍ଧା ପିତାମାତା ପୁତ୍ରକନ୍ୟାଙ୍କର ଦୁଃଖକଷ୍ଟ ଓ ମୃତ୍ୟୁକୁ ଦୂର କରିପାରନ୍ତି ନାହିଁ । ପ୍ରତ୍ୟେକ ଆତ୍ମା ଭଗବାନଙ୍କର ଅଂଶ ଏବଂ ପିତାମାତା, ସ୍ତ୍ରୀ ପୁତ୍ର ସମ୍ବନ୍ଧ କେବଳ ଏକ ଆରୋପ ଓ ଭ୍ରମ । ଏହା ଏକେବାରେ ଠିକ୍ । ଏଥିରୁ ମୁକ୍ତ ହେବାର ଯେଉଁ ଉପାୟ କହିଲ – ''ପରିବାରର ସ୍ୱରୂପ ଜାଣିବା, ନିଜେ ଆତ୍ମ-ବିକାଶ ସକାଶେ ଏହି ପୃଥିବୀକୁ ଆସିଥିବା ସମ୍ବନ୍ଧେ ସଚେତ ହୋଇ ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ସକାଶେ କର୍ମ କରିବା'', ଏହା ମଧ ଠିକ୍ । ଦୁଃଖକଷ୍ଟରୁ ମୁକ୍ତ ହେବା ସକାଶେ ଅନ୍ୟ କୌଣସି ସରଳ ଉପାୟ ନାହିଁ । କିନ୍ତୁ ପାରିବାରିକ ମୋହ ଯଥାର୍ଥରେ ଭ୍ରମାତ୍ମକ ହେବା ସତ୍ତ୍ୱେ ଏତେ ପ୍ରବଳ ଯେ ଏଥିରୁ ମୁକ୍ତ ହେବା ମହାନ୍ କଠିନ ।

ଉତ୍ତର : ଏହା କଠିନ ହେଲେ ମଧ ଅସମ୍ଭବ ନୁହେଁ । ବ୍ୟକ୍ତି ଦୃଢ଼ ନିଷ୍ଠା ସହ ଅଧ୍ୟବସାୟ କଲେ ଏଥିରୁ ମୁକ୍ତ ହୋଇ ଲକ୍ଷ୍ୟରେ ପହଞ୍ଚି ପାରେ । ବର୍ତ୍ତମାନ ତ ବହୁତ ସହଜ । ମା' ଏହି ପୃଥିବୀରେ ଅଛନ୍ତି, ଏବଂ ବ୍ୟକ୍ତିକୁ ଲକ୍ଷ୍ୟରେ ପହଞ୍ଚାଇ ଦେବା ପାଇଁ ସ୍ୱୟଂ କର୍ମ କରୁଛନ୍ତି । ମା' ବ୍ୟକ୍ତିର ସକଳ ଦାୟିତ୍ୱ ବହନ କରିବାକୁ ତାଙ୍କର ଅଭୟ ବାହୁଯୁଗଳ

ଉତ୍ତୋଳନ କରିଅଛନ୍ତି । ବ୍ୟକ୍ତି କେବଳ ତାଙ୍କ ଚରଣରେ ନିଜକୁ ସମର୍ପଣ କରିଦେଲେ ମା' ତା'ର ସମସ୍ତ ଭାର ବହନ କରି ତାକୁ ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି । ବ୍ୟକ୍ତିର କର୍ତ୍ତବ୍ୟ ହେଲା କେବଳ ନିଜକୁ ପ୍ରତିକୂଳ ଶକ୍ତି କବଳରୁ ମୁକ୍ତ କରି ତାଙ୍କୁ ଦେଇଦେବା । ଏହି କାର୍ଯ୍ୟରେ ମା' ମଧ୍ୟ ପୂର୍ଣ୍ଣରୂପେ ସହାୟତା କରନ୍ତି, ଯଦି ବ୍ୟକ୍ତି ତାହା ଚାହେଁ ।

ତୁମେ କହୁଅଛ ଯେ ପାରିବାରିକ ମୋହରୁ ମୁକ୍ତ ହେବା କଠିନ । ତୁମେ ତେବେ ଚାହୁଁଛ, ତୁମକୁ କିଛି କରିବାକୁ ହୁଅନ୍ତା ନାହିଁ, ଭଗବାନ୍ ସବୁ କରିଦିଅନ୍ତେ; ତାହା ଯଦି ହୋଇଥା'ନ୍ତା ତେବେ ଭଗବାନଙ୍କୁ ସଂସାର କରିବାକୁ ହୋଇ ନ ଥା'ନ୍ତା । ଏ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କର ବାକ୍ୟ ବିଶେଷ ଅନୁଧ୍ୟାନଯୋଗ୍ୟ : –

"Reject the false notion that the divine Power will do and is bound to do everything for you at your demand and even though you do not satisfy the conditions laid down by the Supreme. Make your surrender true and complete, then only will all else be done for you."

ଅର୍ଥାତ୍ ''ଭଗବାନ୍ ଯେଉଁ ବିଧାନ କରିଅଛନ୍ତି, ତାହା ଯଦି ତୁ ପାଳନ ନ କରୁ ଏବଂ ଚାହୁଁ ଯେ ଭାଗବତୀ ଶକ୍ତି ତୋ ସକାଶେ ସବୁକିଛି କରିଦେବେ ବା କରିବାକୁ ବାଧ୍ୟ – ଏ ମିଥ୍ୟା ଧାରଣା ଦୂର କର । ତୋର ସମର୍ପଣକୁ ସତ୍ୟ ଓ ସମ୍ପୂର୍ଣ୍ଣ କର, ତେବେ ଆଉ ସବୁକିଛି ତୋ ପାଇଁ କରିଦିଆହେବ ।''

*

ପ୍ରଶ୍ନ : ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ନିମିତ୍ତ କ୍ରିୟାତ୍ମକ ରୂପେ କିପରି ସମର୍ପଣ କରିବାକୁ ହେବ ?

ଉତ୍ତର : ରାତ୍ରିରେ ଶୋଇବା ପୂର୍ବରୁ କିଛି ସମୟ ବସି ମା'ଙ୍କୁ ଧ୍ୟାନ କର, ଦିବସରେ ସମ୍ପନ୍ନ କରିଥିବା ସମସ୍ତ କର୍ମକୁ ସମର୍ପଣ କର ଏବଂ କୁହ, ''ଏହି ଶରୀରରେ ଯାହାକିଛି କର୍ମ ହୋଇଛି, ତାହା ହୋଇଛି ତୁମ୍ଭରି ଶକ୍ତିରେ, ସେହି କର୍ମକୁ ତୁମ୍ଭ ଚରଣରେ ସମର୍ପଣ କରୁ ଅଛି । ମୁଁ ଏବଂ ମୋର ଯାହାକିଛି ସମସ୍ତ ତୁମ୍ଭ ଚରଣରେ ଯେପରି ସମର୍ପଣ କରିପାରେ, ଏହି ଦିଗରେ ମୋତେ ପରିଚାଳିତ କର ।'' ବିଛଣାରେ ଶୋଇବା ସମୟରେ ନିଦ ଆସିବା ପର୍ଯ୍ୟନ୍ତ ମା'ଙ୍କ ନାମ ସ୍ମରଣ କର ।

ଭୋର୍‌ରୁ ଉଠିବା ସଙ୍ଗେ ସଙ୍ଗେ ମା'ଙ୍କ ନାମ ସ୍ମରଣ କର । ଯଦି ସ୍ୱପ୍ନ ଦେଖିଥାଅ ତେବେ ଜାଗ୍ରତ ଚେତନାରେ ସେହି ସ୍ୱପ୍ନକୁ ସ୍ମରଣ କର । ପରେ ବସି ମା'ଙ୍କୁ କିଛି ସମୟ ଧ୍ୟାନ କର । ଧ୍ୟାନ ପରେ ଉଠିବା ସମୟରେ ମା'ଙ୍କୁ ପ୍ରାର୍ଥନା କର, ''ମା', ମୋତେ ପରିଚାଳନା କର । ସମସ୍ତ କର୍ମ ତୁମ୍ଭରି ଉଦ୍ଦେଶ୍ୟରେ କରି ତୁମ୍ଭରି ଚରଣରେ ସମର୍ପଣ କରିପାରେ, ଏଥି ସକାଶେ ପ୍ରେରଣା ଦିଅ ।'' ଶୌଚ, ସ୍ନାନାଦି ଯେକୌଣସି କର୍ମ କରିବା ସମୟରେ ମା'ଙ୍କ ନାମ ସ୍ମରଣ କର ଏବଂ ଧାରଣା କର ସମସ୍ତ କର୍ମ ମା'ଙ୍କ ସେବା ଆଉ ତୁମ ମଧ୍ୟରେ ମା'ଙ୍କ ଶକ୍ତି କର୍ମ-ପ୍ରେରଣା ଦେଉଅଛି ଏବଂ ସମ୍ପାଦନ କରାଉଛି । ଯେକୌଣସି କର୍ମ କର, ସବୁ ସମୟରେ ମା'ଙ୍କୁ ସ୍ମରଣ କରି ନ ପାରିଲେ ଆରମ୍ଭରେ ମା'ଙ୍କୁ ସ୍ମରଣ କର, ଉତ୍ତମଭାବେ କାର୍ଯ୍ୟ ସମ୍ପନ୍ନ କରିବା ସକାଶେ ମା'ଙ୍କ ଶକ୍ତିକୁ ଆବାହନ କର, କାର୍ଯ୍ୟ ଶେଷରେ ମା'ଙ୍କୁ ଅର୍ପଣ କର ।

ରାତ୍ରିରେ ତୁମ ସୁବିଧା ଅନୁସାରେ ଆଠଟାରୁ ଏଗାରଟା ମଧ୍ୟରେ ଶୋଇପାର, କିନ୍ତୁ ଉଠ ଭୋର୍ ସାଢ଼େ ତିନିଟାରୁ ପାଞ୍ଚଟା ମଧ୍ୟରେ । ଭୋର୍ ପାଞ୍ଚଟା ପରେ ଶୋଇବା ଏକେବାର ନିଷେଧ । ଭୋର୍ ଚାରିଟାରେ ଉଠିବା ଖୁବ୍ ଭଲ । ଅଭ୍ୟାସ ଥିଲେ ସ୍ନାନଶୌଚ ଆଦି କ୍ରିୟା ସମାପ୍ତ କରି ଧ୍ୟାନ କର । ଯଦି ସ୍ନାନର ଅଭ୍ୟାସ ନ ଥାଏ, ତେବେ ମଳତ୍ୟାଗ ପରେ ଦନ୍ତମୁଖ ଧୋଇ ଧ୍ୟାନରେ ବସିଯାଅ । ଧ୍ୟାନର ସମୟ ପ୍ରଥମେ ୧୦ ମିନିଟ୍ ହେବା ଉଚିତ । କ୍ରମଶଃ ପାଞ୍ଚ ମିନିଟ ବଢ଼ାଇ ଅଧ ଘଣ୍ଟାଏ ପର୍ଯ୍ୟନ୍ତ କରିବା ଭଲ । ଏହାଠାରୁ ବେଶୀ ହେଲେ ମଧ୍ୟ ଭଲ ।

ଭୋଜନ ସମୟ ଦିନରେ ୯ଟାରୁ ୧୨ ଟା ମଧ୍ୟରେ, ରାତ୍ରିରେ ସନ୍ଧ୍ୟା ୭ଟାରୁ ୧୦.୩୦ ମଧ୍ୟରେ ହେବା ଉଚିତ । କିନ୍ତୁ ସମୟ ନିର୍ଦ୍ଦିଷ୍ଟ ରଖିବାକୁ ହେବ ।

*

ପ୍ରଶ୍ନ : ମା'ଙ୍କୁ ସମର୍ପଣ କରିବା କ'ଣ ଅପରିହାର୍ଯ୍ୟ ?

ଉତ୍ତର : ହଁ । ସମର୍ପଣ ଦ୍ୱାରାହିଁ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିପାରେ । କାରଣ ଭଗବତ୍ ତତ୍ତ୍ୱରେ ମନୁଷ୍ୟ ରୂପାନ୍ତରିତ ନ ହେଲେ ଭଗବାନ୍ ପୂର୍ଣ୍ଣରୂପେ ପ୍ରକାଶିତ ହୋଇପାରନ୍ତି ନାହିଁ । ଏହା କୌଣସି ପୁରାତନ ଯୋଗ-ପ୍ରକ୍ରିୟା ବା ଧ୍ୟାନ ଦ୍ୱାରା ହୁଏ ନାହିଁ, ହୁଏ କେବଳ ଅତିମାନସ ଶକ୍ତି ସାଧକ ମଧ୍ୟରେ ସ୍ୱୟଂ କ୍ରିୟା କଲେ । ଅତିମାନସ ଶକ୍ତି ସେତେବେଳେ କ୍ରିୟା କରିପାରେ ଯେତେବେଳେ ସାଧକ ତାକୁ ପୂର୍ଣ୍ଣରୂପେ ସମର୍ପଣ କରେ । ଶ୍ରଦ୍ଧା ବିନା ସମର୍ପଣ ହୁଏ ନାହିଁ । କିନ୍ତୁ ସେହି ଅତିମାନସ ଶକ୍ତିକୁ ମା' ଧାରଣ କରିଛନ୍ତି । ମା'ଙ୍କ ପ୍ରତି ଶ୍ରଦ୍ଧା ଭକ୍ତି କଲେ, ତାଙ୍କୁ ସମର୍ପଣ କଲେ ସାଧକ ମଧ୍ୟରେ ଅତିମାନସ ଶକ୍ତି ସହଜରେ କ୍ରିୟା କରିପାରେ । ମା' ସ୍ଥୂଳ ଶରୀରରେ ଆମ୍ଭମାନଙ୍କ ସମ୍ମୁଖରେ ବିଦ୍ୟମାନ ଥିବାରୁ ତାଙ୍କୁ ସମର୍ପଣ କରିବା ସୁବିଧା ହୁଏ ।

କାରଣ ଅତିମାନସ ଶକ୍ତି ସଚ୍ଚିଦାନନ୍ଦ ବ୍ରହ୍ମ ସ୍ୱରୂପ । କୌଣସି ସାଧକ ତାଙ୍କୁ ଜାଣେ ନାହିଁ, ତାଙ୍କ ରୂପ କଳ୍ପନା କରି ହୁଏ ନାହିଁ, ଶବ୍ଦ ତାଙ୍କୁ ପ୍ରକାଶ କରିପାରେ ନାହିଁ । ବେଦୋପନିଷଦ ତାଙ୍କର ସ୍ୱରୂପ ନିରୂପଣ କରି ନ ପାରି ତାଙ୍କୁ କେବଳ ''ସହସ୍ର ଶିର...'' କହି ଛାଡ଼ି ଦେଇଅଛି । ତୁଳସୀଦାସ ଲେଖିଛନ୍ତି –

''ନେତି ନେତି ଯେହି ବେଦ ନିରୂପା,
ଅନୁଭବଗମ୍ୟ ଭଜହି ଯେହି ସନ୍ଥା ।''

ଅର୍ଥାତ୍ – ''ବେଦ ନେତି ନେତି କହି ଛାଡ଼ିଦେଲା । ଯାହାକୁ ସନ୍ଥମାନେ ଭଜନ କରନ୍ତି, ସେ କେବଳ ଅନୁଭବରେ ପ୍ରାପ୍ତ ହୁଅନ୍ତି ।'' ସୁତରାଂ ସେହି ବ୍ରହ୍ମ ଯେତେବେଳେ ନିଜ ଯଥାର୍ଥ ସ୍ୱରୂପକୁ ଯୋଗମାୟାରେ ଆବୃତ କରି ମନୁଷ୍ୟ-ଶରୀରରେ ଅବତାର ନିଅନ୍ତି ସେତେବେଳେ ପୁରାଣ ତାଙ୍କୁ ବର୍ଣ୍ଣନା କରିପାରେ, ଯେଉଁ ଶରୀରରେ ଅବତାର ନିଅନ୍ତି ସେହି ଶରୀର ସମସ୍ତଙ୍କ ସମ୍ମୁଖରେ ଥାଏ । କ'ଣ ତାଙ୍କୁ ଦେଖି ଭଗବାନ୍ ବୋଲି କେହି ଚିହ୍ନି ପାରନ୍ତି !

ଶ୍ରୀକୃଷ୍ଣ କଂସକୁ ମାରି ମହାଭାରତ ଯୁଦ୍ଧ ସମାପ୍ତ କରିସାରିବା ପରେ ଦିନେ ନାରଦ ବସୁଦେବଙ୍କୁ ଉପଦେଶ ଦେଇ କହିଲେ, ''ତୁମେ ଭଗବାନଙ୍କୁ ଉପାସନା କର ।'' ସେ କହିଲେ, ''ଭଗବାନଙ୍କ ସ୍ୱରୂପ ବେଦ ବର୍ଣ୍ଣନା କରିବାରେ ଅସମର୍ଥ, ମୁଁ ତାଙ୍କୁ କିପରି ଧ୍ୟାନ କରିବି ?'' ନାରଦ କହିଲେ, ''ବେଦ ଯାହାଙ୍କୁ ବର୍ଣ୍ଣନ କରିପାରେ ନାହିଁ, ସେହିଁ ତୁମର ପୁତ୍ର ଶ୍ରୀକୃଷ୍ଣ ।'' ଭଗବାନଙ୍କ ଯଥାର୍ଥ ସ୍ୱରୂପ ପ୍ରଘଟ ହୋଇଥିଲେ ବସୁଦେବ ତାଙ୍କୁ ଜାଣି ଥାଆନ୍ତେ । ଯଥାର୍ଥରେ ଭଗବତ୍ ତତ୍ତ୍ୱ ମନର କଳ୍ପନାରେ ଆସେ ନାହିଁ, ମନର ଊର୍ଦ୍ଧ୍ୱ ଚେତନାରେ କେବଳ ଅନୁଭବ କରାହୁଏ । ସେହି ସକାଶେ ଭକ୍ତମାନେ ଭଗବାନଙ୍କ ସ୍ୱରୂପକୁ ପ୍ରସ୍ତର ପ୍ରତିମା, କାଗଜର ଫଟୋ ଅଥବା ଭକ୍ତଙ୍କ ବାକ୍ୟ ଦ୍ୱାରା ପ୍ରତିପାଦିତ ସ୍ୱରୂପରେ ଧ୍ୟାନ କରନ୍ତି ଏବଂ ତହିଁରେ ମନକୁ ଏକାଗ୍ର କରି ଭଗବାନଙ୍କ ଯଥାର୍ଥ ସ୍ୱରୂପରେ ପହଞ୍ଚନ୍ତି । ଯେଉଁ ସ୍ୱରୂପକୁ ଧ୍ୟାନ କରାହୁଏ ତାହା କେବଳ ମନକୁ ଏକାଗ୍ର କରିବାର ଉପାୟ ଛଡ଼ା ଅନ୍ୟ କିଛି ନୁହେଁ । ସେହି କାରଣରୁ ମା'ଙ୍କ ମଧ୍ୟରେ ଭଗବତ୍ ଭାବନା ବା ଅତିମାନସ ଭାବନା ଆଣିବାରେ କୌଣସି ଉପାସନା ବା ନିଷ୍ଠାରେ ବିରୋଧ ଆସେ ନାହିଁ । ବିରୋଧ କେବଳ ମାନସ ଚେତନାରେ ।  ମନରେ ନାନା ପ୍ରକାର ସନ୍ଦେହ ଏବଂ ବିରୋଧ । ଦେଖିବେ ଯେତେବେଳେ ମନ ଏକାଗ୍ର ଥାଏ, ଭଗବାନଙ୍କ ପ୍ରତି ସମର୍ପଣ, ଭକ୍ତିଭାବ ଥାଏ ସେତେବେଳେ ଏପରି ସନ୍ଦେହ କେବେ ବି ଆସେ ନାହିଁ; ଆସେ ମନ ବିକ୍ଷିପ୍ତ ଓ ଚଞ୍ଚଳ ହେଲେ । ଏହା ସ୍ଥୂଳ ଭୌତିକ ମନର ଧର୍ମ । ସାଧକକୁ ସର୍ବଦା ସ୍ଥୂଳ ଭୌତିକ ମନର ଊର୍ଦ୍ଧ୍ୱରେ ବାସ କରିବାକୁ ହେବ ।

## (୩)

## କ୍ରିୟାତ୍ମକ ସମର୍ପଣ

ପ୍ରଶ୍ନ :  କ୍ରିୟାତ୍ମକ ରୂପେ ସମସ୍ତ ବସ୍ତୁ ଓ କର୍ମକୁ କିପରି ସମର୍ପଣ କରିବାକୁ ହୁଏ ?

ଉତ୍ତର : ଶବ୍ଦରେ, ମନରେ ଏବଂ ଚେତନାରେ । ପ୍ରଥମେ ବ୍ୟକ୍ତି ସଂକଳ୍ପ କରିବ ନିଜର ଯାହାକିଛି ସମସ୍ତ ବସ୍ତୁକୁ ମା'ଙ୍କ ଚରଣରେ ସମର୍ପଣ କରିବାକୁ । ସଂକଳ୍ପର କ୍ରିୟାତ୍ମକ ରୂପ ହେଲା : ଯେପରି ବ୍ୟକ୍ତି ଏମ୍. ଏ. ପଢ଼ିବା ଉଦ୍ଦେଶ୍ୟ ରଖି ସ୍କୁଲ୍‌ରେ ପ୍ରବେଶ କରେ । ଏମ୍. ଏ. ପଢ଼ିବା ହେଲା ସଂକଳ୍ପ । ଏହି ସଂକଳ୍ପକୁ କାର୍ଯ୍ୟରେ ପରିଣତ ନ କଲେ ତାହା ସିଦ୍ଧ ହୁଏ ନାହିଁ । ସେହିପରି ସମର୍ପଣ କରିବାର ସଂକଳ୍ପ କରିବା ପରେ ଦୈନନ୍ଦିନ କର୍ମକୁ ସମର୍ପଣ କରିବାକୁ ହୁଏ ।

ସମର୍ପଣର ଅର୍ଥ : ଯେଉଁ ବସ୍ତୁ, ଯେଉଁ କର୍ମକୁ ନିଜର ବୋଲି ମନେକରୁଥିଲ, ତାହାସବୁ ମା'ଙ୍କର ବୋଲି ମାନିନେବା । ମାନିବା ହେଲା ତ୍ରିବିଧ — ଶବ୍ଦରେ, ମନରେ ଓ ଚେତନାରେ । ଶବ୍ଦରେ ମାନିବା ଅର୍ଥ : ଶବ୍ଦରେ କହିଦେଲ, ''ଏହି କର୍ମ ମୁଁ ତୁମ (ଭଗବାନଙ୍କ) ଚରଣରେ ଅର୍ପଣ କରୁଛି'', ''ଏହିସବୁ ବସ୍ତୁ ମା'ଙ୍କର'' । ଶବ୍ଦରେ କହିବାଟା ଏକେବାରେ ବାହ୍ୟ ବସ୍ତୁ, କିନ୍ତୁ ଯଦି ଯଥାର୍ଥରେ ସଂକଳ୍ପର ଲକ୍ଷ୍ୟରେ ପହୁଞ୍ଚିବା ଉଦ୍ଦେଶ୍ୟରେ ତାହା କରାହୁଏ, ତେବେ ଏହି ଶବ୍ଦ ଅଭ୍ୟାସ ବଳରେ କେବଳ ଶବ୍ଦ ହୋଇ ନ ରହି, ଏଥିରେ ମନ ମଧ୍ୟ ଯୋଗ ଦିଏ । ଯେପରି କାହା ଘରକୁ ମିତ୍ର ଆସିଲେ, ସେ ବଗିଚା, ନୂଆ ଘର ଇତ୍ୟାଦି ମିତ୍ରକୁ ଦେଖାଏ । ମିତ୍ର ପଚାରେ, ''ଏ ଘର କାହାର ?'' ସେ ଉତ୍ତର ଦିଏ, ''ଏ ଘର ତୁମର, ଏ ପରିବାର ତୁମର ।'' ଏହା ଏକେବାରେ ବାହ୍ୟ ଶବ୍ଦ, ଏଥିରେ ଗଭୀର ଭାବ ବା ସତ୍ୟତା ନ ଥାଏ । ଏପରି ବାହ୍ୟ ଶବ୍ଦର କୌଣସି ଫଳ ହୁଏ ନାହିଁ । କାରଣ ଏହା ପଶ୍ଚାତ୍‌ରେ ଏହାକୁ ଅତିକ୍ରମ କରି ଆଗକୁ ଯିବାର ସଂକଳ୍ପ ଏବଂ ଅଭୀପ୍ସା ନ ଥାଏ ।

କୌଣସି ସଙ୍ଗୀତ-ବିଦ୍ୟାର୍ଥୀ ନୂତନ ସଙ୍ଗୀତ ଶିକ୍ଷା କରିବା ସମୟରେ ତାହାର ସ୍ୱରଜ୍ଞାନ ନ ଥାଏ, କେବଳ ବାହ୍ୟ ଶବ୍ଦ ଉଚ୍ଚାରଣ କରେ, କିନ୍ତୁ ତାହାର ପଶ୍ଚାତ୍‌ରେ ସଂକଳ୍ପ ଶକ୍ତି ଥାଏ, ତେଣୁ ସେହି ବାହ୍ୟ ଅଭ୍ୟାସ ଦ୍ୱାରା ସଙ୍ଗୀତ ପଶ୍ଚାତ୍‌ରେ ଥିବା କଳାରେ ବିଦ୍ୟାର୍ଥୀ ପ୍ରବେଶ କରେ । ସେହି ସଙ୍ଗୀତ ଗାଇଆଳ ପିଲା ପ୍ରତ୍ୟହ ବୋଲନ୍ତି, କିନ୍ତୁ ସେମାନଙ୍କୁ କୌଣସି ସ୍ୱରଜ୍ଞାନ ପ୍ରାପ୍ତ ହୁଏ ନାହିଁ ।

ସେହିପରି ବସ୍ତୁ ଏବଂ କର୍ମକୁ ପ୍ରଥମେ କେବଳ ବାହ୍ୟ ଶବ୍ଦରେ ସମର୍ପଣ କରାହୁଏ, ଯଥା — ଭୋଜନ, ''ଏହି ବସ୍ତୁ ତୁମ୍ଭରି କୃପାରୁ ପ୍ରାପ୍ତ ହେଲା, ତୁମ୍ଭରି ବସ୍ତୁ ତୁମ୍ଭଙ୍କୁହିଁ ନିବେଦନ କରୁଅଛି ।'' ଏହା କେବଳ ଶବ୍ଦ । ଏହା ପଶ୍ଚାତ୍‌ରେ ସଂକଳ୍ପ ଥାଏ, ଏହି ବସ୍ତୁ ପ୍ରକୃତରେ ବ୍ୟକ୍ତି ସମର୍ପଣ କରିବାକୁ ଚାହେଁ, ଏହି ଉଦ୍ଦେଶ୍ୟ ହେଲା ମନର । ଏଠାରେ କେବଳ ଶବ୍ଦ ରହିଲା ନାହିଁ, ଏଥିସଙ୍ଗେ ସହଯୋଗ ଦେଲା ମନ । ଏହି ସମର୍ପଣ ଯଦି ଇଷ୍ଟ ମୂର୍ତ୍ତିଙ୍କୁ ଧ୍ୟାନ ସହ କରାହୁଏ, ତେବେ ମନକୁ ସାହାଯ୍ୟ ମିଳେ । ଅର୍ଥାତ୍ — ଖାଦ୍ୟ-ସାମଗ୍ରୀ ସାମନାରେ ରଖି କିଂବା କୌଣସି କର୍ମ ଆରମ୍ଭ କରିବା ପୂର୍ବରୁ ମନକୁ ଏକାଗ୍ର କରି ମା'ଙ୍କୁ ଧ୍ୟାନ କଲେ ମା'ଙ୍କ ମୂର୍ତ୍ତିରେ ମନ ଏକାଗ୍ର ହୁଏ; ଏହି ଅବସ୍ଥାରେ ଯେଉଁ ସମର୍ପଣ ହୁଏ, ତାହା ହୁଏ ମନରେ । ମନ ଆଚରିତ କର୍ମର ପ୍ରଭାବ ଅଧିକ ହୁଏ । ଏହା ଅଭ୍ୟାସ ଦ୍ୱାରା କ୍ରମଶଃ ବୃଦ୍ଧି ପ୍ରାପ୍ତ ହୁଏ ଏବଂ ଅନ୍ତର ଗଭୀରତାରେ ପ୍ରବେଶ କରେ; ଅର୍ଥାତ୍ କର୍ମ କରିବା, ଭୋଜନ କରିବା ପୂର୍ବରୁ ସମର୍ପଣ ଭାବ ଓ ସମର୍ପଣ କରିବାର ପ୍ରବୃତ୍ତି ଆସେ ।

ଏହି ସମର୍ପଣ ବୃଦ୍ଧି ପାଇ ଚେତନାରେ ପରିଣତ ହୁଏ । ମନର ସମର୍ପଣ ଯେଉଁ ପର୍ଯ୍ୟନ୍ତ ହେଉଥାଏ, ସେତେବେଳେ ବ୍ୟକ୍ତି ସ୍ୱୟଂ କର୍ମ କରେ, ମା'ଙ୍କୁ ଅର୍ପଣ କରେ । ସେ ଭାବେ, ମୁଁ ମା'ଙ୍କ ସକାଶେ ମା'ଙ୍କ କର୍ମ କରୁଛି ଅଥବା କର୍ମ କରି ମା'ଙ୍କୁ ଅର୍ପଣ କରୁଛି । ଏଥିରେ ବିଚାର ପ୍ରଧାନ । କିନ୍ତୁ ସମର୍ପଣ ଯାହାଙ୍କୁ କରାହୁଏ ତାଙ୍କ ସ୍ମରଣ ବରାବର ରହିଲେ, ଏହା ମନର ସମର୍ପଣ ବୋଲି କୁହାଯାଏ । ପ୍ରଥମରେ ସ୍ମରଣ କମ୍ ହୁଏ, ଅଭ୍ୟାସ କଲେ କ୍ରମଶଃ ବଢ଼େ ।

ଚେତନାରେ ସମର୍ପଣ ହେଲେ ବ୍ୟକ୍ତି ଅନୁଭବ କରେ ଯେ ତା' ମଧ୍ୟରେ ମା'ଙ୍କ ଶକ୍ତି କର୍ମ କରୁଅଛି ବା ତା' ମଧ୍ୟରେ ମା' ଭୋଜନ କରୁଅଛନ୍ତି, ସେ କେବଳ ଯନ୍ତ୍ର । ଠିକ୍ ଗୋଟାଏ ସ୍ତରର ସମର୍ପଣ ପୂର୍ଣ୍ଣ ହେଲେ ଅନ୍ୟ ସ୍ତରର ସମର୍ପଣ ଆସେ — ଏପରି ନୁହେଁ । ଏହି ତିନି ପ୍ରକାରର ସମର୍ପଣ ଏକ ସଙ୍ଗେ ଚାଲେ । ସାଧକ ସାଧନାରେ କିଛି ଅଗ୍ରସର ହେବା ପରେ ତା'ର ଚେତନା କେବେ ଉନ୍ନତ ହୁଏ, ପୁଣି କେବେ ହ୍ରାସ ହୁଏ, ଏହି ଉଭୟ ଅବସ୍ଥାର ମଧ୍ୟଦେଇ ତାକୁ ଗତି କରିବାକୁ ହୁଏ । କେତେବେଳେ ସେ ମନରେ ଏବଂ ଚେତନାରେ ସମର୍ପଣ ଅନୁଭବ କରେ । ଯେତେବେଳେ

ଚେତନା ଅବନତ ହୁଏ ସେତେବେଳେ କେବଳ ଶବ୍ଦରେ ସମର୍ପଣ କରା ହୋଇଥାଏ । ଅଭ୍ୟାସ ଓ ଅଧ୍ୟବସାୟ ଫଳରେ ଏହିପରି ବିଭିନ୍ନ ଅବସ୍ଥା ଦେଇ ସେ ଲକ୍ଷ୍ୟରେ ପହଞ୍ଚେ ।

ଧ୍ୟାନ ସହିତ ସମର୍ପଣ କରିବା ଉତ୍ତମ । ଏହିପରି କରିବା ଦ୍ୱାରା ସମର୍ପଣ ଧୀରେ ଧୀରେ ଚେତନାରେ କ୍ରିୟାଶୀଳ ହୁଏ । ଏହି ରାସ୍ତା ବହୁ ଦୀର୍ଘ; ଦିନକରେ, ମାସକରେ ବା ବର୍ଷକରେ ସମ୍ପୂର୍ଣ୍ଣ ହୁଏ ନାହିଁ; ବହୁବର୍ଷ ଅଭ୍ୟାସ କରିବାକୁ ହୁଏ । କିନ୍ତୁ ଅଭ୍ୟାସ ଆରମ୍ଭରୁ ବହୁ ଆଶ୍ଚର୍ଯ୍ୟଜନକ ଅନୁଭୂତି ଆସେ । ସାଧକକୁ ବହୁତ ଆନନ୍ଦ ମଧ୍ୟ ପ୍ରାପ୍ତ ହୁଏ । ଏପରିକି ଏହି ସାଧନା ଦ୍ୱାରା ତା'ର ସମସ୍ତ କର୍ମ ଉନ୍ନତ, ଶୃଙ୍ଖଳିତ ଏବଂ ଶୁଦ୍ଧ ହେବାକୁ ଆରମ୍ଭ ହୁଏ । ତା' ମଧ୍ୟରେ ଥିବା ସୁପ୍ତ ଶକ୍ତିସବୁ କ୍ରମଶଃ ଜାଗ୍ରତ ହୁଅନ୍ତି । ବୁଦ୍ଧି ବିକଶିତ ହୁଏ, ଶୁଦ୍ଧ ହୁଏ, ପ୍ରାଣ ଯଥାର୍ଥ ମାର୍ଗରେ ପୂର୍ବାପେକ୍ଷା ଅଧିକ କର୍ମ କରିପାରେ । ଆତ୍ମା ଜାଗ୍ରତ ହୋଇ ମନୁଷ୍ୟକୁ ସତ୍ୟ-ମାର୍ଗରେ ପରିଚାଳନା କରେ । ଜ୍ଞାନ, ଭକ୍ତି, ଶାନ୍ତି, ସମତା, ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା କ୍ରମଶଃ  ବୃଦ୍ଧିପ୍ରାପ୍ତ ହୁଏ, ଅଭୀପ୍‌ସାଗ୍ନି ପ୍ରୋଜ୍ଜ୍ୱଳିତ ହୋଇଉଠେ ।

ଏହା ସଙ୍ଗରେ ମନକୁ ଏକାଗ୍ର କରିବା ସକାଶେ ମଧ୍ୟ ଧ୍ୟାନ ଆବଶ୍ୟକ । ସମର୍ପଣ ଦ୍ୱାରା ଧ୍ୟାନ ବୃଦ୍ଧି ହୁଏ, ଧ୍ୟାନ ଦ୍ୱାରା ସମର୍ପଣ ଆନ୍ତରିକ ହୁଏ । ସମର୍ପଣର କ୍ରମ ପ୍ରଥମେ ଶବ୍ଦରେ, ଦ୍ୱିତୀୟରେ ମନରେ, ତୃତୀୟରେ ଚେତନାରେ ଆସିଥାଏ । ଶେଷରେ ଚେତନାରେ ଯେତେବେଳେ ସମର୍ପଣ ହୁଏ ସେତେବେଳେ ବ୍ୟକ୍ତି ପ୍ରତ୍ୟେକ କର୍ମ କରିବା ସମୟରେ ନିରନ୍ତର ମା'ଙ୍କ ଚେତନା ସହିତ ଏକତ୍ୱ ପ୍ରାପ୍ତ କରିଥାଏ, ଅନ୍ୟ ଶବ୍ଦରେ କହିଲେ ମା'ଙ୍କ ସ୍ମରଣ, ଉଚ୍ଚତର ଶକ୍ତିର କ୍ରିୟା ଇତ୍ୟାଦିରେ ମନ ବିଚରଣ କରୁଥାଏ । ମା'ଙ୍କୁ ବ୍ୟକ୍ତି ଏହି ସକାଶେ ଧ୍ୟାନ ଏବଂ ସମର୍ପଣ କରନ୍ତି । ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କ୍ରିୟା କରୁଅଛନ୍ତି, ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକ ହୋଇଅଛନ୍ତି । ମା'ଙ୍କୁ ସମର୍ପଣ କରିବା ଦ୍ୱାରା ତାଙ୍କ ସହିତ ଚେତନାରେ ସଂସ୍ପର୍ଶ ହୁଏ, ଏଣୁ ଅତିମାନସ ଶକ୍ତି ସାଧକ ମଧ୍ୟରେ କ୍ରିୟା କରିବାକୁ ଆରମ୍ଭ କରେ । ଏହି ଯୋଗର ରୂପାନ୍ତର-ସିଦ୍ଧି ହୁଏ ଅତିମାନସ ଶକ୍ତି ଦ୍ୱାରା । ମା'ଙ୍କୁ ଧ୍ୟାନ କରିବା ଦ୍ୱାରା ଅତିମାନସ ଶକ୍ତି ସହିତ ସ୍ୱାଭାବିକରୂପେ ଏକତ୍ୱ ପ୍ରାପ୍ତ ହୁଏ । ତାହା ଛଡ଼ା ମା' ଏହି ରୂପାନ୍ତର କାର୍ଯ୍ୟ କରିବାକୁ ଏହି ପୃଥିବୀକୁ ଆସିଅଛନ୍ତି । ମନୁଷ୍ୟ ଯଦି କାଷ୍ଠ, ପାଷାଣ ପ୍ରତିମାରେ ଭଗବତ୍ କଳ୍ପନା କରିପାରେ, ତେବେ ଯେଉଁ ମା' ସାକ୍ଷାତ୍‌ରେ ଭଗବାନଙ୍କ କ୍ରିୟାଶକ୍ତି, ଯାହାଙ୍କ ମଧ୍ୟରେ ଭଗବାନ୍ ଅଭିବ୍ୟକ୍ତ ହୋଇଅଛନ୍ତି, ତାଙ୍କୁ ଭାଗବତୀ ଶକ୍ତିରୂପେ ଧାରଣା କରିବା କଷ୍ଟକର ହେବ କାହିଁକି ?

*

ପ୍ରଶ୍ନ : ଆସ୍ପୃହା କ'ଣ ? ଆମେ କିପରି ଆସ୍ପୃହା କରିବୁ ?

ଉତ୍ତର : ଆତ୍ମାରୁ ଉତ୍‌ଥିତ ଇଚ୍ଛାକୁ ଆସ୍ପୃହା କହନ୍ତି । କାମନାବାସନା ହେଉଛି ପ୍ରାଣର ଇଚ୍ଛା, ସେଥିନେଇ ଆତ୍ମାର ଇଚ୍ଛାର ନାମ ଆସ୍ପୃହା ରଖାଯାଇଛି । ଏହା ଉତ୍ପନ୍ନ ହୁଏ ଧ୍ୟାନ ଓ ସମର୍ପଣ ଦ୍ୱାରା । ଏଥିସକାଶେ ପ୍ରାର୍ଥନା କରିବା ଭଲ । ସାଧନାରେ ଏହା ସ୍ୱାଭାବିକରୂପେ ଆସେ ।

*

ପ୍ରଶ୍ନ :  ଅଖଣ୍ଡ ଐକାନ୍ତିକ ସମର୍ପଣର ସ୍ୱରୂପ କ'ଣ ?

ଉତ୍ତର : ଅଖଣ୍ଡ ଐକାନ୍ତିକ ସମର୍ପଣର ଅର୍ଥ ହେଲା ମନୁଷ୍ୟର ମନ, ପ୍ରାଣ, ଶରୀରରେ ଭାଗବତୀ ଶକ୍ତିର ପ୍ରତିଷ୍ଠା । ବ୍ୟକ୍ତି ଭାଗବତୀ ଶକ୍ତି ଦ୍ୱାରା ଚାଳିତ ଏବଂ ସତ୍ୟରେ ପ୍ରତିଷ୍ଠିତ ହୁଏ । ତାକୁ ଭଗବାନ୍ ସ୍ୱୟଂ ପରିଚାଳନା କରିବାରୁ ତା'ଦ୍ୱାରା କୌଣସି ଅବିହିତ କାର୍ଯ୍ୟ ହୁଏ ନାହିଁ । ତା' ମଧ୍ୟରେ ଆନନ୍ଦ, ଶାନ୍ତି ଇତ୍ୟାଦି ଦିବ୍ୟଗୁଣ ପ୍ରତିଷ୍ଠିତ ହୁଏ ।

*

ପ୍ରଶ୍ନ : ଆମେ ଭାଗବତୀ ଶକ୍ତି ଆଡ଼କୁ କିପରି ଏକମୁଖୀ ହୋଇ ଅନନ୍ୟଭାବେ ଆତ୍ମୋନ୍ମୀଳନ କରିବୁ ?

ଉତ୍ତର : ନିରନ୍ତର ମା'ଙ୍କୁ ସ୍ମରଣ, ସମର୍ପଣ, ଆବାହନ ଏବଂ ପ୍ରତିକୂଳ ବସ୍ତୁର ତ୍ୟାଗ ହେଲା ଆତ୍ମୋନ୍ମୀଳନର ଉପାୟ ।

*

ପ୍ରଶ୍ନ : ମା'ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ ପଢ଼ିଥିଲି – ''ତୋ ଭକ୍ତି, ତୋ ଆତ୍ମ-ସମର୍ପଣ ପଛରେ ଯଦି ତୋର ବାସନା ଓ ଅହଙ୍କାରର ଦାବିକୁ ତୋ ପ୍ରାଣର ଜିଦ୍ ସକାଶେ ଗ୍ରହଣ କରିନେଉ, ଏବଂ ଏହିସବୁକୁ ଆସ୍ପୃହା ପରିବର୍ତ୍ତେ ସ୍ଥାନ ଦେଉ ଅଥବା ସେସବୁକୁ ତହିଁରେ ମିଶାଇ ଦେଉ କିଂବା ଭାଗବତୀ ଶକ୍ତି ଉପରେ ଆରୋପ କରିବାକୁ ଚାହୁଁ, ତେବେ ରୂପାନ୍ତର ନିମିତ୍ତ ଭାଗବତୀ ଶକ୍ତିକୁ ଆହ୍ୱାନ କରିବା ନିରର୍ଥକ ।'' ଏହାର ଅର୍ଥ କ'ଣ ?

ଉତ୍ତର : ଭକ୍ତି, ସମର୍ପଣ ପଛରେ ବାସନା, ଅହଂକାରର ସ୍ୱରୂପ ହେଲା – ନିଜ ସ୍ୱାର୍ଥସିଦ୍ଧି । ଏହାରି ଅନ୍ତର୍ଗତ ମାନ-ଯଶଃ-ପ୍ରତିଷ୍ଠା, ସୁଖ-ସୁବିଧା ଇତ୍ୟାଦି ।

ପ୍ରାଣର ଜିଦ୍‌ର ଆଶ୍ରୟ ହେଲା – ଆଗରୁ ପ୍ରାଣ ଯାହାକୁ ମାନି ନେଇଛି, ଅଥବା ଯାହା ସ୍ୱଭାବରେ ପରିଣତ ହୋଇଛି, ତାକୁ ସମର୍ଥନ କରିବା ଅଥବା ସାଧନାର ଅଙ୍ଗ ବୋଲି ମାନି ନେବା । ଏପରି ଅବସ୍ଥାରେ ଭାଗବତୀ ଶକ୍ତି ରୂପାନ୍ତର କରେ ନାହିଁ ।

ଆରମ୍ଭରେ ଏହିସବୁ ଦୋଷ ଥାଏ । ସାଧନା ଦ୍ୱାରା ଏସବୁ ଜାଣି ହୁଏ ଏବଂ କ୍ରମଶଃ ପରିଶୁଦ୍ଧ ହୁଏ ।

*

ପ୍ରଶ୍ନ : ଜୀବ ଅହଂକାରଶୂନ୍ୟ ହେବ କିପରି ?

ଉତ୍ତର : ସାଧନା ଦ୍ୱାରା – ସମର୍ପଣ, ଅଭୀପ୍‌ସା ଦ୍ୱାରା ମନ-ପ୍ରାଣ-ଶରୀରକୁ ଭାଗବତୀ ଶକ୍ତି ଅଧିକାର କରି ପରିଚାଳନା କଲେ ତଥା ଆତ୍ମା ପୂର୍ଣ୍ଣ ଜାଗ୍ରତ ହେଲେ ମନୁଷ୍ୟ ଅହଂକାରଶୂନ୍ୟ ହୁଏ, ଅର୍ଥାତ୍ ସେ ମନ-ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଆତ୍ମା ତଥା ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ ।

*

ପ୍ରଶ୍ନ : ସାଧନାରେ ପ୍ରାଣଶକ୍ତିର ସମ୍ମତି ଆସିବ କିପରି ?

ଉତ୍ତର : ଆତ୍ମାର ପ୍ରଭାବ ପ୍ରାଣରେ ପଡ଼ିଲେ ଅର୍ଥାତ୍ ପ୍ରାଣ ସମର୍ପିତ ହେଲେ ।

*

ପ୍ରଶ୍ନ : ମନ-ପ୍ରାଣର ଅହଂଭାବାତ୍ମକ ଶ୍ରଦ୍ଧା କ'ଣ ?

ଉତ୍ତର : ଯେଉଁ ଶ୍ରଦ୍ଧାରେ ବାସନା-କାମନା ଥାଏ ।

*

ପ୍ରଶ୍ନ : ''ଭଗବାନଙ୍କ ନିମିତ୍ତ ଅର୍ଥର ପୁନରୁଦ୍ଧାର'' – ଏହାର ଅର୍ଥ କ'ଣ ?

ଉତ୍ତର : ଯେଉଁ ଧନ ଭଗବାନଙ୍କ କାର୍ଯ୍ୟରେ ନ ଲାଗି ଅନ୍ୟ କାର୍ଯ୍ୟରେ ଲାଗୁଥାଏ, ସେହି ଧନ ଆଣି ଭଗବାନଙ୍କ କାର୍ଯ୍ୟରେ ଲଗାଇବା । କାରଣ ଧନ ପ୍ରକୃତରେ ଭଗବାନଙ୍କର । ବର୍ତ୍ତମାନ ତାହା ଅସୁରର ଅଧିକାରରେ ଅଛି ।

*

ପ୍ରଶ୍ନ : ଭାଗବତ ଭାବରେ ଅର୍ଥ କିପରି ବ୍ୟୟ ହେବ ?

ଉତ୍ତର : ସମସ୍ତ ଧନ ଭଗବାନଙ୍କର ଜାଣି ତାକୁ ଭାଗବତ ସେବାରୂପେ ଯଥାଯଥଭାବେ ବ୍ୟୟ କରିବାରେ ।

## (୪)

## ନିଷ୍କାମ କର୍ମ

ପ୍ରଶ୍ନ : ଆମ୍ଭେମାନେ ଯେକୌଣସି କାର୍ଯ୍ୟ କରୁ, ସେଥିରେ କିଛି ନା କିଛି କାମନା ଥାଏ । ଯଥାର୍ଥରେ ନିଷ୍କାମ କର୍ମର ସ୍ୱରୂପ କ'ଣ ? ଗୀତାବର୍ଣ୍ଣିତ ନିଷ୍କାମ କର୍ମ, ଆଉ ଫଳପ୍ରାପ୍ତିର କାମନା ନ ରଖି ଦେଶସେବା,

ମନୁଷ୍ୟସେବାଦି କର୍ମ – ଏହି ଦୁଇ ମଧ୍ୟରେ ପ୍ରଭେଦ କ'ଣ ? କିପରି ଭାବେ କର୍ମ କଲେ ତାହା ନିଷ୍କାମ ହେବ ?

ଉତ୍ତର : ଭଗବାନଙ୍କ ସେବା ଭାବରେ କର୍ମ କରି ତାଙ୍କୁ ସମର୍ପଣ କଲେ କିଂବା ଭଗବାନଙ୍କ ଦ୍ୱାରା ପରିଚାଳିତ ହୋଇ କର୍ମ କଲେ, ତାହା ନିଷ୍କାମ ହୁଏ । ନିଷ୍କାମ କର୍ମର ସ୍ୱରୂପ ହେଲା – କୌଣସି ଫଳର ଆଶା ନ ରଖି କର୍ମ କରିବା । କର୍ମ କରିବାରେ କେବଳ ଅଧିକାର, ଫଳରେ ନୁହେଁ । କର୍ମର ଫଳ ଲକ୍ଷ୍ୟର ଅନୁକୂଳ ହେଉ ବା ପ୍ରତିକୂଳ ହେଉ ସେଥିରେ ସମତା ରକ୍ଷା କରିବା, ଅର୍ଥାତ୍ ବିଚଳିତ ନ ହେବା, ହର୍ଷ ବା ବିଷାଦ ନ ହେବା, ଏହାହିଁ ହେଲା ନିଷ୍କାମ କର୍ମର ସ୍ୱରୂପ । ଏହି ନିଷ୍କାମ କର୍ମ ସମ୍ପାଦିତ ହୁଏ ଭଗବାନଙ୍କ ନିମିତ୍ତ କର୍ମ କରିବାରେ । ନିଷ୍କାମ କର୍ମର ସ୍ୱରୂପ ହେଲା – ଭଗବାନଙ୍କ ନିମିତ୍ତ କର୍ମ । ଭଗବାନଙ୍କ ଛଡ଼ା ଅଜ୍ଞାନ ଅବସ୍ଥାରେ ସମସ୍ତ କର୍ମ ସକାମ ।

ଗୀତାରେ ବର୍ଣ୍ଣିତ ନିଷ୍କାମ କର୍ମ ଆଉ ଫଳପ୍ରାପ୍ତିର କାମନା ନ ରଖି ଦେଶସେବା, ମନୁଷ୍ୟଜାତିର ସେବାହିଁ କର୍ମ – ଏହି ଦୁଇ ମଧ୍ୟରେ ଯାହା ପ୍ରଭେଦ ତାହା ହେଲା ଏହି : ମନୁଷ୍ୟ କୌଣସି ପ୍ରେରଣାବଶତଃ କାମନା ରଖି କର୍ମରେ ପ୍ରବୃତ୍ତ ହୁଏ । କାମନା ପରିତ୍ୟାଗ କଲେ ତାହାଦ୍ୱାରା କର୍ମ ସମ୍ପାଦନ ହେବା ସମ୍ଭବ ନୁହେଁ । ସାଧାରଣ ମନୁଷ୍ୟ ଅହଂକାର ଦ୍ୱାରା ପ୍ରେରିତ ହୋଇ, ନିଜ ସ୍ୱାର୍ଥସିଦ୍ଧି, ଅହଂର ତୃପ୍ତି ସକାଶେ ନାନା କର୍ମ କରେ । କର୍ମର ସ୍ୱରୂପ ଯେତେ ଉତ୍ତମ ବୋଲି ଦୃଷ୍ଟିଗୋଚର ହେଉଥିଲେ ସୁଦ୍ଧା, ତାହା ଯଥାର୍ଥରେ ନିଷ୍କାମ ହୁଏ ନାହିଁ ।

ଭକ୍ତ ଏହି କର୍ମକୁ ଗୀତାର ନିର୍ଦ୍ଦେଶ ଅନୁସାରେ ବା ଯଜ୍ଞରୂପେ କରି ଭଗବାନଙ୍କୁ ଅର୍ପଣ କରିଦେବାରୁ ତାହା ନିଷ୍କାମ ହୁଏ । ସେମାନଙ୍କ କର୍ମକୁ ସେମାନେ ଭଗବାନଙ୍କୁ ଅର୍ପଣ କରିଦିଅନ୍ତି, କର୍ମ ତାଙ୍କ ପାଖରେ ରହେ ନାହିଁ ।

ମନୁଷ୍ୟସେବା ଓ ଦେଶସେବାର କର୍ମ ଯଦି ସର୍ବବ୍ୟାପୀ ଭଗବାନ୍, ନରରୂପୀ ନାରାୟଣଙ୍କୁ ଅର୍ପଣ କରା ନ ହୁଏ, ସେଥିରେ ଯଦି କେବଳ ଲୋକକଲ୍ୟାଣର ଭାବନା ଥାଏ, ତେବେ କର୍ମ ସାତ୍ତ୍ୱିକ ହେଲେ ସୁଦ୍ଧା ସେଥିରେ ରହିଯାଏ ଫଳପ୍ରାପ୍ତିର କାମନା । ସେଥିପାଇଁ କର୍ମ ନିଷ୍କାମ ହୁଏ ନାହିଁ । ଗୀତାର ନିର୍ଦ୍ଦେଶ ଅନୁସାରେ କର୍ମ ଭଗବାନଙ୍କୁ ଅର୍ପଣ ହେବାରୁ ତାହା ହୁଏ ନିଷ୍କାମ; ଦେଶସେବାଦି କର୍ମ ଭଗବାନଙ୍କୁ ଅର୍ପଣ ନ ହେବାରୁ ହୁଏ ସକାମ । ଏହି ଦୁଇ କର୍ମରେ ଏହାହିଁ ପ୍ରଭେଦ ।

ମନୁଷ୍ୟ କର୍ମ ତ୍ୟାଗ କରି ନିଷ୍କର୍ମା ହୋଇ ରହିପାରେ ନାହିଁ । କାରଣ ମନୁଷ୍ୟର ସ୍ଥୂଳ କର୍ମ ହୁଏ ହସ୍ତ, ପଦ, ଚକ୍ଷୁ, କର୍ଣ୍ଣାଦି ସ୍ଥୂଳେନ୍ଦ୍ରିୟମାନଙ୍କ ଦ୍ୱାରା ଏବଂ ସୂକ୍ଷ୍ମ କର୍ମ ହୁଏ ମନ, ଚିତ୍ତ, ବୁଦ୍ଧି, ଅହଂକାରାଦି ସୂକ୍ଷ୍ମେନ୍ଦ୍ରିୟ ଦ୍ୱାରା । ଏସବୁର ମୂଳ କାରଣ 'ଅହଂ' । 'ଅହଂ'କୁ ତ୍ୟାଗ କରିଦେଲେ ବ୍ୟକ୍ତିତ୍ୱ ନଷ୍ଟ ହୋଇଯିବ । ସେଥିପାଇଁ ଶରୀରରେ କର୍ମ ଅନିବାର୍ଯ୍ୟ ଆଉ ଏହି ପ୍ରକୃତିଚାଳିତ କର୍ମ ବନ୍ଧନର କାରଣ । ଏହି କର୍ମର ଫଳ ସୁଖ, ଦୁଃଖ, ଜନ୍ମ ଓ ମୃତ୍ୟୁ । ଏହି କର୍ମରୁ ମନୁଷ୍ୟ ମୁକ୍ତ ନ ହେଲେ ମୁନି-ଦୁର୍ଲଭ ପରମ ଶାନ୍ତି, ପରମାନନ୍ଦ, ପରମ ଜ୍ଞାନର ସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ ହୋଇପାରେ ନାହିଁ । ଏହି ସକାଶେ କର୍ମ ଭଗବାନଙ୍କ ନିମିତ୍ତ କରି ତାହା ତାଙ୍କୁ ସମର୍ପଣ କରିଦେଲେ ତାହା ହୁଏ ନିଷ୍କାମ, ପରମପଦ ପରମାତ୍ମା ପ୍ରାପ୍ତିର କାରଣ ।

ସାଧାରଣତଃ ମନୁଷ୍ୟ ଅବିକଶିତ ଚେତନା ଏବଂ ଅଶୁଦ୍ଧ ବୁଦ୍ଧିରେ ଯନ୍ତ୍ରବତ୍ ନିଜ ସ୍ୱାର୍ଥସିଦ୍ଧି ଏବଂ ନିଜ କୁଟୁମ୍ବ ପୋଷଣାର୍ଥେ କାର୍ଯ୍ୟ କରୁଥାଏ । ଏହାଠାରୁ ଉନ୍ନତ ଅବସ୍ଥାରେ, ବ୍ୟକ୍ତି ବୁଦ୍ଧି ଦ୍ୱାରା ବିଚାର କରି ଦେଶସେବା, ପ୍ରାଣୀମାତ୍ରର ସେବା ଏବଂ ସଦାଚାର ଆଦି ଶୁଭ କର୍ମ କରେ । ବହୁତ ଲୋକ ନିଷ୍କାମ କର୍ମର ସ୍ୱରୂପ ନ ଜାଣି ଏହି ଶୁଭ କର୍ମକୁହିଁ ନିଷ୍କାମ କର୍ମ ନାମ ଦିଅନ୍ତି । ଇଞ୍ଜିନିୟର, ଶିକ୍ଷକ, ଅଧ୍ୟାପକ, ଡାକ୍ତର, ଦେଶସେବକ, ଦେଶନେତା ଓ ଦେଶହିତଚିନ୍ତକ ବ୍ୟକ୍ତିମାନେ କହନ୍ତି, "ଆମ୍ଭେମାନେ ନିଜ ପାଇଁ କର୍ମ କରୁ ନାହିଁ, ଅନ୍ୟ ପାଇଁ; ସେଥିରେ ଆମ୍ଭର ସ୍ୱାର୍ଥ ନାହିଁ । ସ୍ୱାର୍ଥ ବିନା କର୍ମ ନିଷ୍କାମ । ଆମର ବେତନ କେବଳ ଉଦରପୋଷଣ ସକାଶେ; ସଂସାରରେ ବଡ଼ ବଡ଼ ସାଧୁମହାତ୍ମାଙ୍କୁ ମଧ୍ୟ ଉଦରପୋଷଣ କରିବାକୁ ପଡ଼େ । ସେଥିପାଇଁ ଆମ୍ଭର ବେତନ କର୍ମର ନିଷ୍କାମତାକୁ ବ୍ୟାହତ କରେ ନାହିଁ ।" ଆଉ ଯେଉଁମାନେ ବେତନ ବିନା ଦେଶସେବା କରନ୍ତି, ସେମାନେ ତ ନିଃସନ୍ଦେହରେ ଧାରଣା କରନ୍ତି ଏବଂ କହନ୍ତି, "ଆମ୍ଭର

କର୍ମ ପୂର୍ଣ୍ଣତଃ ଅନ୍ୟର ଉପକାର ସକାଶେ, ଏଥିରେ ଆମ୍ଭର ସ୍ୱାର୍ଥ ନାହିଁ । ଅତଏବ ଆମ୍ଭମାନଙ୍କର କର୍ମ ନିଶ୍ଚୟହିଁ ନିଷ୍କାମ ।'' କିନ୍ତୁ କର୍ମର ନିଷ୍କାମତା ଏହା ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ – ତୁମ୍ଭର କର୍ମ ଭଗବାନଙ୍କ ସକାଶେ କରାହେଉଛି କି ନା, ତାହାରି ଉପରେ । ଭଗବାନଙ୍କ ଉଦ୍ଦେଶ୍ୟରେ ରାଜା ଅମ୍ବରୀଶଙ୍କର ରାଜ୍ୟଶାସନ ପରି କଠୋର କର୍ମ ହୁଏ ନିଷ୍କାମ । ଭଗବାନଙ୍କ ଛଡ଼ା ଦେଶସେବା, ଦାନ, ଯଜ୍ଞାଦି ପବିତ୍ର କର୍ମ ମଧ୍ୟ ହୁଏ ସକାମ । ନିଷ୍କାମତା ଓ ସକାମତା କର୍ମର ସ୍ୱରୂପ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ କେବଳ ଭାବ ଉପରେ । ଭଗବତ୍ ଉଦ୍ଦେଶ୍ୟ ଛଡ଼ା ଶୁଭକର୍ମର ଫଳ ଶୁଭ, ଅଶୁଭ କର୍ମର ଫଳ ଦୁଃଖ ଭୋଗ କରିବାକୁ ହୁଏ । ଜନ୍ମମୃତ୍ୟୁର ଚକ୍ରରେ ଘୂର୍ଣ୍ଣାୟମାନ ହେବାକୁ ପଡ଼େ । କିନ୍ତୁ ଏହାଦ୍ୱାରା ମନୁଷ୍ୟ ପରମପଦ, ପରମାନନ୍ଦ, ଶାଶ୍ୱତ ଶାନ୍ତି ସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହୋଇପାରେ ନାହିଁ । ସେଥିପାଇଁ ଭାଗବତରେ କୁହାଯାଇଛି –

''ଯେ ପୁଣ୍ୟ ବେଦ ମାର୍ଗେ କରେ । ସକାମ ଚିତ୍ତେ ଫଳ ଧରେ ।।
ହରିଙ୍କି ନ କରେ ଅର୍ପଣ । ସେସର୍ବ ଫଳ ଅକାରଣ ।।''

କିନ୍ତୁ ଏହି ଜନ୍ମ-ମୃତ୍ୟୁର ଚକ୍ରରେ ଘୂର୍ଣ୍ଣାୟମାନ ହୋଇ ଶୁଭ ଅଶୁଭ କର୍ମ କରିବା ଦ୍ୱାରା ମନୁଷ୍ୟ ନିଷ୍କାମ କର୍ମ ଦିଗରେ ଅଗ୍ରସର ହୋଇପାରେ ।

*

ପ୍ରଶ୍ନ : ଭଗବତ୍ ଉଦ୍ଦେଶ୍ୟରେ ଭଗବାନଙ୍କ ନିମିତ୍ତ କର୍ମ କଲେ ତାହା କାହିଁକି ଏବଂ କିପରି ନିଷ୍କାମ ହୁଏ ?

ଉତ୍ତର : ସେଥିରେ ସ୍ୱାର୍ଥ ଏବଂ ଅହଂ ରହେ ନାହିଁ । ମନୁଷ୍ୟ ଭଗବାନଙ୍କ ଅଂଶ । ସ୍ୱୟଂ ଭଗବାନ୍ ସଂସାର ରୂପରେ ଏବଂ ପ୍ରାଣୀ ରୂପରେ ପ୍ରକଟ ହୋଇଅଛନ୍ତି । ପ୍ରାଣୀ ନିଜ ସ୍ୱରୂପ ବିସ୍ମରଣ ହୋଇ, ଭ୍ରମରେ ପଡ଼ି, ଅହଂକାରର ବଶୀଭୂତ ହୋଇ 'ମୁଁ', 'ମୋର', 'ତୁ', 'ତୋର' ଭେଦଭାବ ଆରୋପ କରେ । ଏହାହିଁ ହେଲା ଅଜ୍ଞାନ । ଅଜ୍ଞାନର ଆଶ୍ରୟସ୍ଥଳ ଅହଂ । ଅହଂହିଁ ହେଲା ବନ୍ଧନର କାରଣ । ଯେପର୍ଯ୍ୟନ୍ତ ମନୁଷ୍ୟ ଅଜ୍ଞାନ, ସେପର୍ଯ୍ୟନ୍ତ ସେ ନିଜ ଆତ୍ମା ଏବଂ ପରମାତ୍ମା ଭଗବାନଙ୍କ ସମ୍ବନ୍ଧେ ଅଚେତନ । ମନୁଷ୍ୟର ସ୍ଥୂଳ-ବୁଦ୍ଧି ଉନ୍ନତ ହୋଇପାରେ, ସେ ଭୌତିକ କାର୍ଯ୍ୟରେ ଦକ୍ଷତା ହାସଲ କରିପାରେ । କଳକୌଶଳରେ ନିଜ କର୍ମ ଦ୍ୱାରା ଅନ୍ୟମାନଙ୍କୁ ଚକିତ କରିପାରେ । କିନ୍ତୁ ଯେପର୍ଯ୍ୟନ୍ତ ସେ ଆତ୍ମା ଓ ପରମାତ୍ମାଙ୍କୁ ନ ଜାଣେ, ସେପର୍ଯ୍ୟନ୍ତ ସେ ଅଜ୍ଞାନର ବଶ ହୋଇ ଅହଂ ଦ୍ୱାରା ପରିଚାଳିତ ହୁଏ । ଏହି ଅବସ୍ଥାରେ ତାହାଦ୍ୱାରା ଜଗତର ହିତ ନିମିତ୍ତ ବଡ଼ ବଡ଼ କାର୍ଯ୍ୟ ମଧ୍ୟ ହୁଏ ସକାମ । ମନୁଷ୍ୟର ସେବା ସକାଶେ ଓ ମନୁଷ୍ୟର କଲ୍ୟାଣ ଉଦ୍ଦେଶ୍ୟରେ ଯେକୌଣସି କର୍ମ କରାହୁଏ, ସେଥିରେ ଥାଏ ''ମନୁଷ୍ୟର ମଙ୍ଗଳ-କାମନା'' । ''ମନୁଷ୍ୟର ମଙ୍ଗଳ କରିବା'' – ଏହାହିଁ ହେଲା ସକାମ । ଏହି କାର୍ଯ୍ୟ ଯଦି ଭଗବତ୍ ଉଦ୍ଦେଶ୍ୟରେ କରାହୁଏ, ତେବେ ଏହି କର୍ମ ଦ୍ୱାରା ମନୁଷ୍ୟଜାତିର ହିତ ସାଧିତ ହୁଏ, କିନ୍ତୁ କର୍ମର ଫଳ ଓ ଉଦ୍ଦେଶ୍ୟ ଯାହା, ''ମନୁଷ୍ୟର ହିତସାଧନ'' – ତାହା ଏଥିରେ ନ ଥାଏ; ଏଥିରେ ଏକମାତ୍ର କାମନା ଥାଏ, ''ଭଗବତ୍ ଉଦ୍ଦେଶ୍ୟରେ କର୍ମ କରିବା'' । ଭଗବାନଙ୍କ ନିମିତ୍ତ କର୍ମରେ କାମନା ନ ଥାଏ, କାରଣ କାମନାହିଁ ଉତ୍ସର୍ଗ ହୋଇଥାଏ ।

*

ପ୍ରଶ୍ନ : କାମନା ବନ୍ଧନର କାରଣ । ''ଭଗବତ୍ ଉଦ୍ଦେଶ୍ୟରେ କର୍ମ'' – ଏହା ବି କାମନା, ଏହି କାମନା ଥିବା ସତ୍ତ୍ୱେ କର୍ମ ନିଷ୍କାମ ହେବ କିପରି ?

ଉତ୍ତର : ବନ୍ଧନର ଅର୍ଥ ଦୁଃଖକଷ୍ଟ ଓ ଦ୍ୱନ୍ଦ୍ୱ । ଭଗବାନଙ୍କ ସକାଶେ କର୍ମ କଲେ ବ୍ୟକ୍ତି ଭଗବାନଙ୍କୁ ପ୍ରାପ୍ତ ହୁଏ, ଦୁଃଖକଷ୍ଟରୁ ମୁକ୍ତ ହୁଏ । ମନୁଷ୍ୟ ଯେଉଁ ଉଦ୍ଦେଶ୍ୟରେ କର୍ମ କରେ ତାହା ପ୍ରାପ୍ତ ହୁଏ । ଭଗବାନ୍ ନିଷ୍କାମ । ଭଗବତ୍ ପ୍ରାପ୍ତିରେ ବ୍ୟକ୍ତିର କାମନା ସମାପ୍ତ ହୁଏ । ଭଗବାନହିଁ ଜୀବର ଶାଶ୍ୱତ ବିଶ୍ରାମ-ସ୍ଥଳ ଏବଂ ତାହାର ମୂଳ ସତ୍ୟ-ସ୍ୱରୂପ । ତାଙ୍କୁହିଁ ପ୍ରାପ୍ତ ହେବା ଜୀବର ଏକମାତ୍ର ଲକ୍ଷ୍ୟ । ଭଗବାନଙ୍କ ନିମିତ୍ତ କର୍ମ ଦ୍ୱାରା ଜନ୍ମମୃତ୍ୟୁର ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତ ହେଉଥିବାରୁ ଏହା ହୁଏ ନିଷ୍କାମ । ଭଗବତ୍ ଉଦ୍ଦେଶ୍ୟ ଛଡ଼ା ଅନ୍ୟାନ୍ୟ କର୍ମ ଦ୍ୱାରା ମନୁଷ୍ୟ ଜନ୍ମମୃତ୍ୟୁ-

ଚକ୍ରରେ ଭ୍ରମଣ କରୁଥିବାରୁ ତାହା ହୁଏ ସକାମ । ସେଥିପାଇଁ ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ କହିଅଛନ୍ତି –

''ଯତ୍ କରୋଷି, ଯଦଶ୍ନାସି ଯଜ୍ଜୁହୋଷି ଦଦାସିଯତ୍ ।
ଯତ୍ତପସ୍ୟସି କୌନ୍ତେୟ ତତ୍କୁରୁଷ୍ୱ ମଦର୍ପଣମ୍ ॥''

– ଗୀତା, ୯/୨୭

– ଯେଉଁ କର୍ମ କର, ଯାହା ଭୋଜନ କର, ଯାହା ହୋମ କର, ଯାହା ଦାନ କର, ଯେଉଁ ତପ କର, ତାହାସବୁ ମୋତେ ଅର୍ପଣ କର ।

''ଶୁଭାଶୁଭଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ
ସନ୍ନ୍ୟାସଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ॥''

– ଗୀତା, ୯/୨୮

– କର୍ମ ଅର୍ପଣରୂପ ସନ୍ନ୍ୟାସଯୋଗଯୁକ୍ତ ହୋଇ କଲେ ତୁ କର୍ମ-ବନ୍ଧନରୁ ମୁକ୍ତ ହୋଇ ମୋତେ ପ୍ରାପ୍ତ ହେବୁ ।

*

ପ୍ରଶ୍ନ : ଯେଉଁମାନେ ଭଗବାନଙ୍କୁ ଛାଡ଼ି କେବଳ ଲୋକ-କଲ୍ୟାଣାଦି ଶୁଭକର୍ମ କରନ୍ତି ତାହା ସକାମ ହୋଇପାରେ, କିନ୍ତୁ ଯେଉଁମାନେ ଭଗବାନଙ୍କ ସକାଶେ କର୍ମ କରୁଅଛନ୍ତି ବୋଲି କହନ୍ତି ତାହା ନିଷ୍କାମ ନୁହେଁ କି ?

ଉତ୍ତର : କେବଳ ବାକ୍ୟରେ କହିଦେଲେ ଯଥାର୍ଥରେ ଭଗବାନଙ୍କ ନିମିତ୍ତ ହୁଏ ନାହିଁ । ଯଥାର୍ଥରେ ଭଗବତ୍ କର୍ମର ସ୍ୱରୂପ ହେଲା ''ଭଗବତ୍ ଉଦ୍ଦେଶ୍ୟରେ ଭଗବାନଙ୍କ ନିମିତ୍ତ କର୍ମସମ୍ପାଦନ'' । ଭାବନା ଏଥିରେହିଁ ପ୍ରଧାନ, କର୍ମ ଗୌଣ । ଅର୍ଥାତ୍ କର୍ମର ସିଦ୍ଧି ଏବଂ ଅସିଦ୍ଧି ଉଭୟ ଅବସ୍ଥାରେ ବ୍ୟକ୍ତି ସମଭାବ ରଖେ । ଅର୍ଥାତ୍ ସେ କାର୍ଯ୍ୟର ସଫଳତାରେ ଆନନ୍ଦୋନ୍ମତ୍ତ ହୁଏ ନାହିଁ କିଂବା ବିଫଳତାରେ ହତାଶ ହୁଏ ନାହିଁ । କାରଣ ତା'ର ତ' ଉଦ୍ଦେଶ୍ୟ କେବଳ ଭଗବାନଙ୍କ ନିମିତ୍ତ କର୍ମ କରିବା । କର୍ମସିଦ୍ଧି ହେବା ତା'ର ଲକ୍ଷ୍ୟ ବା ଉଦ୍ଦେଶ୍ୟ ନୁହେଁ । କର୍ମର ସିଦ୍ଧି ଓ ଅସିଦ୍ଧି ଉଭୟ ଅବସ୍ଥାରେ ତା'ର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ । ସେଥିପାଇଁ ସେ ହର୍ଷ ବା ବିଷାଦରେ ପଡ଼େ ନାହିଁ ।

ଯେଉଁମାନେ ବାକ୍ୟରେ ଭଗବାନଙ୍କ ନିମିତ୍ତ କର୍ମ କରୁଥିବା କଥା କହନ୍ତି, ସେମାନଙ୍କର କର୍ମହିଁ ପ୍ରଧାନ; କର୍ମର ଫଳପ୍ରାପ୍ତିର ଉଦ୍ଦେଶ୍ୟ ଅର୍ଥାତ୍ ଯେଉଁ ଉଦ୍ଦେଶ୍ୟରେ କର୍ମ କରନ୍ତି ତାହାର ଫଳ ଚାହାନ୍ତି, ତାହାର ସିଦ୍ଧି ଚାହାନ୍ତି । ତାହା ପୂର୍ଣ୍ଣ ନ ହେଲେ କିଂବା ସେ କର୍ମ ତ୍ୟାଗ କରିବାକୁ ପଡ଼ିଲେ ସେମାନେ ବ୍ୟସ୍ତ ହୁଅନ୍ତି, ହତାଶ ହୋଇ ପଡ଼ନ୍ତି । 'ଭଗବାନଙ୍କ ନିମିତ୍ତ କରୁଥିବା' ଶବ୍ଦଟା କେବଳ ମୁଖରେ ଥାଏ, ଅଭ୍ୟାସରେ କେବେ ପରିଣତ ହୁଏ ନାହିଁ । ସେଥିପାଇଁ 'ସମତା' ଆସେ ନାହିଁ । ପୁଣି ଭଗବତ୍ ସ୍ମରଣ ହେବ କିପରି ? 'ଭଗବତ୍ ଉଦ୍ଦେଶ୍ୟରେ କର୍ମ' – ଏହି ଭାବ ଯଥାର୍ଥରେ ନ ଥିବାରୁ ସେମାନେ ସମତ୍ୱ ହରାଇ ହତାଶ ହୋଇପଡ଼ନ୍ତି, କାରଣ ସେମାନଙ୍କର କର୍ମର ଫଳ ବ୍ୟର୍ଥ ହେଲା । ଏହିମାନଙ୍କର କର୍ମହିଁ ପ୍ରଧାନ, ଆଉ କର୍ମପ୍ରଧାନ ବ୍ୟକ୍ତିର କର୍ମ ସକାମ ।

*

ପ୍ରଶ୍ନ : ସାଧନାର ପ୍ରଥମାବସ୍ଥାରେ ଭଗବତ୍ ସ୍ମରଣ ସତତ ହୁଏ ନାହିଁ; ବହୁତ ଦିନ ଅଭ୍ୟାସ କରିବା ପରେ ତାହା ହୋଇପାରେ । ଯେଉଁମାନଙ୍କୁ ସକାମ କର୍ମୀ କୁହାଯାଉଛି ସେମାନେ ଭବିଷ୍ୟତରେ ଭଗବତ୍ ପରାୟଣ ହୋଇ ଭଗବାନଙ୍କ ନିମିତ୍ତ କର୍ମ କରିପାରିବେ କି ?

ଉତ୍ତର : ଆରମ୍ଭରେ ଯେଉଁ ଉଦ୍ଦେଶ୍ୟ ଉପରେ ପ୍ରାଧାନ୍ୟ ଦିଆହୁଏ, ସେହି ଉଦ୍ଦେଶ୍ୟ କ୍ରମଶଃ ବିକାଶ ଏବଂ ବୃଦ୍ଧି ପାଏ । ଯେଉଁ ଉଦ୍ଦେଶ୍ୟ ଗୌଣ ଥାଏ, ତାହା କ୍ରମଶଃ କ୍ଷୀଣ ହୋଇ ଶେଷରେ ବିଲୁପ୍ତ ହୋଇଯାଏ ।

ଯେଉଁମାନେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟ ରଖି କର୍ମ କରନ୍ତି ସେମାନଙ୍କର କ୍ରମଶଃ ଭଗବତ୍ ସ୍ମରଣ ବୃଦ୍ଧି ହୁଏ । ସମତା, ଶାନ୍ତି, ଆନନ୍ଦାଦି ଦିବ୍ୟଗୁଣ ଅଧିକାଧିକ ପ୍ରାପ୍ତ ହେଉଥାଏ । ଯେଉଁମାନେ କର୍ମକୁ ପ୍ରାଧାନ୍ୟ ଦେଇ ମୁଖରେ 'ଭଗବାନଙ୍କ ନିମିତ୍ତ' କର୍ମ କରୁଅଛନ୍ତି ବୋଲି କହନ୍ତି, ସେମାନଙ୍କର ହୃଦୟ ଗଭୀରରେ ଭଗବାନ୍ ନିବାସ କରୁଅଛନ୍ତି –

ଏ ସମ୍ବନ୍ଧେ ସେମାନେ ସଚେତ ନୁହନ୍ତି । କର୍ମର ସଫଳତା ଓ ବିଫଳତାର ହର୍ଷ-ବିଷାଦରେ ବାହ୍ୟ ଶବ୍ଦ ବିସ୍ମରଣ ହୋଇଯାଏ । ଶେଷରେ କର୍ମ ଓ କର୍ମକର୍ତ୍ତା 'ବ୍ୟକ୍ତି ସ୍ୱୟଂ' ଏହାହିଁ ରହିଯାଏ । ଅତଏବ ଯେଉଁମାନଙ୍କର ଜୀବନ କର୍ମପ୍ରଧାନ, ସେମାନଙ୍କର ଯଥାର୍ଥ ନିଷ୍କାମ କର୍ମ ହୁଏ ନାହିଁ । ଯେଉଁ ସମୟରୁ ସେମାନେ ସଚେତ ହୋଇ ଭଗବାନଙ୍କ ନିମିତ୍ତ କର୍ମ ଅର୍ଥାତ୍ ଭଗବତ୍ ପ୍ରାପ୍ତି ଜୀବନର ପ୍ରଧାନ ଲକ୍ଷ୍ୟ ବୋଲି ମାନି ସେହି ଉଦ୍ଦେଶ୍ୟରେ କର୍ମ କରନ୍ତି, ସେହି ସମୟରୁ ସେମାନଙ୍କର ସମସ୍ତ କର୍ମ ନିଷ୍କାମ ହୁଏ ।

ନିଷ୍କାମ କର୍ମ ଭଗବତ୍ ପ୍ରାପ୍ତିର ଏକ ଅନିବାର୍ଯ୍ୟ ଉପାୟ । କିନ୍ତୁ ଏଥିରେ ମଧ୍ୟ ବହୁତ ସୂକ୍ଷ୍ମରେ ରହିଯାଏ କର୍ତ୍ତାର 'ଅହଂ' । କର୍ମ ସମ୍ପନ୍ନ ହେଲେ ତାହାର କର୍ତ୍ତା (ବ୍ୟକ୍ତି) ଏବଂ କର୍ମ ସମର୍ପଣ ହେଲେ ସେହି ସମର୍ପଣ କରିବାର କର୍ତ୍ତା – ଏହି ବୋଧକୁ କର୍ତ୍ତୃତ୍ୱାଭିମାନ କୁହାଯାଏ । ଭଗବାନଙ୍କ ନିମିତ୍ତ ନିଷ୍କାମ କର୍ମରେ ଏହି କର୍ତ୍ତୃତ୍ୱାଭିମାନ ରହିଥାଏ । ଏହି ଭାବ ରହିଲେ ଭଗବାନ୍ ପୂର୍ଣ୍ଣ ସ୍ୱରୂପରେ ପ୍ରାପ୍ତ ହୁଅନ୍ତି ନାହିଁ ।

*

ପ୍ରଶ୍ନ : ଏହି କର୍ତ୍ତୃତ୍ୱାଭିମାନ ବା ଅହଂବୋଧର ବିଲୟ କିପରି ହୁଏ ?

ଉତ୍ତର : ଏହାର ବିଲୟ ହୁଏ ନିଷ୍କାମ କର୍ମ ଦ୍ୱାରା ଭଗବତ୍ ପରାଭକ୍ତି ପ୍ରାପ୍ତ ହେଲେ । ପରାଭକ୍ତିର ସ୍ୱରୂପ ହେଲା ଭଗବାନଙ୍କ ସଙ୍ଗେ ଅଖଣ୍ଡ ଏକ ହେବା ସତ୍ତ୍ୱେ ପୃଥକ୍ ରହିବା । ଏହି ଉଭୟ ବୋଧ ଏକ ସଙ୍ଗେ ଥାଏ ।

କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗ-ପଦ୍ଧତି ଅନୁସାରେ ଭାଗବତୀ ଶକ୍ତିର ଯନ୍ତ୍ର ହୋଇ ତାହାର ପରିଚାଳନାରେ କର୍ମ କରିବାରେ କର୍ତ୍ତୃତ୍ୱାଭିମାନ ରହେ ନାହିଁ । ସେହି କର୍ମ ହୁଏ ଭାଗବତ କର୍ମ ।

*

ପ୍ରଶ୍ନ : ତାହାର ପ୍ରକ୍ରିୟା କିପରି ?

ଉତ୍ତର : ଶ୍ରୀଅରବିନ୍ଦ-ଯୋଗର ଆରମ୍ଭରୁ ସାଧକ ନିଜ ଦାୟିତ୍ୱରେ ବାହ୍ୟ କର୍ମ କିଂବା ଆନ୍ତର ସାଧନା କିଛି ବି କର୍ତ୍ତାଭାବେ କରେ ନାହିଁ । ସାଧନା ଆରମ୍ଭରେ ସାଧକ ଭଗବାନଙ୍କୁ କର୍ତ୍ତା ଭାବେ, ଅର୍ଥାତ୍ ଭାଗବତୀ ଶକ୍ତିଙ୍କୁ ଆବାହନ କରେ ଏବଂ ନିଜ ମଧ୍ୟରେ ତାଙ୍କୁ କର୍ମ କରିବାକୁ ପ୍ରାର୍ଥନା କରେ । ସାଧକ ମଧ୍ୟରେ ଭାଗବତୀ ଶକ୍ତି କର୍ମ କରନ୍ତି, ତାକୁ ପରିଚାଳନା କରନ୍ତି । ସାଧକ ସାକ୍ଷିବତ୍ ଭାଗବତୀ ଶକ୍ତିଙ୍କ ପରିଚାଳନାକୁ ନିରୀକ୍ଷଣ କରେ, ଏବଂ ସେଥିରେ ସମ୍ମତି ଦିଏ । କର୍ମର କର୍ତ୍ତ୍ରୀ ଭାଗବତୀ ଶକ୍ତି; ସେ ଭଗବାନଙ୍କ ନିମିତ୍ତ ଭାଗବତ କର୍ମ କରନ୍ତି, ସାଧକକୁ ଯନ୍ତ୍ର କରି ସାଧନାରେ ଯଥାର୍ଥ ମାର୍ଗରେ ପରିଚାଳନା କରି ନେଇଯାଆନ୍ତି । ସାଧକ ଯଥାର୍ଥରେ ସ୍ୱୟଂ କର୍ମ କରେ ନାହିଁ, ସେ କର୍ମର କର୍ତ୍ତା ନୁହେଁ, କର୍ମର କର୍ତ୍ତା ସ୍ୱୟଂ ଭାଗବତୀ ଶକ୍ତି । ସେହି ସକାଶେ ସାଧକର କର୍ତ୍ତୃତ୍ୱାଭିମାନ ରହେ ନାହିଁ । ଏହାର ବିଶେଷ ବର୍ଣ୍ଣନା 'ଲୋକସାହିତ୍ୟ'ର 'ତ୍ରିବିଧ-କର୍ମ'ରେ ପାଇବେ । 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'ରେ ମଧ୍ୟ ଏ ସମ୍ବନ୍ଧେ ଉଲ୍ଲେଖ କରାହୋଇଅଛି ।

## (୫)

## ଆତ୍ମହତ୍ୟା ଓ ଦୁଷ୍କର୍ମର ପରିଣାମ

ଆଜିକାଲି ବହୁବ୍ୟକ୍ତି ଆତ୍ମହତ୍ୟା କରୁଛନ୍ତି । ବହୁ ଶ୍ରେଣୀର ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବାର ଉପାୟ ନ ଦେଖି ଆତ୍ମହତ୍ୟା କରିବାକୁ ପ୍ରଶ୍ନ କରୁଛନ୍ତି –

ପ୍ରଶ୍ନ : ପାରିବାରିକ ପରିସ୍ଥିତି ବହୁତ ଜଟିଳ, ସ୍ୱାମୀ ସଙ୍ଗେ ମନୋମାଳିନ୍ୟ, ପଦେ ପଦେ ତାଙ୍କର ସନ୍ଦେହ, ଅବିଶ୍ୱାସ । ଏପରି ସ୍ଥଳେ ଆତ୍ମହତ୍ୟାହିଁ ଏକମାତ୍ର ଉପାୟ ।

ଅନ୍ୟ କେହି ପ୍ରଶ୍ନ କରନ୍ତି :

''ମୁଁ ପିତାମାତାଙ୍କର ଜ୍ୟେଷ୍ଠକନ୍ୟା । ପିତାମାତା ଗରିବ ଏବଂ ରୋଗଗ୍ରସ୍ତ, ଭବିଷ୍ୟତ ସୁବିଧା ଆଶାରେ ନିଜ ପେଟ କାଟି ମୋତେ ପଢ଼ାଉଛନ୍ତି; ଦୁର୍ଭାଗ୍ୟ ତଥା ଅସାବଧାନତାବଶତଃ ସାମାଜିକ ବିରୁଦ୍ଧାଚରଣ ଘଟିଯାଇଛି । ମୋ ସକାଶେ ଆତ୍ମହତ୍ୟା ଛଡ଼ା ଅନ୍ୟ ଉପାୟ ନାହିଁ ।''

କେହି ଚାକିରିରେ ଗଭର୍ଣ୍ଣମେଣ୍ଟର ଟଙ୍କା ଆତ୍ମସାତ୍ କରି କଏଦୀ ହେବା ଭୟରେ ଆତ୍ମହତ୍ୟାର ଆଶ୍ରୟ ନେଇଅଛନ୍ତି । କୌଣସି ବ୍ୟକ୍ତି ଅନ୍ୟାନ୍ୟ ବହୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ନ ପାରି ଆତ୍ମହତ୍ୟାର ଆଶ୍ରୟ ନେବାକୁ ସ୍ଥିର କରୁଛନ୍ତି । ସେମାନେ ଭାବୁଛନ୍ତି, ''ଶରୀର ଥିବାରୁ ଏହିସବୁ ଦୁଃଖଦ୍ୱନ୍ଦ୍ୱରେ ଜର୍ଜରିତ ହେବାକୁ ପଡୁଛି । ଆତ୍ମହତ୍ୟା ଦ୍ୱାରା ଶରୀର ନଷ୍ଟ ହୋଇଗଲେ ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତି ମିଳିଯିବ ।'' ଆତ୍ମହତ୍ୟା ସମ୍ବନ୍ଧେ ବହୁ ପ୍ରଶ୍ନ ଆସୁଛି । ଆତ୍ମହତ୍ୟା କରିବା ଦ୍ୱାରା ଯଥାର୍ଥରେ କ'ଣ ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ?

ଉତ୍ତର : କଦାପି ନୁହେଁ । ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରମ ଏବଂ ଏହି ପ୍ରେରଣା ଆସୁରୀ ଅନ୍ଧକାର ଶକ୍ତିର । ବ୍ୟକ୍ତି ଆତ୍ମହତ୍ୟା ଧାରଣା କରିବାମାତ୍ରେ ତା' ମଧ୍ୟରେ ଅନ୍ଧକାର ଶକ୍ତିର ପ୍ରବେଶ କରିବା ମାର୍ଗ ଉନ୍ମୁକ୍ତ ହୋଇଯାଏ । ସେ ପ୍ରଥମରେ ବ୍ୟକ୍ତିର ବୁଦ୍ଧି ଏବଂ ବିବେକକୁ ଆବୃତ କରିଦିଏ ଏବଂ ନିଜ ପ୍ରେରଣାରେ ବ୍ୟକ୍ତିକୁ ପୂର୍ଣ୍ଣରୂପେ ଅଧିକାର କରିନିଏ । ଶେଷରେ ଆତ୍ମହତ୍ୟା କରାଇ ନିଜର ଯନ୍ତ୍ର କରିନିଏ ତଥା ଦୁଃଖକଷ୍ଟରେ ବ୍ୟକ୍ତିକୁ ଜର୍ଜରିତ କରିଦିଏ, ସେଥିରେହିଁ ମହାନ୍ ଆନନ୍ଦ ଅନୁଭବ କରେ ।

ଆତ୍ମହତ୍ୟା ମହାପାପ । ବ୍ୟକ୍ତି ଯେଉଁ ଦୁଃଖଦ୍ୱନ୍ଦ୍ୱ ବରଦାସ୍ତ କରି ନ ପାରି ଆତ୍ମହତ୍ୟା କରେ, ମୃତ୍ୟୁପରେ ସେହି ଦୁଃଖଦ୍ୱନ୍ଦ୍ୱ ପୂର୍ବାପେକ୍ଷା ବହୁଗୁଣରେ ଆକ୍ରମଣ କରେ । ସେଥିରୁ ବ୍ୟକ୍ତି କୌଣସିମତେ ରକ୍ଷାପାଇପାରେ ନାହିଁ ।

ସ୍ଥୂଳ ଶରୀର ଗୋଟିଏ ସୁରକ୍ଷିତ କିଲ୍ଲା । ବ୍ୟକ୍ତି ମାନସିକ ଦୁଃଖଦ୍ୱନ୍ଦ୍ୱ ଅନୁଭବ କରେ, କିନ୍ତୁ ରକ୍ଷା-କବଚ ସଦୃଶ ଶରୀର ଥିବାରୁ ବହୁତ ସମୟରେ ସ୍ଥୂଳରୂପେ ସେଥିରୁ ରକ୍ଷାପାଏ । କେହି କେହି ଦୁଃଖଦ୍ୱନ୍ଦ୍ୱରୁ ରକ୍ଷାପାଇବା ସକାଶେ ଭଗବତ୍ ଚର୍ଚ୍ଚା ଶୁଣନ୍ତି, ମହାତ୍ମା ବା ଶ୍ରେଷ୍ଠ ବ୍ୟକ୍ତିଙ୍କ ଉପଦେଶରେ ଶାନ୍ତି ଅନୁଭବ କରନ୍ତି କିଂବା ଦ୍ୱନ୍ଦ୍ୱର କାରଣକୁ ଦୂର କରିଦିଅନ୍ତି । ସ୍ଥୂଳ ଶରୀରରେ ବହୁତ ଉପାୟ ଦ୍ୱାରା ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବା ସକାଶେ ବହୁ ପ୍ରତିକାର କରିପାରେ । ଶରୀର ନଷ୍ଟ ହୋଇଯିବା ପରେ ଦୁଃଖକଷ୍ଟରୁ ମୁକ୍ତ ହେବାର କୌଣସି ଉପାୟ ନ ଥାଏ । ସବୁବେଳେ ସେହି ଦୁଃଖାଗ୍ନିରେ ଜଳୁଥାଏ । ଜୀବିତାବସ୍ଥାରେ ଦୁଃଖ, କଷ୍ଟ, ନିନ୍ଦା, ଅପମାନ, ଲଜ୍ଜା ପଶ୍ଚାତ୍‌ରେ ଥିବା ସତ୍ତାସମୂହ ମୂର୍ତ୍ତିମାନ ହୋଇ ମୃତ ଆତ୍ମାକୁ ଆକ୍ରମଣ କରନ୍ତି । ସେତେବେଳେ ସେ ନିରୁପାୟ ହୋଇ ସବୁ ସହ୍ୟ କରେ ଏବଂ ବ୍ୟଥାରେ ମୂର୍ଚ୍ଛିତ ହୋଇଯାଏ । ଆତ୍ମହତ୍ୟା କରିଥିବା ବ୍ୟକ୍ତିର କେବଳ ସ୍ଥୂଳ ଶରୀର ନଷ୍ଟ ହୋଇଯାଏ; ଦୁଃଖକଷ୍ଟ ଅନୁଭବ କରୁଥିବା ସମସ୍ତ ସତ୍ତା ବିଦ୍ୟମାନ ଥାଏ । ସ୍ଥୂଳ ଶରୀରର ଶେଷ ପରମାୟୁ ପର୍ଯ୍ୟନ୍ତ ସେ ସୂକ୍ଷ୍ମ ଶରୀରରେ ଏହି ଜଗତ ସହିତ ସମ୍ବନ୍ଧିତ ସୂକ୍ଷ୍ମ ଜଗତରେ ଅସହାୟରୂପେ ବାସ କରେ । ଅର୍ଥାତ୍ ତା'ର ଯଦି ୮୦ ବର୍ଷ ପରମାୟୁ ନିର୍ଦ୍ଧାରିତ ହୋଇଥାଏ ଏବଂ ସେ ୫୦ ବର୍ଷ ବୟସରେ ଆତ୍ମହତ୍ୟା କରେ, ତେବେ ଆତ୍ମହତ୍ୟା କରିବା ପରେ ୩୦ ବର୍ଷ ସଂସାରିକ ଦୁଃଖକଷ୍ଟ ଅନୁଭବ କରିବାର ଆଧାର ସହିତ ସୂକ୍ଷ୍ମ ଶରୀର ତାକୁ ପ୍ରାପ୍ତ ହୁଏ । ଜୀବିତ ଅବସ୍ଥାରେ ଯଦି ମନ୍ଦ କର୍ମ କରିଥାଏ, ତେବେ ୩୦ ବର୍ଷରୁ ଅଧିକ ସମୟ ମଧ୍ୟ ଏହି ଶରୀରରେ ରହିପାରେ । ସାଧାରଣତଃ ଆତ୍ମହତ୍ୟାକାରୀ ବ୍ୟକ୍ତିର ଦୁଷ୍କର୍ମ ପୂର୍ବରୁ ଅବଶ୍ୟ ଥାଏ । ଏହି ସୂକ୍ଷ୍ମ ଶରୀରପ୍ରାପ୍ତିରେ କେବଳ ସ୍ଥୂଳ ଶରୀର ନଷ୍ଟ ହୁଏ, କିନ୍ତୁ ପାରିବାରିକ ମାୟାମମତା, ରାଗ-ଦ୍ୱେଷ, ସମ୍ବେଦନସବୁ ବିଦ୍ୟମାନ ଥାଏ । ଯେଉଁ ଦ୍ୱନ୍ଦ୍ୱକୁ ସେ ବରଦାସ୍ତ ନ କରିପାରି ଆତ୍ମହତ୍ୟା କରିଥାଏ, ସେହି ଦୁଃଖ ବହୁ ପରିମାଣରେ ଅନୁଭୂତ ହୁଏ । ଯଦି ସେ ସପତ୍ନୀର ଦୁର୍ବ୍ୟବହାର ଯୋଗୁଁ ଆତ୍ମହତ୍ୟା କରିଥାଏ, ତେବେ ସପତ୍ନୀର ସମସ୍ତ କର୍ମ ଦେଖି ତା'ର ହୃଦୟ ଜଳିଯାଏ, ମାତ୍ର କିଛି ପ୍ରତିକାର କରିବାର ଶକ୍ତି ନ ଥାଏ । ପିତାମାତା, ସ୍ତ୍ରୀ, ପୁତ୍ର, କନ୍ୟା, ଭାଇ, ଭଉଣୀଙ୍କର ସ୍ନେହ-ମମତା ଏବଂ ନିଜର ଇଚ୍ଛାବିରୋଧ ଆଚରଣ ବା ମନୋଭାବ, ଶତ୍ରୁର କପଟ ଆଚରଣ ତଥା ବିରୁଦ୍ଧଭାବ, ରାଗ ବା ଈର୍ଷା – ଏସବୁ ଜାଣିପାରେ ଏବଂ ବୁଝିପାରେ । ପରିବାର ପ୍ରତି ସ୍ନେହ, ମମତା, ମାୟା, ଶତ୍ରୁର

ହିଂସାମନୋଭାବ ସମସ୍ତ ମୂର୍ତ୍ତିମାନ ହୋଇ ଆକ୍ରମଣ କରନ୍ତି ଏବଂ ନିଜ ନିଜ ପ୍ରଭାବରେ ମୃତ ଆତ୍ମାର ସୂକ୍ଷ୍ମଶରୀରକୁ ଜଳାଇ ଦିଅନ୍ତି । ସ୍ଥୂଳ ଶରୀର ଭସ୍ମ ହେଲେ ଯେପରି କଷ୍ଟ ହୁଏ, ସୂକ୍ଷ୍ମ ଶରୀରରେ ତାକୁ ସେହିପରି କଷ୍ଟ ହୁଏ, କିନ୍ତୁ ସୂକ୍ଷ୍ମ ଶରୀର ନଷ୍ଟ ହୁଏ ନାହିଁ । ଅନ୍ୟ ଲୋକ ଦ୍ୱାରା ତା' ପରିବାର ପ୍ରତି ମାନସିକ ବା ଶରୀରିକ ଦୁର୍ବ୍ୟବହାରକୁ ସେ ଦେଖିପାରେ, ସେଥିରେ ଅପାର ଦୁଃଖ ପାଏ, କିଛିମାତ୍ର ପ୍ରତିକାର କରିପାରେ ନାହିଁ । ସେସମୟରେ ପରିବାର, ମିତ୍ର ବା ଆତ୍ମୀୟ-ସ୍ୱଜନଙ୍କ ପ୍ରତି ଯେପରି ଅଧିକ ମମତା ଥାଏ, ସେହିପରି ଶତ୍ରୁମାନଙ୍କ ପ୍ରତି ଅଧିକ ବୈରଭାବ ଥାଏ । ନିଜ ବ୍ୟକ୍ତିଙ୍କ ଦୁଃଖକଷ୍ଟ, ଅପମାନରେ ସେ ବ୍ୟତିବ୍ୟସ୍ତ ହୋଇପଡ଼େ । ଶତ୍ରୁମାନଙ୍କ ଦୁର୍ବ୍ୟବହାର ତଥା ଉତ୍କର୍ଷତାର ଈର୍ଷାଗ୍ନିରେ ଦଗ୍ଧ ହେଉଥାଏ । ଘରର ଧନ-ସମ୍ପତ୍ତିରେ ତା'ର ଥାଏ ଅତ୍ୟଧିକ ମମତା । ଘରେ ଯଦି ଅଧ୍ୟାତ୍ମ ଚର୍ଚ୍ଚା ବା ମହାପୁରୁଷଙ୍କ ଫଟୋ, ବିଗ୍ରହ ବା ଭଗବାନଙ୍କ ବିଗ୍ରହ ଥାଏ, ଭଗବତ୍ ଗୁଣଗାନ ହେଉଥାଏ, ତେବେ ସେ ଘରେ ପ୍ରବେଶ କରିପାରେ ନାହିଁ । ସେଥିରେ ମହାବ୍ୟସ୍ତ ହୁଏ । ସୂକ୍ଷ୍ମ ଶରୀରରେ ସ୍ଥୂଳ ଭୋଜନ, ସ୍ଥୂଳରୂପେ ଜଳର ଆବଶ୍ୟକ ନ ଥାଏ । କିନ୍ତୁ ଅପବିତ୍ର ଭୋଜନ, ଶୌଚାବଶିଷ୍ଟ ଜଳରୁ ସେ ସାରତତ୍ତ୍ୱ ଗ୍ରହଣ କରେ । ସେହି ପ୍ରକାର ଭୋଜନ ଓ ଜଳର ଅଭାବରେ ସୂକ୍ଷ୍ମ ଶରୀରଧାରୀ ସତ୍ତାକୁ ଠିକ୍ ସ୍ଥୂଳ ଶରୀରଧାରୀ ବ୍ୟକ୍ତି ସଦୃଶ କ୍ଷୁଧା ଓ ତୃଷା ଲାଗେ । କେବଳ କଷ୍ଟ ଅନୁଭୂତ ହେଉଥାଏ, ଶରୀର ନଷ୍ଟ ହୁଏ ନାହିଁ । ଯାହା ପ୍ରତି ଆସକ୍ତି ଥାଏ ତା' ସହିତ ସେ ସ୍ଥୂଳ ଶରୀରର ସମ୍ପର୍କ ସଦୃଶ ସମ୍ପର୍କ ଚାହେଁ; ତାହା ହୋଇପାରେ ନାହିଁ । ସେଥିପାଇଁ ସେ ଅତୃପ୍ତି ଅନୁଭବ କରେ । ଅନ୍ୟ କୌଣସି ବ୍ୟକ୍ତିର ଯଦି ମନପ୍ରାଣ ଅଶୁଦ୍ଧ ଥାଏ ଏବଂ ସେ ଏହି ସୂକ୍ଷ୍ମ ସତ୍ତା ପ୍ରତି ଉନ୍ମୁକ୍ତ ହୁଏ, ତେବେ ସେ ସେହି ଜୀବିତ ବ୍ୟକ୍ତି ମଧ୍ୟରେ ପ୍ରବେଶ କରି ତା'ର ଆସକ୍ତି ଥିବା ବ୍ୟକ୍ତି ସହିତ ସମ୍ପର୍କ ରଖେ ଏବଂ ଉଭୟଙ୍କୁ ଅଧିକାର କରେ । ସେମାନେ ଯଦି ସାବଧାନ ନ ହୁଅନ୍ତି, ସେମାନଙ୍କୁ ଯନ୍ତ୍ର କରିନିଏ ଏବଂ ପ୍ରେତ ସଦୃଶ ଆଚରଣ କରାଇ ଶେଷରେ ସେମାନଙ୍କର ମଧ୍ୟ ମୃତ୍ୟୁ ଘଟାଏ । କିନ୍ତୁ ଭଗବତ୍ ଆଶ୍ରିତ ବ୍ୟକ୍ତି ପାଖକୁ ଏପରି ସତ୍ତା ଆସିପାରେ ନାହିଁ ।

ବହୁ ସମୟରେ ଏପରି ସତ୍ତାଙ୍କ ଛାୟା ସଦୃଶ ରୂପ ବ୍ୟକ୍ତି ଦେଖିପାରନ୍ତି ଏବଂ ଭୂତ, ପ୍ରେତ ନାମ ଦିଅନ୍ତି । ଏହି ସତ୍ତାସବୁ ବହୁତ ସ୍ତରର, ବହୁତ ପ୍ରକାରର, ବହୁତ ଅବସ୍ଥାର ହୁଅନ୍ତି । ଯେଉଁ ସତ୍ତା ଅଧିକ ଦୁଷ୍ଟ ଏବଂ ଶକ୍ତିଶାଳୀ ଥାଏ ସେ ମନୁଷ୍ୟର ଅଧିକ ଅନିଷ୍ଟ କରେ । ସେମାନଙ୍କର ଯାହା ପ୍ରତି ଅଧିକ ଆସକ୍ତି ଥାଏ ତା'ରି ଅଧିକ ଅନିଷ୍ଟ କରିବାକୁ ଚାହାନ୍ତି । ଅର୍ଥାତ୍ ସେ ଯେଉଁ ଅବସ୍ଥାରେ ଥାଏ, ସେହି ଅବସ୍ଥାରେ ନିଜର ଆସକ୍ତି ଥିବା ବ୍ୟକ୍ତିକୁ ନେଇଯିବାକୁ ଚାହେଁ । କିନ୍ତୁ ସେ ସତ୍ତା ପ୍ରତି ବ୍ୟକ୍ତି ଉନ୍ମୁକ୍ତ ନ ହେଲେ ସେ କିଛି କରିପାରେ ନାହିଁ । ମୃତ୍ୟୁପରେ ଶାସ୍ତ୍ରୀୟ ରୀତିରେ ଶ୍ରାଦ୍ଧାଦି ଦ୍ୱାରା ଆତ୍ମହତ୍ୟାକାରୀ ସତ୍ତା ସେହି ସୂକ୍ଷ୍ମ ଶରୀରରୁ ଉଦ୍ଧାର ହୁଏ ନାହିଁ । ତାହା ପ୍ରାରବ୍ଧ ସଦୃଶ ବହୁତ ପ୍ରବଳ । ସେହି ସତ୍ତା ଉଦ୍ଧାର ହୋଇପାରେ କୌଣସି ଅଧ୍ୟାତ୍ମ ସତ୍ୟପ୍ରାପ୍ତ ମହାପୁରୁଷଙ୍କ ସଂକଳ୍ପ ଦ୍ୱାରା । ଅନ୍ୟଥା ଶେଷ ପରମାୟୁ ପର୍ଯ୍ୟନ୍ତ ସେହି ସୂକ୍ଷ୍ମ ଶରୀରରେ ଦୁଃଖକଷ୍ଟ ଭୋଗୁଥାଏ । ସେହି ଶରୀରକୁ ପ୍ରେତଯୋନି କୁହାଯାଇପାରେ । ସେହି ପ୍ରେତ ଶରୀର ତ୍ୟାଗ ହେବା ପରେ ନିଜ ସତ୍‌ଅସତ୍ କର୍ମାନୁସାରେ ଭିନ୍ନ ଭିନ୍ନ ସୂକ୍ଷ୍ମ ଶରୀର ଧାରଣ କରି ଶାସ୍ତ୍ରାନୁସାରେ ସୂର୍ଯ୍ୟ ଦକ୍ଷିଣାୟନ ଓ ଉତ୍ତରାୟଣ ବିଧି ଅନୁସାରେ, ସୂର୍ଯ୍ୟ ମାର୍ଗରେ ବା ଚନ୍ଦ୍ର ମାର୍ଗରେ ବ୍ୟକ୍ତି ଆତ୍ମ-ଜଗତକୁ ଯାଇ ନିବାସ କରେ ।

ଆତ୍ମହତ୍ୟା କରିଥିବା ବ୍ୟକ୍ତି ସାଧାରଣତଃ ହୁଅନ୍ତି ଅସଦ୍ ପ୍ରକୃତିର । ସେମାନଙ୍କ ଦ୍ୱାରା ଯଥାର୍ଥ ସତ୍ କର୍ମ ବା ଅଧ୍ୟାତ୍ମ ସାଧନା ହୋଇ ନ ଥାଏ । ସେମାନଙ୍କ ସତ୍ତା ଆସୁରୀ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଯାଆନ୍ତି । ଆସୁରୀ ଶକ୍ତି ତା' ବୁଦ୍ଧି-ବିବେକକୁ ନିଜ ଶକ୍ତିରେ ଆବୃତ କରି ତାକୁ ପ୍ରାଣହତ୍ୟାର ପ୍ରେରଣା ଦିଏ । ସେତେବେଳେ ବ୍ୟକ୍ତିର ନିଜସ୍ୱ ବୁଦ୍ଧି-ବିଚାର କିଛି ନ ଥାଏ । ସେ ହୋଇଥାଏ ଆସୁରୀ ଶକ୍ତିର ଯନ୍ତ୍ର । ଆତ୍ମହତ୍ୟାକାରୀ ବ୍ୟକ୍ତିର ପ୍ରେତ ଶରୀର ନଷ୍ଟ ହେବା ପରେ ସେ ଅଧ୍ୟାତ୍ମ-ସିଦ୍ଧି ପ୍ରାପ୍ତ ସାଧକ ଅଥବା ଧାର୍ମିକ ବ୍ୟକ୍ତି ସଦୃଶ ସୂର୍ଯ୍ୟ-ମାର୍ଗରେ ଯାଇପାରେ ନାହିଁ; ଯାଏ ପାପୀମାନଙ୍କ ଚନ୍ଦ୍ର-ମାର୍ଗରେ । ଅର୍ଥାତ୍ ନିମ୍ନପ୍ରାଣ-ଜଗତର ମାର୍ଗଦେଇ । ନିମ୍ନପ୍ରାଣ-ଜଗତକୁ ପୁରାଣରେ ଯମପୁରୀ ବା ନରକ ନାମରେ ବର୍ଣ୍ଣନା କରାହୋଇଛି । ପୁରାଣବର୍ଣ୍ଣିତ ଦୁଃଖ-ଯାତନା-ସବୁ ମିଳେ ନିମ୍ନପ୍ରାଣର ଜଗତରେ । ଲୋକଙ୍କ ବୋଧଗମ୍ୟ ପାଇଁ ପୁରାଣ ପ୍ରତୀକରୂପେ 'ନରକକୁଣ୍ଡ' ନାମ ଦେଇଛି ।

ପୁରାଣ ମତାନୁସାରେ ବ୍ୟକ୍ତିର ସ୍ଥୂଳ ଶରୀର ତ୍ୟାଗ ପରେ ତାକୁ ପ୍ରାପ୍ତ ହୁଏ ସୂକ୍ଷ୍ମ ଲିଙ୍ଗ ଏବଂ କାରଣ-ଶରୀର । ଶ୍ରୀଅରବିନ୍ଦ ଏହାକୁ କହିଛନ୍ତି ସୂକ୍ଷ୍ମ ଶରୀର, ପ୍ରାଣମୟ ଶରୀର, ମନୋମୟ ଶରୀର । ପୁରାଣ ତଥା ଶ୍ରୀଅରବିନ୍ଦ ଏବଂ ଋଷିମୁନିଙ୍କ ମତ ଏକ । କେବଳ ଭାଷା ପୃଥକ୍ । ପୁରାଣ ଯାହାକୁ ପ୍ରତୀକରୂପେ କହିଛି ଶ୍ରୀଅରବିନ୍ଦ ତାହା ସିଧା ଶବ୍ଦରେ କହିଛନ୍ତି ।

ଆତ୍ମଘାତୀ ବ୍ୟକ୍ତିଙ୍କ ଛଡ଼ା ଯେଉଁମାନଙ୍କର ପ୍ରାଣ ବହୁତ ଅଶୁଦ୍ଧ ଏବଂ ଭୋଗ-ବାସନାରତ, ଯେଉଁମାନେ ଇନ୍ଦ୍ରିୟର ପ୍ରଲୋଭନରେ ନୈତିକ, ସାମାଜିକ, ଧାର୍ମିକ ମର୍ଯ୍ୟାଦାକୁ ଉଲ୍ଲଙ୍ଘନ କରି କାମନା-ବାସନା ପୂର୍ଣ୍ଣ କରନ୍ତି, କିଂବା ମାନ-ପ୍ରତିଷ୍ଠା, ପ୍ରଭୁତ୍ୱ ପ୍ରାପ୍ତ ହେବା ସକାଶେ ବା ଧନଲୋଭରେ ଅନ୍ୟର ଅନିଷ୍ଟ କରିଥାଆନ୍ତି; ସେସମୟରେ ସେମାନଙ୍କ ମନରେ ସେହିସବୁ ବିଚାର ପ୍ରବଳ ଭାବରେ ଆସୁଥାଏ, ପ୍ରାଣ ସେହିସବୁ କ୍ରିୟାକୁ ପ୍ରବଳଭାବରେ ଅନୁଭବ କରୁଥାଏ । ସେହି ସମୟରେ ସେହି ମନର ବିଚାର ତଥା ପ୍ରାଣର ଭୋଗବାସନା ଜୀବନର ଅନ୍ୟାନ୍ୟ ସମସ୍ତ କର୍ମ ଅପେକ୍ଷା ମହା ବଳଶାଳୀ ହୋଇଥାଏ । ଇନ୍ଦ୍ରିୟାସକ୍ତ, ଅଶୁଦ୍ଧ ପ୍ରାଣ ମନବୁଦ୍ଧି ଉପରେ ପୂର୍ଣ୍ଣ ଅଧିକାର ବିସ୍ତାର କରି ନିଜ କାର୍ଯ୍ୟରେ ସହଯୋଗ କରିବା ସକାଶେ ବାଧ କରିଥାଏ । ପ୍ରାଣର ଏହି କର୍ମ ଏବଂ ମନର ଏହିସବୁ ବିଚାର ଗୋଟିଏ ଗୋଟିଏ ବଳଶାଳୀ ସତ୍ତାରୂପେ ବୀଜାକାରରେ ଅବଚେତନାରେ ଆଶ୍ରୟ ନେଇଥାଆନ୍ତି ।

ସେହିପରି ମାନ-ପ୍ରତିଷ୍ଠା ବା ଅଧିକାର ପ୍ରାପ୍ତି ଅଥବା ଧନପ୍ରାପ୍ତି ଲୋଭରେ ମନୁଷ୍ୟ ଯେଉଁସବୁ ସ୍ୱାର୍ଥପୂର୍ଣ୍ଣ ଅସତ୍ କର୍ମ ଦ୍ୱାରା ଅନ୍ୟର ଅନିଷ୍ଟ କରିଥାଏ, ତାହାସବୁ ମଧ୍ୟ ଗୋଟିଏ ଗୋଟିଏ ସତ୍ତାରୂପେ ଅବଚେତନାରେ ଆଶ୍ରୟ ନେଇଥାଆନ୍ତି । ବ୍ୟକ୍ତିର ଇନ୍ଦ୍ରିୟ ଶିଥିଳ, ଅବଶ ଏବଂ ଶରୀର ଦୁର୍ବଳ ହୋଇଗଲେ ସେହିସବୁ ବିଚାର, ପ୍ରାଣର ଆବେଗ ଯଦ୍ୟପି ସ୍ଥୂଳ ମନରେ ପୂର୍ବବତ୍ ଆସନ୍ତି ନାହିଁ ତଥାପି ପ୍ରବଳ ପରାକ୍ରମରେ ନିଜ ଅଧିକାର ରକ୍ଷାକରି ରହିଥାଆନ୍ତି ଅବଚେତନାରେ ।

ବ୍ୟକ୍ତି ଯଦି ଏହିସବୁର ବିପରୀତ – ପରୋପକାର, ଦେଶ ସେବାଦି କାର୍ଯ୍ୟ କରେ କିଂବା ଦାନ, ତପ, ବ୍ରତ ଆଚରଣ କରେ, ତେବେ ସେହି କର୍ମ ଏବଂ ସେହି ବିଚାରର ମଧ୍ୟ ଗୋଟିଏ ଗୋଟିଏ ସତ୍ତା ତିଆରି ହୁଅନ୍ତି । ପୂର୍ବ ଅସତ୍ କର୍ମର ସତ୍ତା ଏବଂ ଧାର୍ମିକ କର୍ମର ସତ୍ତା ସଙ୍ଗେ ପରସ୍ପର ସଂଘର୍ଷ ହୁଏ । କିନ୍ତୁ ଧାର୍ମିକତା ଯେତେ ପ୍ରବଳ ହେଲେ ବି ପୂର୍ବ ଅସତ୍ କର୍ମର ସତ୍ତାଙ୍କୁ ନଷ୍ଟ କରିପାରେ ନାହିଁ କିଂବା ସେସବୁର ଉପରେ ଅଧିକାର ପ୍ରାପ୍ତି କରିପାରେ ନାହିଁ ।

ଧାର୍ମିକ କର୍ମ ଅପେକ୍ଷା ପାପକର୍ମ ଯଥାର୍ଥରେ ମହାବଳଶାଳୀ । କାରଣ ବ୍ୟକ୍ତି ଇନ୍ଦ୍ରିୟର ଭୋଗ-ବାସନାତୃପ୍ତି ଅଥବା ଅସତ୍‌କର୍ମ କରିବା ସମୟରେ ତା'ର ସମସ୍ତ ଇନ୍ଦ୍ରିୟ ସେଥିରେ ଯେପରି ସ୍ୱତଃସ୍ଫୂର୍ତ୍ତଭାବେ ଏକାଗ୍ର ହୋଇଥାଆନ୍ତି, ସେଥିରେ ଯେପରି ଆନନ୍ଦ ଉପଭୋଗ କରନ୍ତି, ସେଥିରେ ଯେପରି ଉତ୍ସାହ ଥାଏ, ଧାର୍ମିକ କର୍ମରେ ସେପରି ଏକାଗ୍ର କଦାପି ହୁଅନ୍ତି ନାହିଁ, ସେଥିରେ ସେପରି ଆନନ୍ଦ-ଉତ୍ସାହ ନ ଥାଏ । ସେହି ଆନନ୍ଦ, ଉତ୍ସାହ ଓ ଏକାଗ୍ରତା ଯୋଗୁଁ ଅସତ୍‌କର୍ମର ସତ୍ତା ମହାନ୍ ପ୍ରବଳ ହୁଅନ୍ତି । ଏହି ସତ୍ତାଙ୍କୁ ଭସ୍ମ କରିପାରେ କେବଳ ଅଧ୍ୟାତ୍ମ ସତ୍ୟ । କାରଣ ଏହାର ପରିଚାଳକ ଅବିନାଶୀ ଆତ୍ମା । ପ୍ରାଣିକ ଭୋଗ-ବିଳାସରେ ବ୍ୟକ୍ତିର ସମସ୍ତ ଇନ୍ଦ୍ରିୟ ଯେପରି ଏକାଗ୍ର ଏକମୁଖୀ ହୋଇ ଆନନ୍ଦ ଅନୁଭବ କରନ୍ତି, ତା' ଅପେକ୍ଷା ଅନନ୍ତ ଗୁଣ ଅଧିକ ଏବଂ ପ୍ରବଳରୂପେ ବ୍ୟକ୍ତିର ସମସ୍ତ ସତ୍ତା ଏକାଗ୍ର ହୁଅନ୍ତି ଏବଂ ଆନନ୍ଦ ଅନୁଭବ କରନ୍ତି ଭଗବତ୍ ଚରଣାରବିନ୍ଦରେ । ବ୍ୟକ୍ତିର ଏକାଗ୍ରତା ଏବଂ ଆନନ୍ଦ ଯେଉଁ କର୍ମରେ ଅଧିକ ହୁଏ, ସେହି କର୍ମର ସତ୍ତା ମହାନ୍ ବଳଶାଳୀ ହୁଏ । ସୌଭାଗ୍ୟବଶତଃ ବା ଭଗବାନଙ୍କ କୃପାରେ ଯଦି ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କରେ, ତେବେ ଭଗବତ୍ ଆନନ୍ଦ ଅନୁଭବ କରିବାମାତ୍ରେ ପୂର୍ବ ବାସନା-କାମନା-ତୃପ୍ତି ଦ୍ୱାରା ନିର୍ମିତ ସତ୍ତା କିଂବା ମାନ-ପ୍ରତିଷ୍ଠା ରକ୍ଷାର୍ଥେ ପରର ଅନିଷ୍ଟ କର୍ମରୁ ଉତ୍ପନ୍ନ ସତ୍ତା ଅବଚେତନାରୁ ଉଠି ଆସି ବ୍ୟକ୍ତିର ଅବସ୍ଥାନୁସାରେ କାମ, କ୍ରୋଧ, ଲୋଭ, ମୋହ, ଆସକ୍ତି, ହିଂସାର ପ୍ରେରଣା ଦିଅନ୍ତି ବ୍ୟକ୍ତିର ମନ, ପ୍ରାଣ ଏବଂ ଶରୀରରେ । ସେତେବେଳେ ସେମାନେ ଥାଆନ୍ତି ବହୁତ ପ୍ରବଳ । ଆକ୍ରମଣ କରନ୍ତି ବହୁରୂପେ, ଛଳେବଳେ, କୌଶଳରେ । କେବେ କେବେ ସେସବୁଙ୍କୁ ସାହାଯ୍ୟ କରନ୍ତି ଆସୁରୀ ଶକ୍ତି । ଭଗବତ୍ ଭକ୍ତି ଏବଂ ଭଗବତ୍ ସ୍ମରଣ, ସମର୍ପଣରୁ ଉତ୍ପନ୍ନ ସତ୍ତା ସହିତ ସେମାନେ ଯୁଦ୍ଧ

କରନ୍ତି ଏବଂ ପରାସ୍ତ କରି ନିଜ ଆଧିପତ୍ୟ କାଏମ ରଖିବାକୁ ପ୍ରାଣପଣେ ଚେଷ୍ଟା କରନ୍ତି । ସେସମୟରେ ବିଜୟ ନିର୍ଭର କରେ ବ୍ୟକ୍ତିର ସମର୍ଥନ ଉପରେ । ବ୍ୟକ୍ତି ଯଦି ମା'ଙ୍କ ଆଶ୍ରୟ ନେଇ ଭକ୍ତି, ସମର୍ପଣ, ବିଶ୍ୱାସ ଏବଂ ନିର୍ଭରତାକୁ ସମର୍ଥନ କରେ ଏବଂ ବିରୋଧୀ ଆକ୍ରମଣକୁ ପ୍ରତିଥର ବ୍ୟର୍ଥ କରିଦିଏ, ତେବେ ଏହି ସତ୍ତାସବୁ ମହାନ୍ ପ୍ରବଳ ହୋଇ ପୂର୍ବ ଦୁଷ୍କର୍ମଗଠିତ ସତ୍ତାସବୁକୁ ଭସ୍ମ କରିଦିଅନ୍ତି । ବ୍ୟକ୍ତି ଯଦି ଦୁଷ୍କର୍ମଗଠିତ ସତ୍ତା – କାମ, କ୍ରୋଧ, ଲୋଭ, ମୋହ, ହିଂସାକୁ ପ୍ରୋତ୍ସାହିତ କରେ ବା ସମର୍ଥନ କରେ, ତେବେ ସେସବୁ ପ୍ରବଳ ହୋଇ ବ୍ୟକ୍ତିକୁ ପୁନରାୟ ପତନ ମାର୍ଗକୁ ନେଇଯାଆନ୍ତି । ବ୍ୟକ୍ତି ମଧ୍ୟରେ ଯେଉଁ ଦିବ୍ୟ ଭାବ ପ୍ରବଳ, ଯେଉଁ ପ୍ରତିକୂଳ ଭାବ ଦୁର୍ବଳ ବା ହ୍ରାସ ହେଉଥାଏ ସେହି ଅନୁପାତରେ ତା'ର ପ୍ରେରକ ସତ୍ତାସବୁ ପ୍ରବଳ ବା ପରାସ୍ତ ହେଉଥାଆନ୍ତି । ଏହିସବୁ ସତ୍ତା ମନୁଷ୍ୟର ଜନ୍ମଜନ୍ମାନ୍ତରରୁ ରହିଥାଆନ୍ତି । ବ୍ୟକ୍ତିର ଏହିସବୁ ପ୍ରତିକୂଳ ସତ୍ତାର ବିନାଶ କୌଣସି ଧାର୍ମିକ ବା ନୈତିକ କର୍ମରେ ହୁଏ ନାହିଁ, ହୁଏ କେବଳ ଅଧ୍ୟାତ୍ମ ସତ୍ୟ ଦ୍ୱାରା । ବ୍ୟକ୍ତିକୁ ଏହି ଶରୀରରେ ଅଧ୍ୟାତ୍ମ ସତ୍ୟର ଆଶ୍ରୟରେ ଦୁଷ୍କର୍ମକୁ ବିନାଶ କରି ଭଗବାନଙ୍କୁ ପ୍ରାପ୍ତ ହୋଇ ଜନ୍ମ-ମରଣରୁ ମୁକ୍ତ ହେବାକୁ ହେବ । ଅନ୍ୟ ଜନ୍ମରେ କିପରି ପରିସ୍ଥିତି, ପରିବେଶ, କିପରି ପାରିପାର୍ଶ୍ୱିକ ଅବସ୍ଥା ପ୍ରାପ୍ତ ହେବ, ତାହାର କୌଣସି ଠିକଣା ନାହିଁ । ଯଦି ପ୍ରତିକୂଳ ପରିବେଶ ମିଳେ, ସେଥିରେ ବହୁତ ଜନ୍ମ ବ୍ୟତୀତ ହୋଇପାରେ କିଂବା ଅଧିକ ପତନ ମାର୍ଗରେ ଯାଇପାରେ ।

ଯେଉଁମାନେ ଦୁଃଖଦ୍ୱନ୍ଦ୍ୱରୁ ଉଦ୍ଧାର ହେବା ସକାଶେ ଅନ୍ଧକାର ଶକ୍ତିର କବଳରେ ପଡ଼ି ଆତ୍ମହତ୍ୟା ପରି ମହାପାପ କରିବାକୁ ଚାହାନ୍ତି, ତାହା ଯଥାର୍ଥରେ ଭ୍ରମ, ମୋହ ତଥା ଅଜ୍ଞାନତା । ଶରୀର ତ୍ୟାଗ କରିବା ପରେ ବ୍ୟକ୍ତିକୁ ଜୀବିତ ଅବସ୍ଥାର ବହୁଗୁଣରେ ସେହି ଦୁଃଖଦ୍ୱନ୍ଦ୍ୱ ଅସହାୟରୂପେ ନିରୁପାୟ ହୋଇ ଭୋଗ କରିବାକୁ ପଡ଼େ । ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବାର ଏକମାତ୍ର ଉପାୟ ଅଧ୍ୟାତ୍ମ ସତ୍ୟର ଆଶ୍ରୟ । ବର୍ତ୍ତମାନ ମା' ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଅଛନ୍ତି । ବ୍ୟକ୍ତି ମା'ଙ୍କ ଉପରେ ବିଶ୍ୱାସ-ଭରସା ରଖି ତାଙ୍କୁ ସମର୍ପଣ କରିପାରିଲେ ଅନାୟାସରେ ଦୁଃଖକଷ୍ଟରୁ ମୁକ୍ତ ହେବ ଏବଂ ପରମାନନ୍ଦରେ ବାସ କରିବ । ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କଲେ ମନ-ପ୍ରାଣ-ଶରୀର ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ତଥା ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇପାରିବ । ମନୁଷ୍ୟ ସକାଶେ ଏହି ସମୟହିଁ **ଦେବ-ମୁହୂର୍ତ୍ତ** ।

## (୬)

## ମା'ଙ୍କ ଆଶୀର୍ବାଦ

ଭାରତବର୍ଷରେ ଯେଉଁ ସ୍ଥାନମାନଙ୍କରେ ଶ୍ରୀଅରବିନ୍ଦ ଯୋଗ ଆଦର୍ଶର ପ୍ରକାଶ ହୋଇଅଛି, ଯେଉଁମାନେ ଅଧ୍ୟାତ୍ମ ସାଧନା କରୁଛନ୍ତି ଏବଂ ସ୍ୱାର୍ଥ, ହିଂସା, ଈର୍ଷା, ବିରୋଧାଦି ଅନ୍ଧକାର ଶକ୍ତିର କ୍ରିୟାକୁ ବର୍ଜନ କରିବାକୁ ସଂକଳ୍ପ କରି ଭକ୍ତି, ଜ୍ଞାନ, ସମର୍ପଣ, ଶାନ୍ତି, ସନ୍ତୋଷ, ଦୟା, କରୁଣାଦି ଭାଗବତୀ ଶକ୍ତିର ଦିବ୍ୟଗୁଣ ଗ୍ରହଣ କରିବାକୁ ପ୍ରଯତ୍ନ କରୁଅଛନ୍ତି, ସେମାନଙ୍କ ପଥରେ ବାଧା-ବିଘ୍ନ ଆସିଲେ ସେସବୁକୁ ଦୂର କରିବାକୁ ସେମାନେ ମା'ଙ୍କ ଆଶୀର୍ବାଦ ଚାହାନ୍ତି । ବିଶ୍ୱାସ, ନିର୍ଭରତା, ଆନ୍ତରିକ ଗ୍ରହଣଶୀଳତା ଅନୁସାରେ ସେମାନେ ସଫଳତା ମଧ୍ୟ ପ୍ରାପ୍ତ ହୁଅନ୍ତି । ଏ ବିଷୟ ଶୁଣି କେତେଗୁଡ଼ିଏ ଅଳସୁଆ ଛାତ୍ର ନିୟମିତରୂପେ ପଢ଼ାପଢ଼ି ନ କରି ସମୟ ନଷ୍ଟ କରନ୍ତି; ସିନେମା ଦେଖି, ବଜାରରେ ବୁଲି, ରାତ୍ରି ବାରଟା-ଦୁଇଟାରେ ଶୋଇ ଦିନ ଆଠଟା-ନଅଟାରେ ଉଠନ୍ତି । ଆଉ ପରୀକ୍ଷା ସମୟରେ ପାସ୍ କରିବା ସକାଶେ ଆଶ୍ରମକୁ ପୋଷ୍ଟ କାର୍ଡ ଖଣ୍ଡେ ଲେଖିଦିଅନ୍ତି !

ଆଉ କେତେକ ଲୋକ ଚାକିରିରେ ନିଜ କର୍ତ୍ତବ୍ୟ ପାଳନରେ ତ୍ରୁଟି କରନ୍ତି; ଲାଞ୍ଚ-ରିସ୍‌ପତ୍ ନିଅନ୍ତି; ନିର୍ଦ୍ଦୋଷ, ନିରୀହ, ଗରିବ ବ୍ୟକ୍ତିଙ୍କର ସର୍ବନାଶ କରନ୍ତି । ଯେତେବେଳେ କୌଣସି ବିପଦ ପଡ଼େ କିଂବା ଚାକିରିରେ ଉନ୍ନତି କରିବା

ଦରକାର ହୁଏ, ସେତେବେଳେ ମା'ଙ୍କ ପାଖକୁ ଖଣ୍ଡେ ଚିଠି ଲେଖି ଦିଅନ୍ତି । ଏପରି ବ୍ୟକ୍ତିଙ୍କୁ ଯଦି ଆଶୀର୍ବାଦ ପ୍ରାପ୍ତ ହୁଏ, ସେମାନେ ନିମ୍ନୋକ୍ତ ପ୍ରକାରେ କେତେକ ପ୍ରଶ୍ନ କରିଥା'ନ୍ତି :

ପ୍ରଶ୍ନ : ଆମ୍ଭେ ମା'ଙ୍କର ଆଶୀର୍ବାଦ (Blessings) ପାଇଲୁ, କିନ୍ତୁ ଆମ୍ଭର କାର୍ଯ୍ୟସିଦ୍ଧି ହେଲା ନାହିଁ କାହିଁକି ?

ଉତ୍ତର : ମା'ଙ୍କ ଆଶୀର୍ବାଦ କାର୍ଯ୍ୟକାରୀ ହେବାର ନିୟମ ପାଳନ କଲ ନାହିଁ, ସେଥିପାଇଁ ତୁମ କାର୍ଯ୍ୟସିଦ୍ଧି ହେଲା ନାହିଁ । ସନ୍ନିପାତ ରୋଗୀ ମକରଧ୍ୱଜ ଖାଇ ସଂଯମ ରକ୍ଷା ନ କରି ଥଣ୍ଡା ପାଣିରେ ସ୍ନାନ କରି ଦହିପଖାଳ, ପଇଡ଼ ଆଦି ଥଣ୍ଡା ବସ୍ତୁ ସେବନ କଲେ କ'ଣ ସେ ଆରୋଗ୍ୟ ଲାଭ କରେ ? ଏ ସ୍ଥଳେ ରୋଗୀ ଭଲ ନ ହେବାର ଦୋଷ ରୋଗୀର ନା ଔଷଧର ?

*

ପ୍ରଶ୍ନ : ମା'ଙ୍କ ଆଶୀର୍ବାଦ ଗ୍ରହଣ କରିବାର ନିୟମ କ'ଣ ?

ଉତ୍ତର : ଅହଂ, ସ୍ୱାର୍ଥ, ହିଂସା, ଈର୍ଷା, ବିରୋଧ ଓ ଶତ୍ରୁତାପୋଷଣ କରି ଅନ୍ୟର ସର୍ବନାଶ କରିବାର ଭାବ ପ୍ରଭୃତି ତ୍ୟାଗ କରିବାକୁ ଦୃଢ଼ ସଂକଳ୍ପ କରିବା ଏବଂ କାର୍ଯ୍ୟ-ତତ୍ପରତା, କର୍ତ୍ତବ୍ୟ-ପରାୟଣତା, ଜ୍ଞାନ, ଭକ୍ତି, ସନ୍ତୋଷ, ଶାନ୍ତି, ଦୟାଦି ଦିବ୍ୟଗୁଣ ଗ୍ରହଣ କରିବାକୁ ପ୍ରଯତ୍ନ କରିବା, ଆଉ ଭଗବତ୍ ଶକ୍ତି ଉପରେ ବିଶ୍ୱାସ, ଭରସା ରଖି ସନ୍ଦେହ ଦୂର କରିବା – ଏସବୁ ହେଲା ମା'ଙ୍କ ଆଶୀର୍ବାଦ ଗ୍ରହଣ କରିବାର ନିୟମ । ଏହିସବୁ ଗୁଣ ପ୍ରତିଷ୍ଠିତ ହୁଏ ଭଗବାନଙ୍କଠାରେ ଆତ୍ମ ସମର୍ପଣ କରିବା ଦ୍ୱାରା ।

*

ପ୍ରଶ୍ନ : ଏହି ନିୟମ କୌଣସି ଅଧ୍ୟାତ୍ମ ସାଧକ ପାଳନ କରିପାରେ । ସାଧାରଣ ବ୍ୟକ୍ତି ପକ୍ଷେ କ'ଣ ଏହା ସମ୍ଭବ ?

ଉତ୍ତର : ସାଧାରଣ ବ୍ୟକ୍ତି ଦୁର୍ଗୁଣକୁ ତ୍ୟାଗ ଓ ସଦ୍‌ଗୁଣକୁ ଗ୍ରହଣ କରିବାକୁ ସଂକଳ୍ପ କରିପାରେ । ସଂକଳ୍ପ କରିବା ମାତ୍ରେ ଦୁର୍ଗୁଣ ଏକେବାରେ ଦୂର ହୁଏ ନାହିଁ, କିନ୍ତୁ ତାହା ଦୂର କରିବାକୁ ଯତ୍ନ କରିବା ସାଧାରଣ ବ୍ୟକ୍ତି ପକ୍ଷରେ ସମ୍ଭବ । ଯଦି ବିଦ୍ୟାର୍ଥୀ ଯୋଗ୍ୟତା ପ୍ରାପ୍ତ ନ କରି ଭଗବାନଙ୍କ ଆଶୀର୍ବାଦରେ ପାସ୍ କରିଯାଏ, କର୍ମଚାରୀ କର୍ତ୍ତବ୍ୟପରାୟଣ, ନ୍ୟାୟନିଷ୍ଠ ନ ହେବା ସ୍ଥଳେ ଭଗବତ୍ ଆଶୀର୍ବାଦରେ ଉନ୍ନତି କରେ, ବ୍ୟବସାୟୀ ସତ୍ୟ ଆଚରଣ ନ କରି ଅସତ୍ୟରେ ବ୍ୟବସାୟ କରେ ଏବଂ ଭଗବତ୍ ଆଶୀର୍ବାଦ ହେତୁ ଅଧିକ ଲାଭବାନ୍ ହୁଏ; ଦେଶନେତା ନୀତି, ଧର୍ମ ଛାଡ଼ି ନିଜ ଅହଂ ଆଉ ଅଧିକାର ରକ୍ଷା କରିବା ପାଇଁ ଯେତେ ଅନ୍ୟାୟ, ଅତ୍ୟାଚାର, ଛଳ, କପଟ ସବୁ କରେ, ଆଉ ଭଗବତ୍ ଆଶୀର୍ବାଦରେ ଅହଂକୁ ତୁଷ୍ଟି କରୁଥାଏ, ତେବେ ଭଗବତ୍ ସେବକ ଅନ୍ୟାୟ, ଅତ୍ୟାଚାର ବୃଦ୍ଧି କରିବା ଛଡ଼ା ଅନ୍ୟ କିଛି କରେ ନାହିଁ ! ଏହା ଭାଗବତୀ ଶକ୍ତି କ୍ରିୟାର ଏକେବାରେ ବିପରୀତ । ଏହିସବୁ ଅସତ୍ କ୍ରିୟା ଭଗବାନଙ୍କ ଆଶୀର୍ବାଦର ପଥରୋଧ କରିଦିଅନ୍ତି, ତାକୁ ପ୍ରବେଶ କରିବାକୁ ଦିଅନ୍ତି ନାହିଁ ।

*

ପ୍ରଶ୍ନ : ଏପରି ବ୍ୟକ୍ତିକୁ ମା' ଆଶୀର୍ବାଦ ଦିଅନ୍ତି କାହିଁକି ?

ଉତ୍ତର : ମା'ଙ୍କର ସମସ୍ତେ ସନ୍ତାନ । ତାଙ୍କର ଆଶୀର୍ବାଦ ପ୍ରତ୍ୟେକ ବ୍ୟକ୍ତି ସକାଶେ ସମାନ । କାରଣ ମା'ଙ୍କ ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ଏକ, ମା'ଙ୍କ ମଧ୍ୟରେ ଭାଗବତୀ ଅତିମାନସ ଶକ୍ତି କ୍ରିୟାଶୀଳ । ଭଗବାନଙ୍କ କୃପା ଦ୍ୱାର ସମସ୍ତ ପ୍ରାଣୀଙ୍କ ସକାଶେ ସର୍ବଦା ଉନ୍ମୁକ୍ତ । ସେ ସମସ୍ତଙ୍କୁ ଅଭୟ ଦେବାକୁ ତାଙ୍କର ସୁବିସ୍ତୃତ ବାହୁଯୁଗଳ ପ୍ରସାରଣ କରିଛନ୍ତି । କୌଣସି ପ୍ରକାରେ ଜୀବ ଡାକିବା ମାତ୍ରେ ତା' ଉପରେ କୃପା ବୃଷ୍ଟି କରୁଅଛନ୍ତି । କିନ୍ତୁ ଜୀବ ସ୍ୱୟଂ ଗ୍ରହଣ କରିବାକୁ ଚାହୁଁ ନାହିଁ । ସୂର୍ଯ୍ୟଙ୍କ ଆଲୋକ ପ୍ରତ୍ୟେକ ପ୍ରାଣୀ ସକାଶେ ସମାନ, ତଥାପି ବନ୍ଦ ଅନ୍ଧକାର ଗୃହ-ନିବାସୀ ବ୍ୟକ୍ତି ତହିଁରୁ ବଞ୍ଚିତ । ସେହିପରି ଭଗବତ୍ କୃପା ପ୍ରତ୍ୟେକ ବ୍ୟକ୍ତି ସକାଶେ ସମାନ, କିନ୍ତୁ ବ୍ୟକ୍ତିର ଅବିଶ୍ୱାସ, ସନ୍ଦେହାଦି ଦୁର୍ଗୁଣ ସେହି କୃପାର ପ୍ରବେଶ-ପଥ-ରୋଧକ ।

ଯଦି ମନୁଷ୍ୟ ବିଶ୍ୱାସ ସହ ବ୍ୟାକୁଳ ହୋଇ ଭଗବତ୍ ଆଶୀର୍ବାଦ ଚାହେଁ, ତେବେ ଆଶୀର୍ବାଦ ତାକୁ ନିଶ୍ଚୟ ମିଳେ । କାରଣ ବ୍ୟାକୁଳତା ଏବଂ ବିଶ୍ୱାସ ଅବସ୍ଥାରେ ଭଗବତ୍ ଆଶୀର୍ବାଦର ପଥରୋଧକାରୀ ସନ୍ଦେହ, ଅବିଶ୍ୱାସ ଏବଂ ଅନ୍ୟ ପ୍ରତି ହିଂସାଦି କ୍ରିୟା ବନ୍ଦ ହୋଇଯାଏ । କିନ୍ତୁ ଯେଉଁମାନଙ୍କର ବିଶ୍ୱାସ ନ ଥାଏ, ସେମାନେ ଭାବନ୍ତି – ''ଗୋଟାଏ ଚିଠି ଲେଖିଦେବା, ଯଦି ହୋଇଯାଏ ତ' ଭଲ ଅନ୍ୟଥା ଅନ୍ୟାନ୍ୟ ପ୍ରଯତ୍ନ ସଙ୍ଗରେ ଏହା ମଧ୍ୟ ଗୋଟାଏ ।'' ସେମାନଙ୍କ ଚାହିଁବା ଯୋଗୁଁ ଏପରି ବ୍ୟକ୍ତିଙ୍କୁ ମଧ୍ୟ ମା' ବହୁ ସମୟରେ ଆଶୀର୍ବାଦର ସୁଯୋଗ ଦିଅନ୍ତି; କାରଣ ବ୍ୟକ୍ତିକୁ ମନ, ବୁଦ୍ଧି ପ୍ରାପ୍ତ ହୋଇଅଛି । ବିଦ୍ୟାର୍ଥୀ ଯଦି କର୍ତ୍ତବ୍ୟପାଳନପୂର୍ବକ ପଢ଼ିବା ସକାଶେ ସଂକଳ୍ପ କରେ, କର୍ମଚାରୀ କର୍ତ୍ତବ୍ୟ ପାଳନ-ପୂର୍ବକ ନ୍ୟାୟନିଷ୍ଠ ହୋଇ କର୍ମ କରିବାକୁ ତତ୍ପର ହୁଏ, ବ୍ୟବସାୟୀ ଯଦି ନ୍ୟାୟପୂର୍ବକ ବାଣିଜ୍ୟ କରିବାକୁ ଠିକ୍ କରେ, ନେତା ଯଦି ନ୍ୟାୟରେ ଦେଶସେବା କରିବାକୁ ଦୃଢ଼ପ୍ରତିଜ୍ଞ ହୋଇ ଭାଗବତ ସେବାରୂପେ କାର୍ଯ୍ୟ କରିବାକୁ ଚାହେଁ, ତେବେ ଭାଗବତ ଆଶୀର୍ବାଦ କାର୍ଯ୍ୟ କରେ ଏବଂ କ୍ରମଶଃ ବ୍ୟକ୍ତି ନିଜର ଦୁର୍ଗୁଣରୁ ମୁକ୍ତ ହୋଇ ଭଗବଦଭିମୁଖୀ ହୁଏ । ଏପରିକି ଜଗାଇ, ମାଧାଇ, ଅଜାମିଳ ସଦୃଶ ପାପୀମାନଙ୍କ ସକାଶେ ମଧ୍ୟ ଭାଗବତ ଦ୍ୱାର ସର୍ବଦା ଉନ୍ମୁକ୍ତ ଥାଏ ।

*

ପ୍ରଶ୍ନ : ଉପରେ କହିଥିବା ସର୍ତ୍ତ ଛଡ଼ା ଅନ୍ୟ ଉପାୟରେ ଭଗବତ୍ ଆଶୀର୍ବାଦ କ'ଣ ପ୍ରାପ୍ତ ହୁଏ ନାହିଁ ?

ଉତ୍ତର : ଭଗବତ୍ ଆଶୀର୍ବାଦ ସର୍ବଥା ସ୍ୱତନ୍ତ୍ର । ତାହା ଏହିସବୁ ନିୟମରେ ଥାଇ, କୌଣସି ନିୟମରେ ଆବଦ୍ଧ ନ ଥାଏ, ନିୟମର ବହୁ ଊର୍ଦ୍ଧ୍ୱରେ ।

ଭଗବତ୍ ଆଶୀର୍ବାଦ ଦୁଇପ୍ରକାର : ଗୋଟିଏ ହେଲା ଉପରେ କୁହାହୋଇଥିବା ଅନୁକୂଳ ଆଚରଣରେ ଅଥବା ଭକ୍ତର ବିଶ୍ୱାସ, ଶ୍ରଦ୍ଧା, ସଦାଚାର ଏବଂ ଅଭିମାନଶୂନ୍ୟ ବ୍ୟାକୁଳ ଡାକରେ ପ୍ରାପ୍ତ ହୁଏ; ଅନ୍ୟଟି ହେଲା ଅହେତୁକ, ତାହା କୌଣସି ପ୍ରତିଦାନ ବା ନିର୍ଦ୍ଧାରିତ ଅବସ୍ଥା ଉପରେ ନିର୍ଭର କରେ ନାହିଁ, ଭକ୍ତର ଆବାହନକୁ ଅପେକ୍ଷା କରେ ନାହିଁ । ତାହା ସକାଶେ ପାତ୍ର ଅପାତ୍ରର ବିଚାର ନାହିଁ । ତାହା ମହାନ୍ ପାପୀକୁ କ୍ଷଣକରେ ସାଧୁରେ ପରିଣତ କରିପାରେ । ଏହାର ଉଦାହରଣ ବିଲ୍ୱମଙ୍ଗଳ, ରତ୍ନାକର ଦସ୍ୟୁ, ଗୋସ୍ୱାମୀ ତୁଳସୀଦାସଙ୍କ ଆଶ୍ରମର ଚୋର ଇତ୍ୟାଦି ।

ଯଥାର୍ଥରେ ଭଗବତ୍ ଅହେତୁକ କୃପା କେଉଁ ଅବସ୍ଥାରେ ପ୍ରାପ୍ତ ହୁଏ, କେଉଁ ପ୍ରତିକୂଳ ଅବସ୍ଥାରେ ପ୍ରାପ୍ତ ହୁଏ ନାହିଁ, ତାହା ମାନବ ବୁଦ୍ଧିରେ ନିର୍ଣ୍ଣୟ କରିବା କେବଳ ଦୁରୂହ ନୁହେଁ, ଅସମ୍ଭବ । ଯେଉଁ ଅହେତୁକ କୃପା ବୁଦ୍ଧିର ଗମ୍ୟ ନୁହେଁ, ସେ ସମ୍ବନ୍ଧେ ବିଚାର କରିବା ଉଚିତ ନୁହେଁ । ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବସ୍ତୁ ଓ ପ୍ରତିକୂଳ ଗତିବୃତ୍ତିର ତ୍ୟାଗ ଏବଂ ବିଶ୍ୱାସ, ନିର୍ଭରତା ଦ୍ୱାରା ଯେଉଁ ଭଗବତ୍ କୃପା ପ୍ରାପ୍ତ ହୁଏ, ତାହାସବୁ ଆଚରଣ ନିମିତ୍ତ ପ୍ରଯତ୍ନ କରିବା ମନୁଷ୍ୟର କର୍ତ୍ତବ୍ୟ ।

*

ପ୍ରଶ୍ନ : କେହି କେହି ସନ୍ଥ-ମହାତ୍ମା ଦୟାକରି କେତେକ ଦୁରାଚାରୀ ବ୍ୟକ୍ତିଙ୍କୁ ମୋକଦ୍ଦମାରେ ଜିତେଇ ଦିଅନ୍ତି, ଆଶୀର୍ବାଦ ଦେଇ ସନ୍ତାନ ପ୍ରଦାନ କରନ୍ତି, କଳାବଜାର ବେପାରୀର ଧନବୃଦ୍ଧି କରାଇଦିଅନ୍ତି, ଅସାଧ୍ୟ ରୋଗରୁ ମୁକ୍ତ କରିଦିଅନ୍ତି । ସେମାନେ ତ ସଦ୍‌ଗୁଣ ଆଚରଣ କରିବାକୁ ଦାବି କରନ୍ତି ନାହିଁ । ଏଠାରେ କିନ୍ତୁ ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବା ସକାଶେ ଭଗବତ୍ ଦିବ୍ୟଗୁଣ ଆଚରଣ କରିବାକୁ କାହିଁକି ଦାବି କରାଯାଉଛି ?

ଉତ୍ତର : ମା'ଙ୍କ ମଧ୍ୟଦେଇ ଭଗବତ୍ ଶକ୍ତି କାର୍ଯ୍ୟ କରେ । ସେ ଶକ୍ତିର କ୍ରିୟା ହୁଏ ବ୍ୟକ୍ତି ଭଗବଦଭିମୁଖୀ ହେଲେ । ଅସଦାଚରଣ କରିବା ବ୍ୟକ୍ତି ମଧ୍ୟରେ ଭଗବତ୍ ଶକ୍ତିର ମାର୍ଗ ରୁଦ୍ଧ ହୁଏ ।

ଯେଉଁ ଆଧ୍ୟାତ୍ମିକ ସାଧକଗଣ ଭଗବାନଙ୍କ ସହିତ ମନ, ପ୍ରାଣ, ଶରୀରରେ ଏକତ୍ୱ ପ୍ରାପ୍ତ ହୋଇଅଛନ୍ତି, ସେମାନଙ୍କ ମଧ୍ୟରେ ଭାଗବତୀ ଶକ୍ତି କ୍ରିୟା କରେ । ସେମାନେ ଭଗବାନଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି । ସେମାନଙ୍କର ବ୍ୟକ୍ତିଗତ ଅହଂ ନ ଥାଏ । ସେମାନେ ଭଗବାନଙ୍କ ବିଧାନାନୁସାରେ ଭଗବତ୍ ଶକ୍ତି ପ୍ରୟୋଗ କରନ୍ତି ।

ଆଉ କେତେକ ସାଧକଙ୍କର ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ କରିବା ଲକ୍ଷ୍ୟ ନ ଥାଏ ଅଥବା ପୂର୍ଣ୍ଣରୂପେ ତାଙ୍କ ଚରଣରେ ନିଜକୁ ସମର୍ପଣ କରି ତାଙ୍କ ଦ୍ୱାରା ପରିଚାଳିତ ହେବାର ସଂକଳ୍ପ ନ କରି କେତେକ ଭାଗରେ ଭଗବାନଙ୍କୁ ଆଂଶିକରୂପେ ଉପଲବ୍ଧି କରନ୍ତି । ଏହାଦ୍ୱାରା ସେମାନଙ୍କୁ କିଛି ଭଗବତ୍ ଶକ୍ତି ମିଳେ । ଅହଂର ରୂପାନ୍ତର ହୋଇ ନ ଥିବାରୁ ଭଗବତ୍ ବିଧାନ ଜାଣିବାକୁ ସେମାନେ ଚେଷ୍ଟା କରନ୍ତି ନାହିଁ । ସେହି ଭଗବତ୍ ଶକ୍ତିକୁ ଅହଂତୁଷ୍ଟି କରିବାରେ ପ୍ରୟୋଗ କରନ୍ତି ।

ଅନ୍ୟ କେତେକ ବ୍ୟକ୍ତି ଅଧ୍ୟାତ୍ମ ସାଧନା ସହିତ କୌଣସି ସମ୍ପର୍କ ରଖନ୍ତି ନାହିଁ, ନିମ୍ନ ସ୍ତରର କେତେକ ସତ୍ତାକୁ ମନ୍ତ୍ରାନୁଷ୍ଠାନ ଦ୍ୱାରା ବଶ କରିନିଅନ୍ତି । ସେହି ସିଦ୍ଧିକୁ ନିଜ ସ୍ୱାର୍ଥ, ମାନ, ଯଶଃରେ ପ୍ରୟୋଗ କରନ୍ତି । ଭଗବତ୍ ବିଧାନ ଛଡ଼ା ଯେଉଁ ଶକ୍ତି ପ୍ରୟୋଗ କରାହୁଏ, ତାହାଦ୍ୱାରା ପ୍ରୟୋଗ କରିବା ବ୍ୟକ୍ତି ଓ ଯାହା ଉପରେ ଶକ୍ତି ପ୍ରୟୋଗ କରାହୁଏ, ଏହି ଉଭୟ ବ୍ୟକ୍ତିଙ୍କର ଅନିଷ୍ଟ ସାଧିତ ହୁଏ । ଅସ୍ଥାୟୀ ଭାବରେ ଯଦି ଲାଭ ପ୍ରତୀତ ହୁଏ, ପରିଣାମରେ ଲାଭର କେତେଗୁଣ ଲୋକସାନ୍ ହୁଏ । ଏହାର ଉଦାହରଣ ଭାଗବତରେ ଧୁନ୍ଧକାର । ଏଥିରେ ଆଶୀର୍ବାଦ ଦାତା ଋଷିଙ୍କର ସ୍ୱାର୍ଥ ନ ଥିଲା । କିନ୍ତୁ ଧୁନ୍ଧକାରର ପିତାଙ୍କର ବହୁତ ଆଗ୍ରହ ଯୋଗୁଁ ଋଷି ଆଶୀର୍ବାଦ ଦେଇଥିଲେ । ସେହିପରି ବିହାରର ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ସନ୍ତାନ ନ ଥିଲା । ଜଣେ ମହାତ୍ମା ତାଙ୍କ ସେବାରେ ପ୍ରସନ୍ନ ହୋଇ ଗୋଟିଏ ଅନୁଷ୍ଠାନ ଦ୍ୱାରା ପୁତ୍ର ହେବାର ଆଶୀର୍ବାଦ ଦେଲେ । ପୁତ୍ର ହେବା ପରେ ସେ ବଡ଼ ହୋଇ ପିତାମାତାଙ୍କ ସଙ୍ଗେ ମୋକଦ୍ଦମା କଲା । ଏପରି ପରିସ୍ଥିତି ହୋଇଥିଲା ଯେ ପିତା ଓ ପୁତ୍ର ଉଭୟେ ଚାହୁଁଥିଲେ ଉଭୟଙ୍କୁ ହତ୍ୟା କରିବା ସକାଶେ । କିନ୍ତୁ ଭଗବତ୍ ବିଧାନରେ ଯେଉଁ ଆଶୀର୍ବାଦ ଦିଆ ହୁଏ, ତାହା ଗ୍ରହଣ କରିବା ଦ୍ୱାରା ମନୁଷ୍ୟର କାର୍ଯ୍ୟସିଦ୍ଧି ହୁଏ ଏବଂ ଅଳ୍ପ ପ୍ରୟାସ କଲେ ଭଗବଦାଭିମୁଖୀ ହୋଇପାରେ ।

## (୭)

## ଅତିମାନସ ଶକ୍ତିର ଅବତରଣ

ପ୍ରଶ୍ନ : ଦିବ୍ୟ ଅତିମାନସ ଶକ୍ତି କେଉଁଠି କାହା ମଧ୍ୟରେ ଉତରି ଆସିଛି ?

ଉତ୍ତର : ଶ୍ରୀଅରବିନ୍ଦ ନିଜ ଶରୀରରେ ସେହି ଶକ୍ତିକୁ ଉତାରି ଆଣି ଅଛନ୍ତି ।

*

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଶେଷ ହେବା ପୂର୍ବରୁ ସେ କାହିଁକି ଶରୀର ତ୍ୟାଗ କଲେ ?

ଉତ୍ତର : ତାଙ୍କ ରୂପାନ୍ତର କାର୍ଯ୍ୟ ଶେଷ ହୋଇପାରେ ଅତିମାନସ ଶକ୍ତି ଦ୍ୱାରା । ସେ ଅତିମାନସ ଶକ୍ତିର ପଥରୋଧକାରୀ ସମସ୍ତ ବାଧାକୁ ନିଜ ଶରୀରରେ ନେଇ ଶରୀରକୁ ବଳି ଦେଇ ସେହି ରୂପାନ୍ତରକାରୀ ଶକ୍ତିକୁ ପୃଥିବୀରେ ଉତାରି ଆଣି ଜଗତକୁ ରକ୍ଷା କଲେ । ସେ ଦେଖିଲେ ଯେ ଅତିମାନସ ଶକ୍ତି ଦ୍ୱାରାହିଁ ପାର୍ଥିବ ଶରୀରର ରୂପାନ୍ତର ଏବଂ ଦିବ୍ୟଜୀବନ ଏହି ପୃଥିବୀରେ ସ୍ଥାପନ ହୋଇପାରିବ । ସେଥିପାଇଁ ସେ ଏହି ଦିବ୍ୟଶକ୍ତିକୁ ପୃଥିବୀ ଉପରେ ଉତାରି ଆଣିବାକୁ ତପସ୍ୟା କଲେ । କିନ୍ତୁ ପରମ ଦିବ୍ୟ ଅତିମାନସ ଶକ୍ତିକୁ ସାଧାରଣ ଶରୀରରେ ଉତାରି ଆଣିବା ସମ୍ଭବ ନୁହେଁ । ପୁଣି ଉପଯୁକ୍ତ ଆଧାର ନ ପାଇଲେ ସେହି ଦିବ୍ୟଶକ୍ତି ଅବତରଣ ବି କରେ ନାହିଁ । କାରଣ ସେହି ପରମ ଦିବ୍ୟଶକ୍ତିକୁ ପରମ ଦିବ୍ୟ ଆଧାରହିଁ ଧାରଣ କରିପାରେ । ଶ୍ରୀଅରବିନ୍ଦ ସେହି ମହାଶକ୍ତିକୁ ଏହି ଜଗତରେ ସ୍ଥାପନ କରିବେ ବୋଲି ପାର୍ଥିବ ମନୁଷ୍ୟ-ଶରୀର ଧାରଣ କରିଥିଲେ । ସେ ମନୁଷ୍ୟ-ଶରୀର ସ୍ୱୀକାର କରିଥିଲେ ଏହି ମାନବଜାତି ମଧ୍ୟରେ ସେହି ଶକ୍ତିକୁ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ । ଯଦିଓ ତାଙ୍କର ଶରୀର ସାଧାରଣ ମାନବିକ ଶରୀରଠାରୁ ଉତ୍କୃଷ୍ଟ ଥିଲା, ଆଧାର ଥିଲା ବିଶାଳ, ତଥାପି ତାହା ଥିଲା ଏହି ପାର୍ଥିବ ଶରୀର, କାରଣ ସେ ଥିଲେ ମନୁଷ୍ୟ ଜାତିର ପ୍ରତିନିଧି ।

ଅତିମାନସ ଶକ୍ତିର ଅବତରଣରେ ଅନ୍ଧକାର ଶକ୍ତିର ପ୍ରତିକ୍ରିୟା ଖୁବ୍ ତୀବ୍ର ହୋଇ ସଂସାରକୁ ଧ୍ୱଂସ କରିବାର ଆଶଙ୍କା ଥିଲା । ସଂସାରକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦ ସଂସାରର ସମସ୍ତ ବିଷକୁ ନିଜ ଶରୀରରେ ନେଇ ସେହି ଶକ୍ତିକୁ ଉତାରି ଆଣି ନିଜେ ଶରୀରରେ ଧାରଣ କରି ଦେହତ୍ୟାଗ କଲେ । ଯଦି ସଂସାରର ଜନସଂଖ୍ୟା ଅନୁପାତରେ ଅଳ୍ପ କେତେକ ବ୍ୟକ୍ତି ଅତିମାନସ ଶକ୍ତିକୁ ଗ୍ରହଣ କରିବାକୁ ନିଜ ଆଧାର ପ୍ରସ୍ତୁତ କରିଥାଆନ୍ତେ ତେବେ ଅତିମାନସ ଶକ୍ତି ଅବତରଣ କରିଥାଆନ୍ତା ତଥା ତା'ର ପ୍ରତିରୋଧରେ ଅନ୍ଧକାର ଶକ୍ତିର ଅହଂ, ସ୍ୱାର୍ଥ, ହିଂସାଦି ସର୍ବନାଶକାରୀ କ୍ରିୟା ସଂସାରକୁ ବିନଷ୍ଟ କରିପାରି ନ ଥା'ନ୍ତା, ବରଂ ସେସବୁ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ହୋଇ ଥାଆନ୍ତେ । ଏପରି ହେଲା ନାହିଁ । ସଂସାରର ସମସ୍ତ ବ୍ୟକ୍ତି ଅତିମାନସ ଶକ୍ତି ସମ୍ବନ୍ଧେ ଅଜ୍ଞ ଏବଂ ଉଦାସୀନ ରହିଲେ । ତେଣୁ ଅନ୍ଧକାର ଶକ୍ତିର ମାର୍ଗ ଉନ୍ମୁକ୍ତ ରହିଲା । ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରିଥିଲେ ବ୍ୟକ୍ତି ଗ୍ରହଣ କରି ନ ଥା'ନ୍ତେ । ତା'ର ପ୍ରତିକ୍ରିୟାରେ ଅନ୍ଧକାର ଶକ୍ତି ପ୍ରବଳ ବେଗରେ ଉପରକୁ ଉଠି ଆସିଥାଆନ୍ତା । ତାହାକୁହିଁ ସଂସାରର ବ୍ୟକ୍ତି ଗ୍ରହଣ କରିଥାଆନ୍ତେ । ଫଳରେ ଦେଶ ଦେଶ, ଜାତି ଜାତି, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସଂଘର୍ଷ ହୋଇଥାଆନ୍ତା, ଯୁଦ୍ଧ ହୋଇଥାଆନ୍ତା, ଅନ୍ଧକାର ଶକ୍ତି ପୃଥିବୀକୁ ଧ୍ୱଂସ କରି ଦେଇଥାଆନ୍ତା । ପୃଥିବୀକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦ ସଂସାରର ସମସ୍ତ ସ୍ୱାର୍ଥ, ଅହଂ, ହିଂସାକୁ ନିଜ ଶରୀରରେ ଧାରଣ କଲେ ଏବଂ ଅତିମାନସ ଶକ୍ତିକୁ ନିଜ ଶରୀରରେ ଉତାରି ଆଣିଲେ । ସଂସାରକୁ ରକ୍ଷାକରି ସଂସାରରେ ଅତିମାନସ ଶକ୍ତି ପ୍ରତିଷ୍ଠା କରିବା ସକାଶେ ଶ୍ରୀଅରବିନ୍ଦ ନିଜ ଶରୀରକୁ ବଳି ଦେଲେ । ସେହି ଶକ୍ତି ଦ୍ୱାରା ମା' ତାଙ୍କର ଅବଶିଷ୍ଟ କାର୍ଯ୍ୟ କରାଉଅଛନ୍ତି । ଏହି କାର୍ଯ୍ୟ ପୂର୍ଣ୍ଣ କରିବା ସକାଶେ ଆରମ୍ଭରୁ ମା'ଶ୍ରୀଅରବିନ୍ଦ କାର୍ଯ୍ୟ କରି ଆସୁ ଅଛନ୍ତି । ଶ୍ରୀଅରବିନ୍ଦ ତାଙ୍କ କାମ କରିଛନ୍ତି, ବାକି କାମ ମା' ସ୍ୱୟଂ ପୂରା କରିବେ ।

*

ପ୍ରଶ୍ନ : ଆଶ୍ରମରେ କ'ଣ ମୃତ୍ୟୁ ହୁଏ ନାହିଁ, ରୋଗ ହୁଏ ନାହିଁ, ବାର୍ଦ୍ଧକ୍ୟ ଆସେ ନାହିଁ ?

ଉତ୍ତର : ଆଶ୍ରମରେ ରୋଗ ହୁଏ, ବାର୍ଦ୍ଧକ୍ୟ ଆସେ, ମୃତ୍ୟୁ ମଧ୍ୟ ହୁଏ । ଏଠାରେ ପିଲାଠାରୁ ଆରମ୍ଭ କରି ୯୦ ବର୍ଷ ବୟସ ପର୍ଯ୍ୟନ୍ତ ସାଧକସାଧିକା ଅଛନ୍ତି । ସଂସାର ତୁଳନାରେ ଆଶ୍ରମର ମୃତବ୍ୟକ୍ତିଙ୍କ ସଂଖ୍ୟା କମ୍ । ମୃତବ୍ୟକ୍ତିମାନଙ୍କ ମଧ୍ୟରେ ଦୁଇତିନିଜଣ ମାତ୍ର ଯୁବକ, ବାକୀସବୁ ବୃଦ୍ଧାବସ୍ଥାପ୍ରାପ୍ତ ବ୍ୟକ୍ତି । ଶରୀରର ପୂର୍ଣ୍ଣ ରୂପାନ୍ତର ହେବା ପୂର୍ବରୁ ରୋଗ, ବାର୍ଦ୍ଧକ୍ୟ ଓ ମୃତ୍ୟୁରୁ ପୂର୍ଣ୍ଣରୂପେ ମୁକ୍ତ ହେବା ସମ୍ଭବ ନୁହେଁ; କିନ୍ତୁ ଅତିମାନସ ଶକ୍ତିର କ୍ରିୟା ଓ ପ୍ରଭାବରେ ରୋଗ କ୍ରମଶଃ କମ୍ ହେବ, ବାର୍ଦ୍ଧକ୍ୟ ଓ ମୃତ୍ୟୁର ନିର୍ଦ୍ଦିଷ୍ଟ ସମୟ କ୍ରମଶଃ ପଛକୁ ହଟିଯିବ ।

ପ୍ରଶ୍ନ : ନମନୀୟ, ଅଜର, ଅମର ଦେହସବୁ ସାଧାକଙ୍କର ହେଲାଣି କି ?

ଉତ୍ତର : ଏହାର ଉତ୍ତର ପ୍ରାୟ ୩୦ ବର୍ଷ ପରେ ଦେବା ସମ୍ଭବ ହେବ । କାରଣ ବର୍ତ୍ତମାନ ଯେଉଁମାନେ ବୟଃପ୍ରାପ୍ତ ସେମାନଙ୍କର ନମନୀୟ ଏବଂ ବାର୍ଦ୍ଧକ୍ୟରହିତ ଶରୀର ପ୍ରାପ୍ତ ହେବା ଅନୁମାନ କରାଯାଇପାରିବ ଯେବେ ସେମାନଙ୍କର ବାର୍ଦ୍ଧକ୍ୟର ସମୟ ବ୍ୟତୀତ ହୋଇଯିବ । ତାହା ପୂର୍ବରୁ ସନ୍ତୋଷଜନକ ଉତ୍ତର ଦେବା ସମ୍ଭବ ନୁହେଁ ।

*

ପ୍ରଶ୍ନ : ଚିର-ଯୌବନ, ନୀରୋଗ, ଇଚ୍ଛାମୃତ୍ୟୁ, ଶୋକରହିତ ଦିବ୍ୟ ଦେହ କେବେ ହେବ ? ଏହି ଜୀବନରେ ଆମ୍ଭେ ତାହା ଦେଖିପାରିବୁ କି ?

ଉତ୍ତର : ଏହା ନିର୍ଭର କରେ ତୁମ୍ଭର ପରମାୟୁ ଉପରେ ଅଥବା ତୁମ୍ଭ ସାଧନା ଉପରେ । ଚିର-ଯୌବନ, ନୀରୋଗ, ଇଚ୍ଛାମୃତ୍ୟୁ, ଶୋକରହିତ ଦିବ୍ୟ ଦେହ ଶୀଘ୍ର ହୋଇପାରେ ଯେବେ ସଂସାରର ଅଧିକ ବ୍ୟକ୍ତି ଏହାକୁ ସ୍ୱୀକାର କରନ୍ତି, ଅନ୍ୟଥା ଏଥିରେ ସମୟ ଲାଗିପାରେ । କାରଣ ଏହା ବ୍ୟକ୍ତିଗତ ନୁହେଁ, ସମସ୍ତ ଜଗତ ସକାଶେ । ଉଦାହରଣସ୍ୱରୂପ ଆପଣମାନେ ଯେତେବେଳେ ସ୍ୱରାଜ୍ୟ ପାଇଁ ଆନ୍ଦୋଳନ କରୁଥିଲେ ସେତେବେଳେ ଯଦି ଭାରତରେ ଅଧିକ ସଂଖ୍ୟାରେ ବ୍ୟକ୍ତି ପ୍ରସ୍ତୁତ ହୋଇଯାଇ ଥାଆନ୍ତେ, ତେବେ ଗୋଟିଏ ଦିନରେ ଇଂରେଜ ସରକାର ଉପରେ ବିଜୟୀ ହୋଇ ସ୍ୱରାଜ ଲାଭ କରିପାରି ଥାଆନ୍ତେ, କିନ୍ତୁ ଏହା ହୋଇ ନ ଥିଲା । ଆପଣମାନଙ୍କୁ ପ୍ରାୟ ଦୀର୍ଘ ଚାଳିଶ ବର୍ଷ ଧରି

କାର୍ଯ୍ୟ କରିବାକୁ ହେଲା ଏବଂ ଅଧିକ ସଂଖ୍ୟକ ବ୍ୟକ୍ତିଙ୍କୁ ଏଥିପାଇଁ ପ୍ରସ୍ତୁତ କରିବାକୁ ସମସ୍ତ ଶକ୍ତି ପ୍ରୟୋଗ କରିବାକୁ ହେଲା । ପ୍ରାୟ ସେହିପରି ଦିବ୍ୟ ଜୀବନ ସ୍ଥାପନର କାର୍ଯ୍ୟ । ଯଦି ଅଧିକ ସଂଖ୍ୟାରେ ବ୍ୟକ୍ତି ନୂତନ ଜୀବନ ପ୍ରାପ୍ତ ହେବାକୁ କାର୍ଯ୍ୟ କରନ୍ତି – ତାହାକୁ ସ୍ୱୀକାର କରନ୍ତି, ତେବେ ଖୁବ୍ ଶୀଘ୍ର ତାହା ସମ୍ଭବ ହେବ । ଏପରି ନ ହେଲେ ବିଳମ୍ବ ହେବ, ଅଧିକ ସମୟ ଲାଗିବ; କିନ୍ତୁ ହେବ ନିଶ୍ଚୟ । ଏହା ଅବଶ୍ୟମ୍ଭାବୀ ।

ଅନାଦିକାଳରୁ ମୃତ୍ୟୁ ଆଦି ଅନ୍ଧକାର ଶକ୍ତିସମୂହ ଏହି ପୃଥିବୀ ଉପରେ ଆଧିପତ୍ୟ ବିସ୍ତାର କରିଆସୁଛନ୍ତି । ଆଜି ଦିବ୍ୟ ଶକ୍ତିର ଅଧୀନତା ସ୍ୱୀକାର କରି ରୂପାନ୍ତରିତ ହେବାକୁ ଚାହାନ୍ତି ନାହିଁ । ସେଥିପାଇଁ ଦିବ୍ୟ ଶକ୍ତିର ପଥରୋଧ କରିବା ସକାଶେ ସମସ୍ତ ଶକ୍ତି ପ୍ରୟୋଗ କରୁଅଛନ୍ତି । ଦିବ୍ୟ ଓ ଅଦିବ୍ୟ ଶକ୍ତିମାନଙ୍କର ସ୍ୱରୂପ ଓ ବ୍ୟକ୍ତିତ୍ୱ ଥିବା ସତ୍ତ୍ୱେ ସେମାନଙ୍କ ଅଭିବ୍ୟକ୍ତିର ଭୂମି ଓ କିଲ୍ଲା ହେଉଛି ମନୁଷ୍ୟ । ଅନ୍ଧକାର ଶକ୍ତିସମୂହ ପୂର୍ଣ୍ଣ ପରାକ୍ରମରେ ମନୁଷ୍ୟକୁ ଅଧିକାର କରିଥିବାରୁ ବର୍ତ୍ତମାନ ସଂସାରରେ ଭୀଷଣ ବିପର୍ଯ୍ୟୟ ଓ ବିଶୃଙ୍ଖଳା ଦେଖାଦେଇଛି । ତଥାପି ମନୁଷ୍ୟ ମଧ୍ୟରେ ଗୋଟିଏ ସ୍ୱତନ୍ତ୍ର ଶକ୍ତି ଅଛି । ସେ ନିଜ ଇଚ୍ଛାରେ ଦିବ୍ୟ ଶକ୍ତି ବା ଅନ୍ଧକାର ଶକ୍ତିଙ୍କର ଯନ୍ତ୍ର ହୋଇପାରେ । କିନ୍ତୁ ଅନ୍ଧକାର ଶକ୍ତିଚୟ ମନୁଷ୍ୟକୁ ଜବରଦସ୍ତି ଅଧିକାର କରି ସନ୍ଦେହ ଆଦିର ପ୍ରେରଣା ଦେଇ ତାକୁ ଜ୍ୟୋତିଃରୁ ବିମୁଖ କରାଉଅଛନ୍ତି । ଦିବ୍ୟ ଶକ୍ତି ଅନ୍ଧକାର ଶକ୍ତିପରି ଅଭିବ୍ୟକ୍ତି ସକାଶେ ମନୁଷ୍ୟକୁ ବାଧ କରେ ନାହିଁ, ସେ ଚାହେଁ ମନୁଷ୍ୟର ସମର୍ପଣ, ସମ୍ମତି । ଯେଉଁମାନେ ସଂସାରର, ମନୁଷ୍ୟଜାତିର ମଙ୍ଗଳ କାମନା କରନ୍ତି, ଦିବ୍ୟ ଜୀବନ ଦେଖିବାକୁ ଚାହାନ୍ତି ସେମାନେ କେବଳ ବାକ୍ୟରେ କହିଲେ କିଛି ହେବ ନାହିଁ; ବରଂ ସେଥିପାଇଁ ପ୍ରଯତ୍ନ କଲେ ନିଜର ଓ ସଂସାରର ହିତ ହୋଇପାରିବ ।

ଏହି ଯୋଗର ସିଦ୍ଧି ସକାଶେ ସାଧାରଣ ମନୁଷ୍ୟଠାରୁ ଆରମ୍ଭ କରି ପୂର୍ଣ୍ଣତ୍ୟାଗୀ, ପୂର୍ଣ୍ଣ ସମର୍ପଣ କରିଥିବା ବ୍ୟକ୍ତିର ଆବଶ୍ୟକ । ଏହାଦ୍ୱାରା ସାଧାରଣ ମନୁଷ୍ୟଠାରୁ ଆରମ୍ଭ କରି ରୂପାନ୍ତରିତ ଦିବ୍ୟମାନବତ୍ୱ ପ୍ରାପ୍ତ ଯୋଗୀ ଓ ସାଧକ ମଧ୍ୟରେ ଗୋଟିଏ ସମ୍ବନ୍ଧ ରହିପାରିବ । ଅତିମାନସ ଶକ୍ତିର କ୍ରିୟା ହେବ ସମଗ୍ର ବିଶ୍ୱରେ । ଯେଉଁ ସାଧକମାନଙ୍କର ଚେତନା ଅଧିକ ବିକାଶ ହୋଇଥିବ ସେହିମାନଙ୍କ ମଧ୍ୟରେ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ହେବ ବିଶେଷରୂପେ । ପ୍ରଥମେ ସେହିମାନେ ତାହା ଦେଖିପାରିବେ ଏବଂ ଅନୁଭବ କରିପାରିବେ । ଅନ୍ୟମାନେ ଯଦିଓ ଏହି ରୂପାନ୍ତର କ୍ରିୟାକୁ ବୁଝିପାରିବେ ନାହିଁ, ତଥାପି ସେମାନଙ୍କ ଚେତନାର ବିକାଶ ତଥା ଅଭୀପ୍ସାର ଅନୁପାତରେ ଲାଭବାନ୍ ହେବେ । ଅତିମାନସ ଶକ୍ତି ଦ୍ୱାରା ନିମ୍ନ ପ୍ରକୃତିର ଗୁଣଧର୍ମ ଲୁହା ପରଶମଣି ସ୍ପର୍ଶ ଦ୍ୱାରା ସୁନାରେ ପରିଣତ ହେବା ସଦୃଶ ରୂପାନ୍ତର ହେବ । ପୁନରାୟ ତା'ର ଅଶୁଦ୍ଧ ଗୁଣଧର୍ମ ଦୃଷ୍ଟିଗୋଚର ହେବ ନାହିଁ ।

ମନୁଷ୍ୟ ମଧ୍ୟରେ ଯେଉଁସବୁ ଅଶୁଦ୍ଧ ଗତିବୃତ୍ତି ଦେଖାଦିଏ, ସେସବୁର ନିବାସସ୍ଥଳ ଅଚେତନା ଓ ଅବଚେତନା । ଅତିମାନସ ଶକ୍ତି ଏହିସବୁକୁ ରୂପାନ୍ତର କରିବ । ଏହା ଫଳରେ ପୁନରାୟ ଅଶୁଦ୍ଧ ଗତିବୃତ୍ତିର ଉତ୍‌ଥାନ ହୋଇପାରିବ ନାହିଁ । ସାଧକମାନଙ୍କ ମଧ୍ୟରେ ଏହି ରୂପାନ୍ତର କ୍ରିୟା ଯେତେ ଅଧିକ ହେବ ଯେତେ ଶୀଘ୍ର ହେବ ସେହି ଅନୁପାତରେ ସଂସାରରୁ କ୍ରମଶଃ ହିଂସା, ଦ୍ୱେଷ, ଈର୍ଷା, ବିରୋଧ ଦୂର ହେଉଥିବ । ଯେତେବେଳେ କିଛି ସାଧକଙ୍କର ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର ହେବ, ସେତେବେଳେ ସମସ୍ତ ସଂସାର ସ୍ୱର୍ଗରେ ପରିଣତ ହେବ । ଅର୍ଥାତ୍ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହୋଇଯିବ । ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ଅଧିକ ତୀବ୍ର ହୋଇପାରିବ ଯେବେ ସଂସାରର ଅଧିକ ବ୍ୟକ୍ତି ତାହା ସ୍ୱୀକାର କରିନେବେ ।

ଏହାକୁ ସ୍ୱୀକାର କରିବା ଅର୍ଥ ସାଧନା କରିବା ନୁହେଁ, ସମର୍ଥନ କରିବା । ଯଦି ଅଧିକ ସଂଖ୍ୟାରେ ଲୋକ ଦିବ୍ୟ ଶକ୍ତିକୁ ସ୍ୱୀକାର ନ କରନ୍ତି ତେବେ ତା' କ୍ରିୟାରେ ବାଧା ପଡ଼ିବ । ବର୍ତ୍ତମାନ ଦୁଇ ଶକ୍ତିଙ୍କ ମଧ୍ୟରେ ଯୁଦ୍ଧ ଚାଲିଛି । ଅଧିକ ସଂଖ୍ୟାରେ ଲୋକ ଅନ୍ଧକାର ଶକ୍ତି ପକ୍ଷରେ ଅଛନ୍ତି । ଯେତେ ବ୍ୟକ୍ତି ତା' ପକ୍ଷ ଛାଡ଼ି ଦିବ୍ୟ ଶକ୍ତି ଆଡ଼କୁ ଆସିବେ, ତେତେ ଶୀଘ୍ର ଯୁଦ୍ଧ ସମାପ୍ତ ହେବ । କିନ୍ତୁ ଦିବ୍ୟ ଶକ୍ତିର ବିଜୟ ନିଶ୍ଚିତ, କାରଣ ତାହା ଶାଶ୍ୱତ ଶକ୍ତି । ଯେପରି ବିରାଟ ଶୁଷ୍କ ବାଉଁଶ ଦ୍ୱାରା ଜଙ୍ଗଲରେ ଲାଗିଥିବା ଅତି କ୍ଷୁଦ୍ର ଅଗ୍ନିର ନାଶ ହୁଏ ନାହିଁ, କିନ୍ତୁ ବିଳମ୍ବ ହୁଏ ଅଥଚ ବ୍ୟର୍ଥ ହୁଏ ନାହିଁ, ସେହିପରି ଅତିମାନସ ଶକ୍ତିର କ୍ରିୟା ।

ପ୍ରଶ୍ନ : ସମସ୍ତେ ସନ୍ନ୍ୟାସୀ ହେଲେ ସଂସାରର ଅବସ୍ଥା କ'ଣ ହେବ ?

ଉତ୍ତର : ଗୋଟିଏ ନୂତନ ସୃଷ୍ଟି ହେବ । ବିଚିତ୍ରତା ରହିବ ନାହିଁ । ଯେଉଁମାନେ ସନ୍ନ୍ୟାସୀ ହେବେ, ଅର୍ଥାତ୍ ସାଧନା କରିବେ ସେମାନେ ଅତିମାନସ ଶକ୍ତିର ରୂପାନ୍ତର କାର୍ଯ୍ୟରେ ଅଂଶ ଗ୍ରହଣ କରିବେ, କିନ୍ତୁ ସଂସାରର ଅନ୍ୟ ବ୍ୟକ୍ତି ଯେଉଁମାନେ ସାଧନା ନ କରି କେବଳ ତାକୁ ସ୍ୱୀକାର କରିବେ ସେମାନଙ୍କ ମନରେ କ୍ରମଶଃ ଅତିମାନସ ଶକ୍ତିର ପ୍ରଭାବ ପଡ଼ିବ ଏବଂ ଦୁର୍ଗୁଣ ନାଶ ହୋଇଯିବ । ଯେଉଁମାନେ ସ୍ୱୀକାର ନ କରି କେବଳ ଉଦାସୀନ ରହିବେ ସେମାନଙ୍କ ମନରେ ବି ପ୍ରଭାବ ପଡ଼ିବ, ସେମାନଙ୍କର ମଧ୍ୟ କଲ୍ୟାଣ ହେବ । କାରଣ ଅତିମାନସ ଶକ୍ତି ବିଶାଳ, ଅସୀମ । ଯେପରି ସୂର୍ଯ୍ୟକିରଣ ଶତ୍ରୁକୁ ମଧ୍ୟ ଆଲୋକ ପ୍ରଦାନ କରିଥାଏ, ସେହିପରି ଅତିମାନସ ଶକ୍ତି । କିନ୍ତୁ ଯେ ଘର ଦ୍ୱାର ବନ୍ଦ କରି ରଖେ ସେ କମ୍ ଆଲୋକ ପାଏ । ଯେପରି ସ୍ୱରାଜ୍ୟ ଆନ୍ଦୋଳନରେ, କେତେକ ଲୋକ ଯଥାର୍ଥରେ ନିଜ ସ୍ୱାର୍ଥ ଓ ଆରାମକୁ ତ୍ୟାଗ କରି କାର୍ଯ୍ୟ କରିଥିଲେ, କେତେକ ବ୍ୟକ୍ତି ଧନରେ ସାହାଯ୍ୟ କରିଥିଲେ, କେତେକ ବ୍ୟକ୍ତି କିଛି ସାହାଯ୍ୟ ନ ଦେଇ କେବଳ ସମର୍ଥନ କରିଥିଲେ, ଅର୍ଥାତ୍ ଭୋଟ ଦେଇଥିଲେ । କିଛି ଲୋକ ବିରୋଧ ମଧ୍ୟ କରିଥିଲେ । କିନ୍ତୁ ଯେତେବେଳେ ସ୍ୱରାଜ୍ୟ ପ୍ରାପ୍ତ ହେଲା ସେତେବେଳେ ସମସ୍ତେ ବିଦେଶୀ ଶାସନରୁ ମୁକ୍ତ ହେଲେ, ସମସ୍ତେ ମନ୍ତ୍ରୀ ହେଲେ ନାହିଁ । ଏହା ମଧ୍ୟ ସେହିପରି । ସ୍ୱରାଜ୍ୟ ଥିଲା ପାର୍ଥିବ ବସ୍ତୁ, ସେଥିରେ କିଛି ବ୍ୟତିକ୍ରମ ବି ହୋଇଥାଏ, କିନ୍ତୁ ଦିବ୍ୟ ସତ୍ୟ ପାଖରେ ବ୍ୟତିକ୍ରମ ଚଳେ ନାହିଁ, ସେ ସ୍ୱୟଂ ସର୍ବଜ୍ଞ । ଏହିସବୁ ବିଷୟ ବିସ୍ତାରିତ ରୂପେ ''ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ''ର ''ଅତିମାନସର ଅବତରଣ ଓ କ୍ରିୟା'' ପୁସ୍ତିକାରେ ଆଲୋଚିତ ହୋଇଅଛି ।

*

ପ୍ରଶ୍ନ : ଏହି ରୂପାନ୍ତର କେବଳ କଳ୍ପନାରେ ଶେଷ ହେବ ନା ସେଥିରେ କିଛି ସତ୍ୟତା ଅଛି ?

ଉତ୍ତର : ରୂପାନ୍ତର ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଯେପର୍ଯ୍ୟନ୍ତ ଏ ପୃଥିବୀରେ ଦିବ୍ୟଜୀବନ ସ୍ଥାପନ ନ ହୋଇଛି, ପ୍ରତ୍ୟେକ ବ୍ୟକ୍ତି ତାହା ସ୍ଥୂଳ ଦୃଷ୍ଟିରେ ନ ଦେଖିଛନ୍ତି, ତା' ପୂର୍ବରୁ ସନ୍ତୋଷଜନକ ଉତ୍ତର କିପରି ପାଇବେ ? ସ୍ୱଚକ୍ଷୁରେ ନ ଦେଖି ବିଶ୍ୱାସ ବା କରିବେ କିପରି ? ସଂସାରରେ ଯେକୌଣସି ନୂତନ ବସ୍ତୁ ଆବିଷ୍କୃତ ହୋଇଛି, ତାହା ଦେଖିବା ପୂର୍ବରୁ, ସବୁ ସମୟରେ ଲୋକେ ସନ୍ଦେହ କରିଆସୁଛନ୍ତି । ତଥାପି ନୂତନ ବସ୍ତୁ ଆବିଷ୍କୃତ ହୋଇଆସୁଛି ।

ଶ୍ରୀଅରବିନ୍ଦ କୌଣସି ବସ୍ତୁକୁ ସ୍ଥୂଳ ଦୃଷ୍ଟିରେ ଦେଖିବା ଅପେକ୍ଷା ଅତିମାନସ ସତ୍ୟକୁ ଅଧିକ ସତ୍ୟ ବୋଲି ମନେ କରନ୍ତି । କାରଣ ସ୍ଥୂଳ ଦୃଷ୍ଟି ସୀମିତ । ଗୋଟିଏ ମିଠାଇ ଭିତରେ ବିଷ ରଖିଦେଲେ ସ୍ଥୂଳ ଦୃଷ୍ଟି ଦେଖିପାରିବ କେବଳ ମିଠାଇଟିକୁ, ବିଷ ଦେଖିପାରିବ ନାହିଁ । କିନ୍ତୁ ଦିବ୍ୟ ଦୃଷ୍ଟି ମିଠେଇ ଓ ବିଷକୁ ଏକସଙ୍ଗେ ଦେଖିପାରିବେ । ଶ୍ରୀଅରବିନ୍ଦ ତାଙ୍କର ଦିବ୍ୟ ଦୃଷ୍ଟିରେ ଅତିମାନସ ଶକ୍ତିକୁ ଦେଖିଛନ୍ତି, ଅନୁଭବ କରିଛନ୍ତି, ସେଥିରେ ବାସ କରିଛନ୍ତି, ତାକୁ ଉତାରି ଆଣି ଧାରଣ କରିଛନ୍ତି ଏବଂ ତାକୁ କାର୍ଯ୍ୟରେ ପ୍ରୟୋଗ କରିଛନ୍ତି । ସେଥିପାଇଁ ଦୃଶ୍ୟମାନ ବସ୍ତୁ ଅପେକ୍ଷା ଅତିମାନସ ଶକ୍ତି ଅଧିକ ସତ୍ୟ ଏବଂ ତାହାର କ୍ରିୟା ଦ୍ୱାରା ପୃଥିବୀରେ ଦିବ୍ୟ-ଜୀବନସ୍ଥାପନ ଅବଶ୍ୟମ୍ଭାବୀ । ଯେଉଁମାନେ ତାଙ୍କ ସିଦ୍ଧାନ୍ତକୁ ମାନି ତାଙ୍କ ନିର୍ଦ୍ଦେଶିତ ମାର୍ଗରେ ସାଧନା କରୁଛନ୍ତି ସେମାନେ ଏଥିରେ ବିଶ୍ୱାସ କରୁଛନ୍ତି । ସେମାନଙ୍କ ସକାଶେ ଏହା ଏକେବାରେ ସତ୍ୟ । ଯେଉଁମାନେ ସିଦ୍ଧାନ୍ତ ନ ବୁଝି ସାଧନା ନ କରି କେବଳ ଆଲୋଚନା କରୁଛନ୍ତି ସେମାନଙ୍କ ସକାଶେ ଏହା ସତ୍ୟ ହେଉ ବା ମିଥ୍ୟା ହେଉ ସେଥିରେ କିଛି ଯାଏ ଆସେ ନାହିଁ । ଯଦି ସତ୍ୟ ହୁଏ ତେବେ ସେମାନଙ୍କର ବି ଲାଭ, ଯଦି ଅସତ୍ୟ ହୁଏ ସେମାନଙ୍କର କିଛି କ୍ଷତି ହେବ ନାହିଁ । ଯେଉଁମାନେ ଭାରତର ସ୍ୱାଧୀନତା ଆନ୍ଦୋଳନରେ କିଛି ନ କରି କେବଳ ଆଲୋଚନା କରୁଥିଲେ ସେମାନଙ୍କୁ ମଧ୍ୟ ସ୍ୱାଧୀନତା ମିଳିଲା । ଯେଉଁମାନେ ଦିବ୍ୟ ଜୀବନର ସତ୍ୟତା ଜାଣିବାକୁ ଇଚ୍ଛୁକ, ସେମାନେ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶାନୁସାରେ ଚାଲିବା ପରେ ଯଦି ସତ୍ୟତାର ଜ୍ଞାନ ନ ହୁଏ, ତେବେ ସେମାନେ ଆଲୋଚନା କରିପାରନ୍ତି । ତାହା ପୂର୍ବରୁ ଆଲୋଚନା କରିବା ଯୁକ୍ତିଯୁକ୍ତ ନୁହେଁ । ପ୍ରତ୍ୟେକ ବସ୍ତୁ ଦେଖିବାର ଉପାୟ ଭିନ୍ନ ଭିନ୍ନ । ପେଟ ଭିତରେ ପାଚନ କ୍ରିୟାକୁ ଆମ୍ଭେମାନେ କେବଳ ସ୍ଥୂଳ ଦୃଷ୍ଟିରେ ଦେଖିପାରୁ ନାହିଁ, ଦେଖିବାକୁ ହେଲେ ଅନ୍ୟ ପ୍ରକାର ଯନ୍ତ୍ର ଦରକାର । ସେହିପରି ଯେପର୍ଯ୍ୟନ୍ତ ସ୍ଥୂଳ ଶରୀର ରୂପାନ୍ତରିତ ନ ହୋଇଛି ସେପର୍ଯ୍ୟନ୍ତ

ଅତିମାନସର କ୍ରିୟା ଓ ତାହାର ସତ୍ୟାସତ୍ୟ କେବଳ ସାଧନା ଦ୍ୱାରା ଦିବ୍ୟ ଦୃଷ୍ଟିରେ ଦେଖିବା ସମ୍ଭବ ଅଥବା ମନ-ବୁଦ୍ଧିକୁ ସ୍ଥିର କରି, ତର୍କକୁ ଦୂର କରି, ଗଭୀର ବିଚାର ଦ୍ୱାରା ଜାଣିବା ସମ୍ଭବପର ହୋଇପାରେ ।

(୮)

## ଯୋଗୀ ଓ ସଂସାରୀ

ପ୍ରଶ୍ନ : ଯୋଗୀ ଏବଂ ସଂସାରୀ ବ୍ୟକ୍ତି ମଧ୍ୟରେ ଶ୍ରେଷ୍ଠ କିଏ ?

ଉତ୍ତର : ଯୋଗୀ ଏବଂ ଯୋଗଯୁକ୍ତ ଜୀବନ ସର୍ବଦା ଶ୍ରେଷ୍ଠ । ସଂସାରୀ ବ୍ୟକ୍ତିର ଅର୍ଥ ଯେଉଁମାନେ ଧର୍ମାଚରଣ ସହ ଗୃହକର୍ମ କରନ୍ତି । ସେମାନେ ଭଗବାନଙ୍କ ସହ ଏକତ୍ୱପ୍ରାପ୍ତ କରି ନ ଥା'ନ୍ତି । ସେମାନେ ଯୋଗୀ ନୁହନ୍ତି, ଧାର୍ମିକ । ଏହି ବ୍ୟକ୍ତି ଅପେକ୍ଷା ଯୋଗୀର ସ୍ଥାନ ମହତ୍ତର । ଗୃହସ୍ଥ ବ୍ୟକ୍ତି ଯଦି ଭଗବାନଙ୍କ ସହ ଯୁକ୍ତ ହୋଇପାରେ, ତେବେ ତାକୁ ମଧ୍ୟ ଯୋଗୀ କୁହାଯାଏ । ଗୃହତ୍ୟାଗୀ, ଭଗବାନଙ୍କ ସଙ୍ଗେ ଯୁକ୍ତ ଯୋଗୀ, ଗୃହରେ ରହି ଭଗବାନଙ୍କ ସଙ୍ଗେ ଯୁକ୍ତ ବ୍ୟକ୍ତି ମଧ୍ୟରେ ପାର୍ଥକ୍ୟ ନ ଥାଏ, କିନ୍ତୁ ଗୃହତ୍ୟାଗୀ ବ୍ୟକ୍ତିକୁ ଆସକ୍ତି ଏବଂ ସ୍ୱାର୍ଥ ତ୍ୟାଗ କରି ଭଗବାନଙ୍କ ସଙ୍ଗେ ଯୁକ୍ତ ହେବାରେ ଯେଉଁ ନିୟମ, ଯେଉଁ ଧର୍ମ ରକ୍ଷା କରିବାକୁ ହୁଏ, ଗୃହରେ ଥିବା ବ୍ୟକ୍ତିକୁ ସେହି ନିୟମ, ଧର୍ମ ରକ୍ଷାକରିବାକୁ ହୁଏ । ଗୃହରେ ଥିବା ବ୍ୟକ୍ତି ପାଇଁ ତିଳେହେଲେ ଏହି ନିୟମ କୋହଳ ନୁହେଁ । ଯେଉଁଠାରେ ନିୟମରେ ତ୍ରୁଟି, ସେଠାରେ ଭଗବାନଙ୍କ ସଙ୍ଗେ ଏକତ୍ୱରେ ତ୍ରୁଟି ।

*

ପ୍ରଶ୍ନ : ଯେଉଁମାନେ ଗୃହତ୍ୟାଗ କରି ଭଗବାନଙ୍କ ସଙ୍ଗେ ଯୋଗଯୁକ୍ତ ହୋଇଛନ୍ତି, ସେମାନଙ୍କର ବିଶେଷତ୍ୱ କ'ଣ ? ସେମାନେ ସ୍ୱାର୍ଥପର ବ୍ୟକ୍ତି । ସେମାନେ ପରିବାର ପ୍ରତି କର୍ତ୍ତବ୍ୟକୁ ତ୍ୟାଗ କରି ନିଜ ସ୍ୱାର୍ଥସିଦ୍ଧି କରିଛନ୍ତି । ଜଣେ ଗୃହସ୍ଥ ଯଦି ଗାର୍ହସ୍ଥ୍ୟ ଧର୍ମ ପାଳନ କରି ଭଗବାନଙ୍କୁ ପ୍ରାପ୍ତ ହୁଏ, ଭଗବାନଙ୍କ ସହିତ ଯୋଗଯୁକ୍ତ ହୁଏ, ତେବେ ମୋ ମତରେ ଗୃହତ୍ୟାଗୀ ଯୋଗୀ ଅପେକ୍ଷା ଗୃହସ୍ଥ ଯୋଗୀ ମହତ୍ତର । ଏହା କ'ଣ ଯୁକ୍ତିଯୁକ୍ତ ନୁହେଁ ?

ଉତ୍ତର : ଏହା ଏକେବାରେ ନୁହେଁ । ବାଁ ହାତରେ ଗୁଡ଼ ଖାଆନ୍ତୁ ବା ଡାହାଣ ହାତରେ ଗୁଡ଼ ଖାଆନ୍ତୁ, କିନ୍ତୁ ଗୁଡ଼ର ସ୍ୱାଦରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହେବ ନାହିଁ, ଉଭୟ ସ୍ଥଳେ ଏହା ସମାନ । ବାମ ହାତରେ ଉଠାଇବାରେ କାହାପକ୍ଷେ ସହଜ, ଦକ୍ଷିଣ ହସ୍ତରେ ଉଠାଇବାରେ କାହାପକ୍ଷେ ସହଜ, କିନ୍ତୁ ପରିଣାମ ଏକ । ଅଧିକାଂଶ ଗୁଜୁରାଟୀ ଲୋକଙ୍କର ବାମ ହସ୍ତରେ କର୍ମ କରିବା ସହଜ ହୁଏ, ଅନ୍ୟ ଲୋକଙ୍କର ଦକ୍ଷିଣ ହସ୍ତରେ ସହଜ ହୁଏ ।

ସେହିପରି ଗୃହସ୍ଥ ଯୋଗୀ ହେବା ଯାହା ପକ୍ଷେ ସହଜ ହୋଇପାରେ, ସେହି ବ୍ୟକ୍ତି ପକ୍ଷେ ଗୃହ-ସଂସାର ତ୍ୟାଗ କରିବା ଏକେବାରେ ଅସମ୍ଭବ ହୁଏ, ଯେଉଁମାନେ ଗୃହତ୍ୟାଗ କରିପାରନ୍ତି ସେମାନଙ୍କ ପକ୍ଷେ ଗୃହରେ ରହି ସାଧନା କରିବା ସମ୍ଭବ ନୁହେଁ ।

ଯେଉଁମାନେ ପିତାମାତାଙ୍କ ସେବା, ପିଲାଙ୍କୁ ପାଳନପୋଷଣ କରିବା ଦାୟିତ୍ୱ ନିଜ ଉପରେ ବୋଲି ମାନିନେଇଥା'ନ୍ତି ଏବଂ ଗୃହରେ ଆସକ୍ତ ଥା'ନ୍ତି, ସେମାନଙ୍କ ପକ୍ଷେ ଗୃହତ୍ୟାଗ କରିବା ଏକେବାରେ ଅସମ୍ଭବ । ସେମାନେ ଗୃହରେ ରହି ଯଦି ସାଧନା କରନ୍ତି ତେବେ ସେମାନଙ୍କର ଆସକ୍ତି କ୍ରମଶଃ କମ୍ ହୁଏ, ଶେଷରେ ପୂର୍ଣ୍ଣରୂପେ ଆସକ୍ତିରୁ ମୁକ୍ତ ହୁଅନ୍ତି, ତେବେ ଭଗବାନଙ୍କ ସଙ୍ଗେ ଯୋଗଯୁକ୍ତ ହୁଅନ୍ତି । ଅନ୍ଧକାର ଏବଂ ସୂର୍ଯ୍ୟ ଯେପରି ଏକ ସଙ୍ଗରେ ରହିପାରନ୍ତି ନାହିଁ, ସେହିପରି ସାଂସାରିକ ଆସକ୍ତି ଏବଂ ଭଗବାନ୍ ଏକସଙ୍ଗେ ରହିପାରନ୍ତି ନାହିଁ । ତୀବ୍ରତାରେ ସଂସାର-ବିରାଗୀ ହୋଇ ନ ଥିବା ବ୍ୟକ୍ତି ସଂସାରରେ ରହି ସାଧନା କରିବା ଉଚିତ । ଗାର୍ହସ୍ଥ୍ୟାଶ୍ରମରେ ବ୍ୟକ୍ତିର ଅନାସକ୍ତ ଭାବ ଉତ୍ପନ୍ନ

ହେବାରେ ବହୁ ଜନ୍ମ ଲାଗେ । ସେମାନଙ୍କର ବିକାଶ ଧୀରେ ଧୀରେ ହୁଏ । ରାଜା ଜନକଙ୍କ ପରି ଗୃହସ୍ଥ ଯୋଗୀଙ୍କ ସଂଖ୍ୟା କମ୍ । କିନ୍ତୁ ଶୁକଦେବଙ୍କ ପରି ଗୃହତ୍ୟାଗୀ ଯୋଗୀଙ୍କ ସଂଖ୍ୟା ବହୁତ ବେଶୀ । ତଥାପି ବ୍ୟକ୍ତି ସର୍ବଦା ନିଜ ସ୍ୱଭାବର ଅନୁକୂଳ ମାର୍ଗ ଗ୍ରହଣ କରିବା ଉଚିତ ।

*

ପ୍ରଶ୍ନ : ଏହି ଉତ୍ତରରେ ପକ୍ଷପାତିତ୍ୱ ପରିଲକ୍ଷିତ ହେଉଛି । ଏଥିରେ ମନ ସନ୍ତୁଷ୍ଟ ହେଉ ନାହିଁ ।

ଜଣେ ବ୍ୟକ୍ତି ଗୃହରେ ରହି ସମସ୍ତ କର୍ତ୍ତବ୍ୟପାଳନ କରି ପିତାମାତାଙ୍କୁ ପାଳନପୋଷଣ ତଥା ସେବା କରି, ସ୍ତ୍ରୀ-ପିଲାଙ୍କୁ ଦୁଃଖ-ସ୍ରୋତରେ ନ ଭସାଇ, ସାଧନା କରି ଭଗବାନଙ୍କ ସଙ୍ଗେ ଯୁକ୍ତ ହେବ, ଅନ୍ୟ ଜଣେ ଗାର୍ହସ୍ଥ୍ୟ କର୍ତ୍ତବ୍ୟରୂପ ଗୁରୁଭାରକୁ ଭୟ କରି ତହିଁରୁ ପଳାୟନ କରି ଏକା ସାଧନା କରି ଭଗବାନଙ୍କ ସହିତ ଯୁକ୍ତ ହେବ; ଏପରି କର୍ତ୍ତବ୍ୟବିମୁଖ ସ୍ୱାର୍ଥପର ବ୍ୟକ୍ତିକୁ ଜଣେ କର୍ତ୍ତବ୍ୟପରାୟଣ ବ୍ୟକ୍ତି ସହିତ ସମାନ କରିବା କ'ଣ ଯୁକ୍ତିଯୁକ୍ତ ?

ଉତ୍ତର : ତୁମ ପ୍ରଶ୍ନ ଏବଂ ଦୃଷ୍ଟିଭଙ୍ଗୀରେ କ'ଣ ତୁଳାସେରକଠାରୁ ଲୁହାସେରକ ଅଧିକ ଭାରୀ ?

ଯଥାର୍ଥରେ ଗୃହତ୍ୟାଗୀ ବ୍ୟକ୍ତି ସ୍ୱାର୍ଥୀ ନୁହେଁ; କିନ୍ତୁ ସ୍ୱାର୍ଥୀ କହିବାର ଅବକାଶ ଯଦି ଥାଏ, ତେବେ ଗୃହସ୍ଥ ବ୍ୟକ୍ତିକୁ କୁହାଯାଇପାରେ । ଅନ୍ୟର ବସ୍ତୁକୁ ନିଜର ମନେ କରିବାର ଅର୍ଥ ସ୍ୱାର୍ଥ । ନିଜେ ଏବଂ ସମଗ୍ର ସଂସାର ହେଲା ଭଗବାନଙ୍କର । ଭଗବାନଙ୍କ ବସ୍ତୁକୁ 'ମୁଁ' ଏବଂ 'ମୋର' ମନେ କରିବା ହେଲା ପ୍ରଥମ ସ୍ୱାର୍ଥ । 'ମୁଁ' ମନେ କରିବା ମାତ୍ରେ 'ମୋର' ଆସିବା ସ୍ୱାଭାବିକ । ମୁଁ ପୁତ୍ର, ମୋର ପିତାମାତା, ସମ୍ପତ୍ତି, ମହତ୍ତ୍ୱ, ମାନ, ଯଶଃ – ଏହାସବୁ ଯଥାର୍ଥରେ ମିଥ୍ୟା । ବ୍ୟକ୍ତିର ମନ, ପ୍ରାଣ, ଶରୀର ଓ ଆତ୍ମା ଆସିଛନ୍ତି ଭଗବାନଙ୍କଠାରୁ । ସେ ପ୍ରକୃତରେ ବ୍ୟକ୍ତି ନୁହେଁ, ଆତ୍ମା । ସେ ଯେଉଁମାନଙ୍କୁ ଏବଂ ଯେଉଁ ବସ୍ତୁକୁ ନିଜର ମନେକରେ ସେସବୁ ପୂର୍ବେ ନ ଥିଲେ, ପରେ ବି ରହିବେ ନାହିଁ, ବର୍ତ୍ତମାନ କେବଳ ଭ୍ରମବଶତଃ ମିଥ୍ୟା ଅଧିକାର ଆରୋପ କରାହୋଇଥାଏ । ପୂର୍ବେ ଭଗବାନଙ୍କର ଥିଲା, ପରେ ଭଗବାନଙ୍କର ରହିବ, ବର୍ତ୍ତମାନ ମଧ୍ୟ ଭଗବାନଙ୍କର ଅଛି । କାରଣ ଏକହିଁ ଭଗବାନ୍ ସୃଷ୍ଟି କରିବା ସକାଶେ ଭିନ୍ନ ଭିନ୍ନ ରୂପେ ପ୍ରକଟ ହୋଇଅଛନ୍ତି । ଯଥାର୍ଥରେ କିଏ କାହାର ପିତା ନା କିଏ କାହାର ପୁତ୍ର ! ଏହା ତ କେବଳ ଭ୍ରମ । ପ୍ରତ୍ୟେକ ବ୍ୟକ୍ତି କର୍ମ କରି ଦୁଃଖ-ସୁଖ ଭୋଗ କରି ନିଜ ନିଜର ବିକାଶ ସକାଶେ ଏହି ସଂସାରକୁ ଆସିଅଛନ୍ତି । ବ୍ୟକ୍ତି ଏହା ବୁଝି ନ ପାରି ଭ୍ରମରେ ଅନ୍ୟ ପ୍ରତି ଆସକ୍ତ ହୋଇ ସେମାନଙ୍କ ସେବାକୁ ନିଜ କର୍ତ୍ତବ୍ୟ ବୋଲି ମାନି ନେଇଅଛି । ଭଗବାନଙ୍କୁ ପ୍ରାପ୍ତ ହେବାକୁ ହେଲେ ଏହି ଅଜ୍ଞାନତାକୁ ତ୍ୟାଗ କରିବାକୁ ହେବ । କାରଣ ଭଗବାନ୍ ଜ୍ଞାନସ୍ୱରୂପ । ଜ୍ଞାନ ଏବଂ ଅଜ୍ଞାନର ଏକତ୍ୱ ଏକେବାରେ ଅସମ୍ଭବ । ଶେଷରେହିଁ ଏହି ଅଜ୍ଞାନକୁ ଦୂର କରିବାକୁ ହେବ । ଶେଷରେ ଯେଉଁ ବସ୍ତୁକୁ ତ୍ୟାଗ କରିବାକୁ ହୁଏ, ଆରମ୍ଭରୁ ତାହାକୁ ତ୍ୟାଗ କରିବା ଭଲ । ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଭଗବତ୍ ପ୍ରାପ୍ତି ଆବଶ୍ୟକ, କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ପରିବାର ତ୍ୟାଗ କରିବା ସମ୍ଭବ ନୁହେଁ । ଅତଏବ ଯେଉଁମାନେ ପରିବାର ତ୍ୟାଗ କରି ନ ପାରିବେ ସେମାନେ କର୍ତ୍ତବ୍ୟ ଦୃଷ୍ଟିରେ ଭଗବତ୍ ସେବାରୂପେ ଗାର୍ହସ୍ଥ୍ୟ ଧର୍ମ ପାଳନ କଲେ ଏହି ଆସକ୍ତିରୁ ମୁକ୍ତ ହୋଇ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୋଇପାରିବେ । କିନ୍ତୁ ସେମାନଙ୍କୁ ଲକ୍ଷ୍ୟରେ ନିଷ୍ଠା ରଖି ଆସକ୍ତିରୁ ମୁକ୍ତ ହେବା ସକାଶେ ଦୃଢ଼ ସଂକଳ୍ପ କରିବାକୁ ହେବ ।

*

ପ୍ରଶ୍ନ : ଉତ୍ତର ଠିକ୍ । କିନ୍ତୁ ଏଥିରେ ମନର ସନ୍ଦେହ ଦୂର ହେଉ ନାହିଁ । ସଂସାର ଭଗବାନଙ୍କର ହେଲେ ସମସ୍ତ କର୍ମ ଭଗବତ୍ ସେବା ହେବା ସ୍ୱାଭାବିକ । ଭଗବତ୍ ସେବାରୂପେ କର୍ମ କରି ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବା ବ୍ୟକ୍ତି ସହିତ ଭଗବତ୍ ସେବାବିମୁଖ ବ୍ୟକ୍ତିଙ୍କୁ କିପରି ସମାନ କରାଯିବ ?

ଉତ୍ତର : ତୁମ ପ୍ରଶ୍ନ ଯଦି ଠିକ୍ ହୁଏ, ତେବେ ସମସ୍ତ ସଂସାରୀ ବ୍ୟକ୍ତି ଯେଉଁସବୁ କର୍ମ କରୁଛନ୍ତି ସେ ସମସ୍ତ କର୍ମ ହୋଇଥା'ନ୍ତା ଭଗବାନଙ୍କ ସେବା, ସମସ୍ତେ ହୋଇଥା'ନ୍ତେ ଯୋଗୀ । ପ୍ରଥମ ଉତ୍ତରଟି ଠିକ୍‌ଭାବେ ବୁଝି ନ ପାରିବାରୁ ପୁନରାୟ ଏ ପ୍ରଶ୍ନ କରାହୋଇଛି । ତୁମେ ଯେଉଁ କର୍ମକୁ ଭଗବତ୍ ସେବା କହୁଛ ସେ କର୍ମ ପ୍ରକୃତରେ ଭଗବତ୍ ସେବା

ନୁହେଁ । ତାହାର ପଶ୍ଚାତ୍‌ରେ ଥାଏ ଆସକ୍ତି । ଗୃହତ୍ୟାଗୀ ବ୍ୟକ୍ତି ପରିବାର ପ୍ରତି କର୍ତ୍ତବ୍ୟକୁ ପରିତ୍ୟାଗ କରିବାରେ ଯଥାର୍ଥରେ ଭଗବତ୍ ସେବାବିମୁଖ ହୁଏ ନାହିଁ, ବରଂ ସଂକୀର୍ଣ୍ଣ, ବିମିଶ୍ର କର୍ତ୍ତବ୍ୟରୂପ ସ୍ୱାର୍ଥ ତ୍ୟାଗ କରି ବିଶ୍ୱରୂପ ଭଗବାନଙ୍କର ସେବା କରେ । ଏହି କର୍ମର ସ୍ୱରୂପକୁ ତୁମେ ବୁଝିପାରି ନ ଥିବାରୁ ଯଥାର୍ଥ ଉତ୍ତର ତୁମକୁ ଭ୍ରମାତ୍ମକ ବୋଧ ହେଉଛି । ବ୍ୟକ୍ତି ସଂସାରରେ ମୋହମାୟା, ଅଜ୍ଞାନରେ ପଡ଼ି ରହିବା ଉଦ୍ଦେଶ୍ୟରେ ଭଗବାନ୍ ସୃଷ୍ଟି କରି ନାହାନ୍ତି । ସୃଷ୍ଟି କରିଛନ୍ତି ବ୍ୟକ୍ତି ମୋହମାୟାରୁ ମୁକ୍ତ ହୋଇ ସଂସାରରେ ଭଗବାନଙ୍କୁ ପ୍ରକଟ କରିବା ସକାଶେ । ଏହି କାର୍ଯ୍ୟ ଯେଉଁ ବ୍ୟକ୍ତି କରେ ତାହା ଯଥାର୍ଥରେ ଭଗବାନଙ୍କ ସେବା । ସ୍ୱାର୍ଥ ହେଉଛି ଅଜ୍ଞାନତା । ଅଜ୍ଞାନ ଅବସ୍ଥାରେ ଭଗବାନ୍ କେବେ ବି ପ୍ରାପ୍ତ ହୁଅନ୍ତି ନାହିଁ । ପିତା, ମାତା, ସ୍ତ୍ରୀ, ପୁତ୍ର ପ୍ରତି ଆସକ୍ତି – ଏସବୁ ଅଜ୍ଞାନର ବନ୍ଧନ; ଏସବୁକୁ ତ୍ୟାଗ କରିବା ବ୍ୟକ୍ତି ପ୍ରକୃତରେ ସ୍ୱାର୍ଥପର ନୁହେଁ, ତା'ର ସମସ୍ତ କର୍ମ ନିଜ ସକାଶେ ନୁହେଁ, ଭଗବାନଙ୍କ ସକାଶେ । ଭଗବାନ୍ ହେଲେ ବିଶ୍ୱରୂପ, ଅତଏବ ଯୋଗୀର ସକଳ କର୍ମ ସଂସାରର ସକଳ ପ୍ରାଣୀ ସକାଶେ ।

ଏହାର ବିପରୀତ ଗାର୍ହସ୍ଥ୍ୟାଶ୍ରମ । ତୁମେ ଯେଉଁ ଗୃହସ୍ଥଙ୍କୁ ନିଃସ୍ୱାର୍ଥପର ବୋଲି କହୁଛ ତାହା ଏକେବାରେ ଭୁଲ୍; ମୋହ ଏବଂ ଆସକ୍ତିରେ ସେ ଜଡ଼ିତ, ଅର୍ଥାତ୍ ସ୍ୱାର୍ଥପର । ରୋଗୀ ତଥା ବୃଦ୍ଧ ପିତାମାତାଙ୍କର ସେବା, ପୁତ୍ରକନ୍ୟାଙ୍କୁ ପଢ଼ାଇଲେଖାଇ ଉପଯୁକ୍ତ କରିବା, ସ୍ତ୍ରୀକୁ ବସ୍ତ୍ରଭୂଷଣରେ ସୁସଜ୍ଜିତ କରିବା – ତୁମ ଦୃଷ୍ଟିରେ ଏସବୁ ବ୍ୟକ୍ତିର ନିଃସ୍ୱାର୍ଥପର କର୍ମ । କିନ୍ତୁ ଜଣେ ବ୍ୟକ୍ତିର ପିତା-ମାତା ଯେପରି ବୃଦ୍ଧ, ଯେପରି ରୋଗୀ, ତା' ଅପେକ୍ଷା ଅଧିକ ବୃଦ୍ଧ, ରୋଗଗ୍ରସ୍ତ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ସେବା କଥା ଦୂରେଥାଉ, ରହିବାକୁ ସ୍ଥାନ ନାହିଁ, ଖାଇବାକୁ କିଛି ନାହିଁ; ନିଜ ବାଳକବାଳିକାମାନଙ୍କ ଅପେକ୍ଷା ବହୁତ ବାଳକବାଳିକା ଦୁଃଖଦୈନ୍ୟରେ ଅଛନ୍ତି, ଖାଇବାକୁ, ପିନ୍ଧିବାକୁ ପାଉ ନାହାନ୍ତି; ବହୁ ମହିଳା ଅଛନ୍ତି ଯେଉଁମାନେ ଉଦରପୂର୍ତ୍ତି ପାଇଁ ଅନ୍ନ, ଅଙ୍ଗ ଆଚ୍ଛାଦନ କରିବାକୁ ବସ୍ତ୍ର ପାଉ ନାହାନ୍ତି, ସୁନ୍ଦର ବସ୍ତ୍ରଭୂଷଣ ତ ଦୂରର କଥା । ଏପରି ଲୋକଙ୍କୁ ତ ଗାର୍ହସ୍ଥ୍ୟାଶ୍ରମର ବ୍ୟକ୍ତି ସେବା କରନ୍ତି ନାହିଁ, କାରଣ ଏମାନଙ୍କ ପ୍ରତି ତାଙ୍କର ଆସକ୍ତି ନ ଥାଏ । ଯେଉଁମାନଙ୍କୁ ନିଜର ବୋଲି ସେ ମନେ କରନ୍ତି ସେହିମାନଙ୍କର ସେବା କରନ୍ତି, କାରଣ ତାଙ୍କର ନିଜତ୍ୱର ସ୍ୱାର୍ଥ ସେମାନଙ୍କ ପ୍ରତି ଥାଏ । ତୁମେ ଯାହାକୁ ନିଃସ୍ୱାର୍ଥ କର୍ତ୍ତବ୍ୟ ବୋଲି କହୁଛ ପ୍ରକୃତରେ ତାହା ପଶ୍ଚାତ୍‌ରେ ଥାଏ ସ୍ୱାର୍ଥ ଓ ଆସକ୍ତି । ଏହି ଆସକ୍ତି ବିନଷ୍ଟ ହୁଏ ଭଗବାନଙ୍କ ସହିତ ବ୍ୟକ୍ତି ଏକତ୍ୱପ୍ରାପ୍ତି କରିବାରେ । ସେତେବେଳେ ଆଉ କର୍ତ୍ତବ୍ୟ-କର୍ମର ଧାରଣା ନ ଥାଏ, ପ୍ରତ୍ୟେକ ବ୍ୟକ୍ତି ପ୍ରତି ସମଦୃଷ୍ଟି ଥାଏ । ଯେପରି ବ୍ୟକ୍ତିର ମସ୍ତକ ଏବଂ ହସ୍ତ ମଧ୍ୟରେ କୌଣସି ପାର୍ଥକ୍ୟ ନ ଥାଏ, ସେ ଚାହେଁ ଉଭୟର ପରିପୁଷ୍ଟି । କିନ୍ତୁ ମସ୍ତକ ଉପରେ ପ୍ରହାର ହେଲେ ମସ୍ତକର ରକ୍ଷା ସକାଶେ ପ୍ରଥମେ ବ୍ୟକ୍ତି ହସ୍ତ ଉପରେ ପ୍ରହାର ସହ୍ୟ କରି ମସ୍ତକକୁ ରକ୍ଷାକରେ । ଠିକ୍ ସେହିପରି ଜ୍ଞାନ ଅବସ୍ଥାରେ ବ୍ୟକ୍ତି ଯଦି ନିଜ ପରିବାରର ସେବା କରେ, ସମସ୍ତ ସଂସାରର ସେବା ନ କରେ ତଥାପି ସେଥିରେ ତା'ର ଆସକ୍ତି ନ ଥାଏ କିଂବା କର୍ତ୍ତବ୍ୟବୋଧ ନ ଥାଏ; ସେଥିରେ ତା'ର ପୁଣ୍ୟ ବା ପାପ ହୁଏ ନାହିଁ । ଏହି ଅବସ୍ଥାରେ କର୍ତ୍ତବ୍ୟବୋଧର ପ୍ରଶ୍ନ ଉଠେ ନାହିଁ । ସେତେବେଳେ ବ୍ୟକ୍ତିର ଚେତନାରେ ଏବଂ ଦୃଷ୍ଟିରେ ସମସ୍ତ ପ୍ରାଣୀ ଆତ୍ମସ୍ୱରୂପ । କର୍ତ୍ତବ୍ୟପାଳନ ହେଉଛି ନୈତିକ ଧର୍ମ । ଅଧ୍ୟାତ୍ମ ଧର୍ମ ଏହାର ବହୁ ଉର୍ଦ୍ଧ୍ୱରେ । ଅଧ୍ୟାତ୍ମ ଧର୍ମରେ ପ୍ରବେଶ କରିଥିବା ବ୍ୟକ୍ତିର ନୈତିକ ଧର୍ମ ପରିତ୍ୟାଗ କରିବାରେ କୌଣସି ଦୋଷ ନ ଥାଏ । ମନୁଷ୍ୟ ଯେତେ ଉଚ୍ଚତର ଚେତନାରେ ପ୍ରବେଶ କରେ ତା'ର ନିମ୍ନ ଧର୍ମସବୁ ଅସତ୍ୟ ହୋଇଯାଏ । ଯାହା ଅସତ୍ୟ ତାହା ତ୍ୟାଗ କରିବାରେ ଦୋଷ ବା ଅପରାଧ ହେବ କିପରି ?

ଯେପରି ଗାର୍ହସ୍ଥ୍ୟାଶ୍ରମରେ ଥିବା ବ୍ୟକ୍ତି ପିତାମାତାଙ୍କ ସେବା କିଂବା ସେମାନଙ୍କ ମୃତ୍ୟୁ ପରେ ଶ୍ରାଦ୍ଧ ଇତ୍ୟାଦି କର୍ମ ନ କଲେ ପତିତ ହୁଏ, କିନ୍ତୁ ସେହି ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ କରିବା ପରେ ସେହି କର୍ମ କଲେ ପତିତ ହୁଏ ।

ପ୍ରତ୍ୟକ୍ଷରୂପେ ଆମେ ଦେଖୁଥାଉ, ଚୈତନ୍ୟ ମହାପ୍ରଭୁ ବୃଦ୍ଧା ମାତା, ଯୁବତୀ ସ୍ତ୍ରୀକୁ ଛାଡ଼ି ସନ୍ନ୍ୟାସ ନେଇଥିଲେ । ସମର୍ଥ ରାମଦାସ ବାରବର୍ଷ ବୟସରେ ବିବାହ-ବେଦୀରେ ବସିଥିବା ସମୟରେ ପୁରୋହିତ କହିଦେଲେ, ''ସାବଧାନ ହୁଅ'', ଏହା ଶୁଣି ସେ ଏପରି ସାବଧାନ ହେଲେ ଯେ ସେଠାରୁ ସେହି ମୁହୂର୍ତ୍ତରେ ଦୌଡ଼ି ପଳାଇଲେ । ତାଙ୍କ ପଛରେ କେତେଜଣ ଦୌଡ଼ି ତାଙ୍କୁ ଧରି ନ ପାରି ଫେରି ଆସିଲେ, ସେ ପରିବାର ସେବା ନ କରି ବୃଦ୍ଧା ମାତାଙ୍କୁ ଛାଡ଼ି ସନ୍ନ୍ୟାସ

ନେଲେ । ତୁଳସୀଦାସ ପତିବ୍ରତା ସ୍ତ୍ରୀକୁ ଛାଡ଼ି ଚାଲିଯାଇଥିଲେ । ଏମାନଙ୍କୁ ଆଜି କେହି ପତିତ ନ କହି ପୂଜା କରୁଅଛନ୍ତି ।

କିନ୍ତୁ ପିତାମାତା ତଥା ପରିବାରର ସେବା ନୈତିକ ଧର୍ମ; ଏହାଦ୍ୱାରା ଅଧ୍ୟାତ୍ମ ଧର୍ମରେ ପ୍ରବେଶ କରାଯାଏ । ଗାର୍ହସ୍ଥ୍ୟ ଧର୍ମ ପାଳନପୂର୍ବକ ଅଧ୍ୟାତ୍ମ ଧର୍ମରେ ପ୍ରବେଶ କରିବା ଗୋଟିଏ ମାର୍ଗ । ବୈରାଗ୍ୟବାନ୍ ବ୍ୟକ୍ତି ଗୃହ, ପରିବାର ତ୍ୟାଗ କରି ଅଧ୍ୟାତ୍ମ ଧର୍ମରେ ପ୍ରବେଶ କରିବା ଅନ୍ୟ ଏକ ମାର୍ଗ । ଏହି ମାର୍ଗଦ୍ୱୟ ଠିକ୍ । ମନୁଷ୍ୟର ସ୍ୱଭାବ ଅନୁସାରେ ଯେଉଁ ମାର୍ଗଟି ଯାହାର ଅନୁକୂଳ ହୁଏ ସେ ସେହି ମାର୍ଗ ଅନୁସରଣ କରିପାରେ । ପ୍ରତ୍ୟେକ ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ ହେଲା ଭଗବତ୍ ପ୍ରାପ୍ତି । ଏହାଛଡ଼ା ଜୀବନ ମୂଲ୍ୟହୀନ ଏବଂ ଦୁଃଖପୂର୍ଣ୍ଣ । ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଏକମାତ୍ର ମାର୍ଗ ଭିନ୍ନ । ଏହି କାରଣରୁ ଗାର୍ହସ୍ଥ୍ୟାଶ୍ରମରେ ରହି ଯୋଗଯୁକ୍ତ ବ୍ୟକ୍ତିଙ୍କୁ ଗୃହତ୍ୟାଗୀ ଯୋଗୀ ଅପେକ୍ଷା ଶ୍ରେଷ୍ଠ ଏବଂ ଗୃହତ୍ୟାଗୀ ଯୋଗୀଙ୍କୁ ସ୍ୱାର୍ଥପର କୁହାଯାଇ ନ ପାରେ ।

*

ପ୍ରଶ୍ନ : ଏହି ଉତ୍ତର ଯୁକ୍ତିଯୁକ୍ତ । ମାତ୍ର ବଡ଼ ବଡ଼ ବିଦ୍ୱାନ୍, ପଣ୍ଡିତ ବ୍ୟକ୍ତି କହନ୍ତି, ''ସଂସାରରେ ରହି ସଂସାରର କର୍ମ କରିବା ଶ୍ରେଷ୍ଠ, ସନ୍ନ୍ୟାସ ମାର୍ଗ ପଳାୟନ ଏବଂ ସ୍ୱାର୍ଥପୂର୍ଣ୍ଣ । ଏଥିରେ ଯଦି ସତ୍ୟତା ନ ଥା'ନ୍ତା, ତେବେ ଏତେ ବଡ଼ ବଡ଼ ବିଦ୍ୱାନ୍, ପଣ୍ଡିତ, ନେତାମାନେ ଏହା କିପରି କହନ୍ତେ ?

ଉତ୍ତର : ପଣ୍ଡିତ, ବିଦ୍ୱାନ୍, ନେତାମାନେ ଯାହା କହନ୍ତି କ'ଣ ତାହାସବୁ ସତ୍ୟ ? ସେମାନେ ଯାହା କହନ୍ତି କ'ଣ ତାହା କରନ୍ତି ? ବିଶେଷତଃ ଆଜିକାଲି ନେତାମାନଙ୍କ ହୃଦୟରେ ଯାହା ଥାଏ, ସେମାନେ କହନ୍ତି ଠିକ୍ ତାହାର ବିପରୀତ, କରନ୍ତି କହିବାର ପୂର୍ଣ୍ଣ ବିରୋଧରେ । ଅନ୍ୟ ପକ୍ଷରେ ଭଗବାନଙ୍କର ସୃଷ୍ଟି ହେଲା ବୈଚିତ୍ର୍ୟପୂର୍ଣ୍ଣ । ଏଥିରେ ସକଳ ପ୍ରକାର, ସକଳ ଶ୍ରେଣୀର ବ୍ୟକ୍ତିଙ୍କ ଆବଶ୍ୟକ । କିନ୍ତୁ ବୁଦ୍ଧିପ୍ରଧାନ ବ୍ୟକ୍ତିର ବୁଦ୍ଧି ସୀମିତ ଏବଂ ଅର୍ଦ୍ଧଦୀପ୍ତ । ମନୁଷ୍ୟ କେତେ ପଣ୍ଡିତ, କେତେ ବିଦ୍ୱାନ୍, କେତେ ବୁଦ୍ଧିମାନ୍ ହେଉ, ସେ ଯେପର୍ଯ୍ୟନ୍ତ ସୀମିତ ମନ ସ୍ତରରେ ଥାଏ, ମନ ତା'ର ସର୍ବସ୍ୱ ହୋଇଥାଏ, ସେପର୍ଯ୍ୟନ୍ତ ସେ ମନର ପରପାର ବସ୍ତୁ ସମ୍ବନ୍ଧେ ଅଚେତ ରହିଥାଏ । ଏହି ଭୌତିକ ବସ୍ତୁ ସମ୍ବନ୍ଧେ ତ ସେମାନଙ୍କର ଯଥାର୍ଥ ଜ୍ଞାନ ନ ଥାଏ, ପୁଣି ଅଜ୍ଞେୟ ଅଧ୍ୟାତ୍ମ ସତ୍ୟ ସମ୍ବନ୍ଧେ ସେମାନଙ୍କର ଯଥାର୍ଥ ଜ୍ଞାନ ଆସିବ କେଉଁଠୁ ? ଅର୍ଥାତ୍ ସେମାନେ ଭୌତିକ ବସ୍ତୁ ସମ୍ବନ୍ଧରେ ଯଥାଯଥ କିଛି କହିବାକୁ ଅକ୍ଷମ, ପୁଣି ଅଧ୍ୟାତ୍ମ ସତ୍ୟ ସମ୍ବନ୍ଧରେ ଯାହା କହନ୍ତି ତାହା କିପରି ସତ୍ୟ ହେବ ? ଡାକ୍ତର, ବିଜ୍ଞାନବେତ୍ତା ଶହେବର୍ଷ ପୂର୍ବେ ଯାହାକୁ ସତ୍ୟ ବୋଲି କହୁଥିଲେ ଆଜି ତାହା ଅସତ୍ୟ ବୋଲି ପ୍ରମାଣ କରୁଛନ୍ତି । ଆଜି ଯାହା ଅସତ୍ୟ ବୋଲି କହୁଛନ୍ତି, କିଛି ବର୍ଷପରେ ତାହା ସତ୍ୟ ବୋଲି କହିବେ ।

କମ୍ୟୁନିଷ୍ଟମାନଙ୍କ ମତରେ ତଥା ବିଶିଷ୍ଟ ବୁଦ୍ଧିପ୍ରଧାନ ବ୍ୟକ୍ତିଙ୍କ ମତରେ ଭଗବାନ୍ ବୋଲି କୌଣସି ସତ୍ୟସତ୍ତା ନାହିଁ । ଏହା କ'ଣ ସତ୍ୟ ? ଏହି କମ୍ୟୁନିଷ୍ଟମାନଙ୍କ ମଧ୍ୟରୁ ବହୁତ ବ୍ୟକ୍ତି ତୀବ୍ରଭାବେ ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତି, ଅସ୍ୱୀକାର କରିବା ସମୟରେ ପ୍ରମାଣ ଏବଂ ଯୁକ୍ତିର ଝଡ଼ ଲଗାଇ ଦିଅନ୍ତି; କିନ୍ତୁ ସେହି ବ୍ୟକ୍ତି କିଛି ଦିନ ପରେ ଅଧ୍ୟାତ୍ମ ସାଧନା କରନ୍ତି ଏବଂ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧେ ହଜାର ପ୍ରମାଣ ଦେଇଦିଅନ୍ତି । ସ୍ୱାମୀ ବିବେକାନନ୍ଦ ପ୍ରଥମେ ନାସ୍ତିକ ଥିଲେ; ଶେଷରେ ମା', ଭାଇ, ବନ୍ଧୁ ସମସ୍ତଙ୍କୁ ତ୍ୟାଗ କଲେ, ତୁମ ଦୃଷ୍ଟିରେ ଯାହା କର୍ତ୍ତବ୍ୟ ସେସବୁକୁ ସେ ବିନା ଦ୍ୱିଧାରେ ବର୍ଜନ କରି ସନ୍ନ୍ୟାସ ଗ୍ରହଣ କରିଥିଲେ ।

ମନୁଷ୍ୟ ଯେପର୍ଯ୍ୟନ୍ତ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ନ ହୋଇଥାଏ ସେପର୍ଯ୍ୟନ୍ତ ସେ ଅଜ୍ଞାନରୁ ମୁକ୍ତ ହୁଏ ନାହିଁ, ସେପର୍ଯ୍ୟନ୍ତ ସେ ମନର ଅତୀତ ବସ୍ତୁର ଜ୍ଞାନ ପ୍ରାପ୍ତ କରି ନ ଥାଏ, ସୂକ୍ଷ୍ମ ବସ୍ତୁ ସମ୍ବନ୍ଧେ କେବଳ ଅନୁମାନରେ ମତ ଦିଏ । ଅନୁମାନ କେବେ ସତ୍ୟ ତ କେବେ ମିଥ୍ୟା ହୁଏ । ଏହିପରି ବୁଦ୍ଧିପ୍ରଧାନ ବ୍ୟକ୍ତି ଯାହା କହିବେ ତାହା 'ବେଦର ଗାର' ହୋଇ ନ ପାରେ ।

ଏହାର କାରଣ ହେଉଛି, ସଂସାରରେ ବହୁପ୍ରକାର ବ୍ୟକ୍ତିଙ୍କର ଆବଶ୍ୟକ । ବହୁ ପ୍ରକାରର ବ୍ୟକ୍ତି ନ ହେଲେ

ସଂସାର ଚଳିବ ନାହିଁ । ସଂସାର ମାୟା ଏବଂ ମୋହରେ ଗ୍ରସ୍ତ । ଏହି ଅଜ୍ଞାନ ଅବସ୍ଥାରେ ମନୁଷ୍ୟ ଯେଉଁ କର୍ମକୁ ଶ୍ରେଷ୍ଠ ତଥା ସତ୍ୟ ମନେ ନ କରେ ସେ କର୍ମକୁ ସେ ଭଲରୂପେ ସମ୍ପାଦନ କରିପାରେ ନାହିଁ । ସେହି କାରଣରୁ ଭଗବାନଙ୍କ ମାୟା ପ୍ରଭାବରେ ବ୍ୟକ୍ତି ଯେଉଁ ଚେତନାରେ ଥାଏ, ଯେଉଁ କାର୍ଯ୍ୟ କରେ, ତାହାକୁ ସତ୍ୟ ବୋଲି କହେ । କିନ୍ତୁ ସେ କାର୍ଯ୍ୟ ସେହି ସମୟରେ ତାହାରି ସକାଶେ ସତ୍ୟ ଏବଂ ଶ୍ରେଷ୍ଠ । ସେହି ବ୍ୟକ୍ତି ସେହି ସମୟରେ ସେ କର୍ମ ତ୍ୟାଗ କରିବାରେ ଅସମର୍ଥ । କିନ୍ତୁ ସେହି କର୍ମ ଜଣେ ଉଚ୍ଚତର ଚେତନାରେ ସ୍ଥିତ ବ୍ୟକ୍ତି ସକାଶେ ସତ୍ୟ ହୋଇପାରେ ନାହିଁ ।

*

ପ୍ରଶ୍ନ : ଉତ୍ତର ବହୁତ ଯୁକ୍ତିଯୁକ୍ତ । ମାତ୍ର ଏହା ପୁରାତନ ଯୋଗ ସକାଶେ ଠିକ୍, ଶ୍ରୀଅରବିନ୍ଦଙ୍କ ଯୋଗରେ ସଂସାରର ସମସ୍ତ କର୍ମକୁ ଗ୍ରହଣ କରାହୋଇଛି । ଅତଏବ ଶ୍ରୀଅରବିନ୍ଦଙ୍କ ଯୋଗରେ କର୍ମ ଏବଂ ସଂସାର ତ୍ୟାଗର ପ୍ରଶ୍ନ ନ ଥାଏ, ତେବେ ପରିବାର ତଥା ପରିବାର ପ୍ରତି କର୍ତ୍ତବ୍ୟ ତ୍ୟାଗର ପ୍ରଶ୍ନ କେଉଁଠି ?

ଉତ୍ତର : ତୁମ ପ୍ରଶ୍ନଟି ଯଦି ଯୁକ୍ତିଯୁକ୍ତ ହୁଏ, ତେବେ ସଂସାରର ସମସ୍ତ ଗୃହସ୍ଥ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ହୋଇଥା'ନ୍ତେ, ଫେର୍ ଶ୍ରୀଅରବିନ୍ଦ ଆଶ୍ରମର କୌଣସି ଆବଶ୍ୟକତା ନ ଥିଲା, ଆଉ ତୁମେ ମଧ୍ୟ ପ୍ରଶ୍ନ କରିବା କଷ୍ଟରୁ କ୍ଷାନ୍ତ ହୋଇଥାଆନ୍ତ ।

ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ଅଜ୍ଞାନ-ପ୍ରସୂତ ପ୍ରାଣର ଆସକ୍ତିକୁ ଚରିତାର୍ଥ କରିବା ନୁହେଁ, ସ୍ୱୟଂ ମନ, ପ୍ରାଣ, ଶରୀରକୁ ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିବା । ଏ ସକାଶେ ସାଧନାର ଆରମ୍ଭରୁ ଅଜ୍ଞାନ ଏବଂ ଆସକ୍ତିକୁ ରୂପାନ୍ତର କରିବା ସକାଶେ ପ୍ରଯତ୍ନ କରିବାକୁ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକକୁ ସୀମିତ ମନର ସିଦ୍ଧାନ୍ତରେ ପରିବାରର ସୀମାରେ ବନ୍ଦୀ ହୋଇ ପରିବାର ସେବା କରିବାକୁ ହେବ ନାହିଁ, ପୂର୍ଣ୍ଣତଃ ନିଜେ ଏବଂ ନିଜର ଯାହା କିଛି ସେସବୁକୁ ନିଃଶେଷରେ ଭଗବାନଙ୍କ ଚରଣରେ ନିବେଦନ କରି ତାଙ୍କର ଯନ୍ତ୍ର ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ କର୍ମ କରିବାକୁ ହେବ ଏବଂ ସମଗ୍ର ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି କରିବାକୁ ହେବ । ଭଗବାନ୍ ସମଗ୍ର ବିଶ୍ୱରେ ବ୍ୟାପ୍ତ । ଭଗବାନଙ୍କ ସେବାର ଅର୍ଥ ସମଗ୍ର ବିଶ୍ୱର ସେବା । ଶ୍ରୀଅରବିନ୍ଦଙ୍କ ଯୋଗରେ ମଧ୍ୟ ସେହି ଏକହିଁ କଥା । ମନୁଷ୍ୟ ନିଜ ନିଜ ସ୍ୱଭାବ ଏବଂ ଆତ୍ମାର ନିର୍ଦ୍ଧାରଣ ଅନୁସାରେ ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିପାରେ ଅଥବା ଗୃହତ୍ୟାଗ କରି ସାଧନା କରିପାରେ । ଗାର୍ହସ୍ଥ୍ୟାଶ୍ରମ ତ୍ୟାଗରେ ଯେପରି କୌଣସି ଦୋଷ ନାହିଁ, ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିବାରେ ମଧ୍ୟ କୌଣସି ବିଶେଷତ୍ୱ ନାହିଁ । ଏହା ନିର୍ଭର କରେ ମନୁଷ୍ୟର ସ୍ୱଭାବ ଉପରେ । ବ୍ୟକ୍ତି ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରୁ କିଂବା ଗୃହତ୍ୟାଗ କରି ସାଧନା କରୁ, ଉଭୟ କ୍ଷେତ୍ରରେ ମୋହ, ଆସକ୍ତି ପ୍ରଭୃତି ପ୍ରତିକୂଳ ବୃତ୍ତିକୁ ତ୍ୟାଗ କରିବାକୁହିଁ ହୁଏ । ପୁଣି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପୂର୍ଣ୍ଣରୂପେ ମାନସିକ, ପ୍ରାଣିକ ଓ ଶାରୀରିକ ମୋହ, ଆସକ୍ତିକୁ ବର୍ଜନ କରି ସେସବୁକୁ ଦିବ୍ୟରୂପ ଦେବାକୁ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଆସକ୍ତି ବଶରେ କର୍ମ କରିବାକୁ ହୁଏ ନାହିଁ । ପୂର୍ଣ୍ଣରୂପେ ଆସକ୍ତିକୁ ରୂପାନ୍ତର କରିବାକୁ ହୁଏ ।

*

ପ୍ରଶ୍ନ : ଏହିସବୁ ପ୍ରଶ୍ନୋତ୍ତରରୁ ଏହା ନିଷ୍କର୍ଷ ହେଉଛି ଯେ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି । କିନ୍ତୁ ଗୃହତ୍ୟାଗ ମାର୍ଗରେ ଏହା ପ୍ରାପ୍ତ ହୁଏ ଶୀଘ୍ର ତଥା ସହଜରେ । ଅତଏବ ଯେଉଁମାନେ ଭଗବତ୍ ପ୍ରାପ୍ତି, ପୂର୍ଣ୍ଣ ରୂପାନ୍ତର ଚାହାନ୍ତି ସେମାନେ ଗୃହତ୍ୟାଗ କରି ସାଧନାରେ ଲାଗିପଡ଼ିବା ଉଚିତ । ଏହା କ'ଣ ଠିକ୍ ନୁହେଁ ?

ଉତ୍ତର : ଏକେବାରେ ନୁହେଁ । ଗୃହତ୍ୟାଗ ମାର୍ଗ ସହଜ ନୁହେଁ, ଭୟଙ୍କର କଠିନ, ପଦେ ପଦେ ବାଧାବିଘ୍ନ ଆସେ, ସାଧନା ଦ୍ୱାରା ଏକ ଏକ ଇଞ୍ଚ ଭୂମି ଜୟ କରିବାକୁ ହୁଏ ମହା ସଂଘର୍ଷ କରି । ସାଧକର ବିବେକ, ବୈରାଗ୍ୟ ପର୍ଯ୍ୟାପ୍ତ ନ ଥିଲେ, ଟିକିଏ ଅସାବଧାନ ହେଲେ ଅଧ୍ୟାତ୍ମ-ମାର୍ଗଚ୍ୟୁତ ହେବା ସ୍ୱାଭାବିକ । ଏପରି ବ୍ୟକ୍ତି ସକାଶେ ସାଂସାରିକ ଜୀବନ ତଥା ଅଧ୍ୟାତ୍ମ ଜୀବନ ଉଭୟ ଦୁଃଖପ୍ରଦ ହୁଏ । ସଂସାରରେ ସୁଖ ମିଳେ ନାହିଁ କିଂବା ଅଧ୍ୟାତ୍ମ ସାଧନାରେ ପ୍ରବୃତ୍ତି ହୁଏ ନାହିଁ । ସେ ସଂସାରରେ ରହିପାରେ ନାହିଁ କିଂବା ସାଧନା କରିପାରେ ନାହିଁ ।

ବ୍ୟକ୍ତିର ସ୍ୱାଭାବିକ ଭାବେ ଆସକ୍ତି ଥାଏ ପରିବାର, ନିଜ ଶରୀର, ଧନ-ସଂପତ୍ତି, ମାନ-ଯଶଃ ଆଦିରେ । ବ୍ୟକ୍ତି ଗୃହତ୍ୟାଗ କରିବା ଦ୍ୱାରା ସ୍ଥୂଳରୂପେ ଏସବୁକୁ ତ୍ୟାଗ କରେ, କିନ୍ତୁ ତୀବ୍ର ବୈରାଗ୍ୟ ନ ଥିଲେ ମାନସିକ, ପ୍ରାଣିକ ଆସକ୍ତି ଏସବୁରେ ଥାଏ । ଏସବୁକୁ ସ୍ଥୂଳରୂପେ ଭଗବାନଙ୍କ ଆଶ୍ରୟ ମିଳେ ନାହିଁ । ପରମାନନ୍ଦ ସ୍ୱରୂପ ଭଗବାନଙ୍କର ଆଶ୍ରୟ ନେବାର ଅଭ୍ୟାସ ଏସବୁର ନ ଥାଏ । ନିମ୍ନ ପ୍ରକୃତିର ବିଷୟ ତ୍ୟାଗ, ଭଗବାନଙ୍କ ପ୍ରତି ଆସକ୍ତି ହେବା ପୂର୍ବର ଅବସ୍ଥା ଭୀଷଣ ଭୟଙ୍କର । ଏହି ଅବସ୍ଥାରେ ସାଧକ ଯଦି ଭଗବାନଙ୍କ ଆଶ୍ରୟ ପୂର୍ଣ୍ଣରୂପେ ନ ନିଏ, ଲକ୍ଷ୍ୟ ପ୍ରତି ଦୃଢ଼ ନିଷ୍ଠା ନ ରଖେ, ସ୍ଥୂଳ ଏବଂ ସୂକ୍ଷ୍ମ ଇନ୍ଦ୍ରିୟର ବିଷୟ ସଂଯମ କରିବାରେ ପୂର୍ଣ୍ଣରୂପେ ଦୃଢ଼ ସଂକଳ୍ପବଦ୍ଧ ନ ହୁଏ, ତେବେ ସାଧକର ପତନ ହୋଇପାରେ । ଭଗବାନଙ୍କ କୃପାରୁ ଯଦି ପତନ ନ ହୁଏ, ତେବେ ତୀବ୍ର ବୈରାଗ୍ୟ, ଶୁଦ୍ଧ ବିବେକ ନ ଥିଲେ ସେ ସାଧନାରେ ଅଗ୍ରସର ହୋଇପାରେ ନାହିଁ । ଏହି ସମୟରେ ବ୍ୟକ୍ତି ପ୍ରାଣପଣେ ସଜାଗ ହୋଇ ସଂଯମ କରିପାରିଲେ ତା'ର ନିମ୍ନମୁଖୀ ବୃତ୍ତିସମୂହକୁ ଅନ୍ୟ ଆଶ୍ରୟ ମିଳେ ନାହିଁ, ଏବଂ ସେମାନେ ବିନା ଆଶ୍ରୟରେ ରହିପାରନ୍ତି ନାହିଁ, ଶେଷରେ ବାଧ୍ୟ ହୋଇ ଭଗବତ୍ ଅଭିମୁଖୀ ହୁଅନ୍ତି ଏବଂ ଦିବ୍ୟାନନ୍ଦ, ଦିବ୍ୟ ଶାନ୍ତି, ଦିବ୍ୟ ଜ୍ଞାନ, ପରାଭକ୍ତି ପ୍ରାପ୍ତ ହୁଅନ୍ତି । ଭଗବତ୍ ଆନନ୍ଦ ପ୍ରାପ୍ତ ହେଲେ ବିଷୟାନନ୍ଦ ତୁଚ୍ଛ, ନଗଣ୍ୟ ପ୍ରତୀତ ହୁଏ । ଏହିପରି ସାଧକମାନେ କୋଟି କୋଟି ଜନ୍ମର ବିକାଶ ଏକ ଜନ୍ମରେ କରି ନିଅନ୍ତି, କୋଟି କୋଟି ଜନ୍ମର ଦୁଃଖଦ୍ୱନ୍ଦ୍ୱ ଗୋଟିଏ ଜନ୍ମରେ ପାର ହୋଇଯାଆନ୍ତି । ଏହି ସାଧକମାନଙ୍କ ଦ୍ୱାରା ଯଥାର୍ଥରେ ନିଜର, ପରିବାରର, ଦେଶର, ଜଗତର ହିତ ସାଧିତ ହୁଏ । ସାଧକର ଗୃହତ୍ୟାଗ ଏବଂ ଭଗବତ୍ ପ୍ରାପ୍ତିର ପୂର୍ବ ଅବସ୍ଥା – ଏହି ସନ୍ଧିକାଳ ମହାନ୍ ବିପଜ୍ଜନକ । ସେତେବେଳେ ସାଧକ ନଦୀ ତୀରରେ ଛିଡ଼ା ହୋଇଥାଏ, ଟିକିଏ ଅସାବଧାନ ହେଲେ ନଦୀ ଗର୍ଭରେ ପଡ଼ିଯାଏ; ଭଗବାନଙ୍କ କୃପାରୁ ରକ୍ଷା ହେଲେ ପରମାନନ୍ଦ ପ୍ରାପ୍ତି କରିପାରେ । ସବୁ ସମୟରେ, ସବୁ ସ୍ଥାନରେ ଉତ୍ତମ କର୍ମ କରିବାକୁ ଉତ୍ତମ ବସ୍ତୁ ପ୍ରାପ୍ତ ହେବାକୁ ହେଲେ ଉତ୍ତମ ମୂଲ୍ୟ ଦେବାକୁ ହୁଏ । ଅତଏବ ଗୃହତ୍ୟାଗ କରି ଅଧ୍ୟାତ୍ମ ମାର୍ଗ ଗ୍ରହଣ କରିବା କଦାପି ସହଜ ନୁହେଁ, ସରଳ ନୁହେଁ । ଯେଉଁମାନଙ୍କର ବୈରାଗ୍ୟ ତୀବ୍ର, ବାଧା-ବିପତ୍ତିର ସମ୍ମୁଖୀନ ହେବା ପାଇଁ ଅଟଳ ଧୈର୍ଯ୍ୟ ଓ ସାହସ ଥାଏ, ଯେଉଁମାନଙ୍କର ସଂକଳ୍ପ ଅବିକମ୍ପିତ, ଯେଉଁମାନେ ପଶ୍ଚାତ୍ପଦ ନ ହୋଇ ଅଗ୍ରସର ହେବାକୁ ଦୃଢ଼ ନିଶ୍ଚୟ କରଥା'ନ୍ତି, ସେହିମାନେହିଁ ଗୃହତ୍ୟାଗ କରି ଅଧ୍ୟାତ୍ମ ମାର୍ଗ ଗ୍ରହଣ କରିବା ଉଚିତ । ଅନ୍ୟଥା ବ୍ୟକ୍ତି ଦୁଇକୂଳ ହରାଇ ମଝି ନଈରେ ଭାସେ ।

ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିବା ଗୃହତ୍ୟାଗ କରି ସାଧନା କରିବା ଅପେକ୍ଷା ସହଜ, ଯଦିଓ ଆଶୁ ଫଳପ୍ରସୂ ନୁହେଁ । ସେଥିରେ ବିବେକ, ବୈରାଗ୍ୟ ନ ଥିଲେ ଚଳିଯାଇପାରେ । କିନ୍ତୁ ଗୋଟିଏ ଜନ୍ମର କର୍ମରେ ହଜାର ହଜାର ଜନ୍ମ ଲାଗିଯାଇପାରେ । କାରଣ ଭଗବତ୍ ପ୍ରାପ୍ତି ସକାଶେ ନିମ୍ନ ପ୍ରକୃତିର କ୍ରିୟା ମୋହମାୟା, ଆସକ୍ତିକୁ ପୂର୍ଣ୍ଣରୂପେ, ନିଃଶେଷରେ ବର୍ଜନ ଏବଂ ସେସବୁର ପୂର୍ଣ୍ଣ ରୂପାନ୍ତର କରିବାକୁ ହୁଏ । ଗୃହରେ ଏହି ପ୍ରତିକୂଳ ବସ୍ତୁ ସୁଲଭ । ଏହିସବୁ ବସ୍ତୁର ଆସକ୍ତି ଦୂର କରି ଭଗବାନଙ୍କ ପ୍ରତି ଫେରାଇବା ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ହୁଏ ଏବଂ ଅନେକ ସମୟ ଲାଗିପାରେ । ଅବଶ୍ୟ ଅଧିକ ସମୟ ଲାଗିଲେ କିଛି ଯାଏ ଆସେ ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ଭଗବତ୍ ପ୍ରାପ୍ତି କରିବାକୁ ହେବ । ଭଗବତ୍ ପ୍ରାପ୍ତି ବିନା ଜନ୍ମ-ମରଣର ଦୁଃଖକଷ୍ଟ ଦୂର ହେବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ପରିବାର ତ୍ୟାଗ ସମ୍ଭବ ନୁହେଁ । ଏହି ସକାଶେ ସଂସାରରେ ରହି ନୈତିକତା ପାଳନପୂର୍ବକ ଆଧ୍ୟାତ୍ମିକତାରେ ପ୍ରବେଶ କରିବା ଭଲ । ଯଦ୍ୟପି ଏହି ମାର୍ଗରେ ଦୀର୍ଘ ସମୟ ଲାଗେ ତଥାପି ନିରାପଦ, ବାଧା-ବିପତ୍ତିର ତୀବ୍ରତା କମ୍ । କିନ୍ତୁ ନୈତିକତା ପୂର୍ଣ୍ଣରୂପେ ପାଳନ କରିବାକୁ ହୁଏ ।